



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17





Vol. 33 | ISSUE 188 | ଭାଗ ୩୩ | ସଂଖ୍ୟା ୧୮୮ | Sunday 28 September 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୨୮ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟ ପାଇଁ ୬୦ ହଜାର କୋଟି ପ୍ରକଳ୍ପ ଭେଟି ଦେଲେ ପ୍ରଧାନମନ୍ତ୍ରୀ

# ବିକାଶକୁ ବଳ ଦେଉଛି ଡବଲ ଇଞ୍ଜିନ

**ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର**

**୧୩୦ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୱାଇ-ଫାଇ ସୁବିଧା**

**ଏମ୍‌କେସିଜି ଓ ଭିମସାର ହେବ ବିଶ୍ୱସ୍ତରୀୟ ହସ୍ପିଟାଲ**

**୫୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁରୀ ଆଦେଶ ବଣ୍ଟନ**



ଝାରସୁଗୁଡ଼ା,୨୭ା୯ (ସଂଚାର ବ୍ୟୁରୋ): ଆତ୍ମନିର୍ଭରଶୀଳତା ଦିଗରେ ଏକ ବହୁତ ବଡ଼ ପଦକ୍ଷେପ ସ୍ୱରୂପ, ବିଏସଏନଏଲ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି, ଯାହା ଭାରତକୁ ୪ଜି ସେବା ଆରମ୍ଭ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆଜି ଝାରସୁଗୁଡାଠାରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି ମୋଦି। ପ୍ରଧାନମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି ସେଠାରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ବର୍ତ୍ତମାନ ନବରାତ୍ରି ପର୍ବ ପାଳନ କରାଯାଉଛି। ଏହି ପବିତ୍ର ଦିନରେ ମା' ସମଲେଇ ଏବଂ ମା' ରାମଚଣ୍ଡୀଙ୍କ ପବିତ୍ର ଭୂମିକୁ ଆସିବା ଏବଂ ଆଜିର କାର୍ଯ୍ୟକ୍ରମରେ ସମବେତ ଲୋକମାନଙ୍କୁ ଭେଟିବାର ସୌଭାଗ୍ୟ ତାଙ୍କୁ ମିଳିଛି।

ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ, ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ଓଡ଼ିଶା ➪ପୃଷ୍ଠା-୬

## ଯୁବବର୍ଗ ପାଇଁ ପ୍ରଧାନମନ୍ତ୍ରୀ ଏକ ଆଇକନ୍

- 'ସୁଭଦ୍ରା ଯୋଜନା' ଓ 'ଜିଏସ୍‌ଟି ବଚତ' ବଡ଼ ଉପଲବ୍ଧି
- ଜନ୍ମଦିନରେ ରାଜ୍ୟରେ ଦେଢ଼କୋଟି ଚାରା ଲଗାଇଛୁ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଯୁବବର୍ଗ ପାଇଁ ଏକ ଆଇକନ। ସେ ହାତକୁ ନେଉଥିବା ବିକାଶମୂଳକ କାର୍ଯ୍ୟ ଓ ଦେଶଭକ୍ତି ପାଇଁ ସେ ଯୁବପିଢ଼ିଙ୍କ ଆଦର୍ଶ। ସେବା ପକ୍ଷ ଅବସରରେ ଆୟୋଜିତ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଜିର ଏହି ଦିନଟି ରାଜ୍ୟବାସୀଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। କାରଣ, ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡିଶା ଗସ୍ତରେ ଆଜି ➪ପୃଷ୍ଠା-୬

## ରେଳ ଭିତ୍ତିଭୂମିରେ ଯୋଡ଼ି ହେଲା ୧୭୦୦ କୋଟିର ପ୍ରକଳ୍ପ

- ସମ୍ବଲପୁର ଏବଂ ସାରଳା ରେଳ ଫ୍ଲାଏଓଭର ପାଇଁ ୨୭୩ କୋଟି
- କୋରାପୁଟ-ବାଇଗୁଡ଼ା ରେଳ ଲାଇନର ହେବ ଦୋହରୀକରଣ
- ମାନବାର-କୋରାପୁଟ-ଗୋରାପୁର ରେଳଲାଇନର ଦୋହରୀକରଣ
- ଝାରସୁଗୁଡ଼ାରୁ ବ୍ରହ୍ମପୁର- ଉଧନା ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୧୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପର ଶୁଭାରମ୍ଭ ସହ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ଓଡ଼ିଶାର ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା, ମାଲ ପରିବହନକୁ ସୁଦୃଢ଼ କରିବା ଏବଂ ସମଗ୍ର ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା। ଏଥିସହ ସମାରୋହରେ ପ୍ରଧାନମନ୍ତ୍ରୀ ଅନେକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ବଲପୁର ସହର ଏବଂ ସାରଳା ମଧ୍ୟରେ ୨୭୩ କୋଟିର ରେଳ ଫ୍ଲାଏଓଭର ଦ୍ୱାରା ସାରଳା ଷ୍ଟେସନରେ ଭିଡ଼ ଦୂର ହେବ ଏବଂ କୋଇଲା, ଖଣିଜ ଏବଂ ଶିଳ୍ପ ମାଲ ପରିବହନ ପାଇଁ ➪ପୃଷ୍ଠା-୬

# ଶୋଭାଯାତ୍ରା ପାଲଟିଲା ଶବଯାତ୍ରା




- ବିଜୟଙ୍କ ରାଲି ଅଧାରୁ ବନ୍ଦ, ୫୫ ଆହତ
- ଭିଡ଼ ନିୟନ୍ତ୍ରଣ ଲାଗି ପୁଲିସର ଲାଠିଚାର୍ଜ
- ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷିତ

ନୂଆଦିଲ୍ଲୀ,୨୭ା୯: ତାମିଲନାଡୁର କରୁର୍‌ରେ ବଡ଼ ଧରଣର ଅଘଟଣ ଘଟିଛି। ଅଭିନେତାରୁ ନେତା ହୋଇଥିବା ବିଜୟଙ୍କ ରାଲରେ ଦଳାଚକଟା ଯୋଗୁ ଅନେକଙ୍କ ମୃତ୍ୟୁ ହୋଇଥିବା ଖବର ସାମନାକୁ ଆସିଛି। ମୃତ୍ୟୁ ସଂଖ୍ୟା ୩ ୫ ହୋଇଥିବା ବେଳେ ୫୫ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ପିଲା ଥିବା କୁହାଯାଉଛି। ଏହା ବ୍ୟତୀତ ରାଲିକୁ ଆସିଥିବା ଅନେକ ସମର୍ଥକ ବେହୋସ୍ ହୋଇଛନ୍ତି। ➪ପୃଷ୍ଠା-୬

## ଆଜି ଭାରତ-ପାକିସ୍ତାନ ଫାଇନାଲ



ଦୁବାଇ,୨୭ା୯: ଏସିଆ କପ୍‌ର ଫାଇନାଲ ମ୍ୟାଚ ରବିବାର ଦୁବାଇ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏହି ଫାଇନାଲ ଫାଇଟ ହେବ। ଚଳିତ ଏସିଆ କପରେ ପାକିସ୍ତାନ ତା'ର ସବୁ ମ୍ୟାଚ ଭାରତଠାରୁ ହାରିଛି। ଫାଇନାଲରେ ଭାରତର ପଲ୍ଲା ଭାରି ରହିଥିବା ବେଳେ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ଭାରତୀୟ ଓପନର ଅଭିଶେକ ଶର୍ମା ଏବେ ଫୁଲ ଫର୍ମରେ ଥିବା ଏକ ଶୁଭ ସଂକେତ। କିନ୍ତୁ ଅଧିନାୟକ ସୂର୍ଯ୍ୟକୁମାର, ଶିବମ ଦୁବେ ଏପର୍ଯ୍ୟନ୍ତ ଫ୍ଲପ ସାବ୍ୟସ୍ତ ହୋଇଛନ୍ତି। ପାକିସ୍ତାନକୁ ହାଲୁକା ଭାବେ ଗ୍ରହଣ କରାଯାଇ ନପାରେ। ଦଳରେ ଅନେକ ଭଲ ଖେଳାଳି ଅଛନ୍ତି। ଉଭୟ ଦଳରେ କେତେକ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ସର୍ବୋପରି ଟସ୍, ପିଚ୍ କଣ୍ଡିସନ ଓ ପାଣିପାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। 'ଅପରେଶନ ସୁନ୍ଦର' ପରେ ଦୁଇ ଦେଶ ପାଇଁ ଏହି ଫାଇନାଲ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ରାଗରେ ରକ୍ତ ଚାଉଳ କାମୁଡୁଥିବା ପାକିସ୍ତାନ ପାଇଁ ଏହି ମ୍ୟାଚ ନିଶ୍ଚୟ ଉତ୍କଣ୍ଠାପୂର୍ଣ୍ଣ।

## ମାଓବାଦୀଙ୍କ ବନ୍ଧୁକ କାରଖାନା ଧ୍ୱଂସ

**ବହୁ ବିସ୍ଫୋରକ ଓ ବନ୍ଧୁକ ତିଆରି ସାମଗ୍ରୀ ଜବତ**



ମାଲକାନଗିରି,୨୭ା୯(ସଂଚାର ବ୍ୟୁରୋ): ସୀମାନ୍ତ ଛତିଶଗଡ଼ର ମାଓପ୍ରବଣ ଅଞ୍ଚଳରେ ପୁଲିସକୁ ମିଳିଛି ଆଉ ଏକ ବଡ଼ ସଫଳତା। ସୁକମା ଜିଲ୍ଲାର ମେଟାଗୁଡା ଜଙ୍ଗଲରେ ମାଓବାଦୀ ତିଆରି କରିଥିବା ବନ୍ଧୁକ କାରଖାନାକୁ ଧ୍ୱଂସ କରିଛନ୍ତି ଯବାନ। ମାଓବାଦୀ ଏକ ବଡଧରଣର ହମଲାକୁ ଯବାନ ବିଫଳ କରିଦେଇଛନ୍ତି। ଏହି କାରଖାନାରେ ବାରୁଦ, ➪ପୃଷ୍ଠା-୬

## ୱାଙ୍ଗଚୁକଙ୍କ ପାକିସ୍ତାନ ଲିଙ୍କ ରହିଛି: ଡିଜିପି

ନୂଆଦିଲ୍ଲୀ,୨୭ା୯: ରାଜ୍ୟ ମାନ୍ୟତା ଦାବି ବେଳେ ଲଦାଖରେ ହୋଇଥିବା ଭୟଙ୍କର ହିଂସାକାଣ୍ଡ ଘଟଣାରେ ଗିରଫ ବିଶିଷ୍ଟ ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ ନେଇ ବଡ଼ ଦାବି କରିଛନ୍ତି ଡିଜିପି ଏସ୍‌ଡି ସିଂହ ଜମୱାଲ। ବୁଧବାର ହିଂସାକାଣ୍ଡ ପରେ ଶୁକ୍ରବାର ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ ବା ଏନଏସଏ ବଳରେ ଗିରଫ କରାଯାଇଥିଲା। ସେ ହିଂସାକୁ ଉସାଇବାରୁ ବିକ୍ଷୋଭକାରୀମାନେ ବ୍ୟାପକ ପୋଡ଼ାଜଳା କରିଥିଲେ ବୋଲି ଅଭିଯୋଗ ହୋଇଛି। ଏସବୁ ଭିତରେ ବାରମ୍ବାର ଲଦାଖକୁ ରାଜ୍ୟ ମାନ୍ୟତା ଦାବି କରି ଅନଶନ କରୁଥିବା ୱାଙ୍ଗଚୁକଙ୍କ ଲିଙ୍କ ➪ପୃଷ୍ଠା-୬

## ଗୋଟିଏ ଗୁଳିରେ ଭକ୍ତଙ୍କ ଦ୍ୱୈତ ଶିକାର

- ଅଧିକାଂଶ ଜିଲ୍ଲାରେ ନୂଆ ମୁହଁ
- ବରିଷ୍ଠଙ୍କ ତୁଣ୍ଡରେ ବାନ୍ଧିଲେ ତୁଣ୍ଡି



ଭୁବନେଶ୍ୱର,୨୭ା୯ (ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ ସଭାପତି ଜିଲ୍ଲା ସଭାପତି ନିଯୁକ୍ତି ପ୍ରକ୍ରିୟାରେ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। କେତେକ କ୍ଷେତ୍ରରେ ଜିଲ୍ଲାରେ ନିୟମିତ ଭାବେ ଦାୟିତ୍ୱ ନେଉଥିବା ନେତାଙ୍କୁ ହଟେଇ ନୂଆ ମୁହଁ ଦେଇଛନ୍ତି, ତ ଆଉ କେଉଁଠି ବାରିଷ୍ଠଙ୍କ ମୁହଁ ବନ୍ଦ କରିବାରେ ସଫଳ ହୋଇଛନ୍ତି।

ପ୍ରଥମ ଥର ପାଇଁ ଭକ୍ତ ଦାସ ଅତି ଚତୁରତାର ସହ ଏଆଇସିସି ତତ୍ତ୍ୱାବଧାନରେ ଜିଲ୍ଲା ସଭାପତି ଚୟନ କଲେ। ଏଆଇସିସିର ସମ୍ପୃକ୍ତି ଥିବାରୁ କେହି ବିରୋଧ କରିବାକୁ ସାହସ କରିପାରୁନାହାନ୍ତି। ଏମିତିବି ବହୁ ଜିଲ୍ଲାରେ ଅସନ୍ତୁଷ୍ଟ ନେତାଙ୍କୁ ସୃଜନ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦେଇ ସେମାନଙ୍କୁ ଚୁପ କରାଇବାରେ ସକ୍ଷମ ହୋଇଛନ୍ତି। ସବୁଠୁ ବଡ କଥା ହେଲା ଏଥର ଜିଲ୍ଲା ସଭାପତି ଚୟନରେ ଭକ୍ତ ସମ୍ପୂର୍ଣ୍ଣ ଭାବେ ନିଜ ଟିମ କରିଛନ୍ତି। ଆଉ ୩୫ ସାଂଗଠନିକ ଜିଲ୍ଲାରୁ ପ୍ରାୟ ୨୯ଟିରେ ନୂଆ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି।

ସେହିଭଳି ଭକ୍ତଙ୍କ ବିରୋଧୀ କୁହାଯାଉଥିବା ଜୟଦେବ ଜେନାଙ୍କ ପୁଅଙ୍କୁ କେନ୍ଦୁଝର ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯାଇଛି। ସେହିଭଳି କଟକରେ ମୋକିମଙ୍କ ଅନୁଗତ ଗିରିବାଲା ବେହେରାଙ୍କୁ ଜିଲ୍ଲା ସଭାପତି କରାଯାଇଛି। ସେପଟେ ମୋକିମଙ୍କ ଝିଅ ତଥା ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କୁ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ତେଲଙ୍ଗାନା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ କରାଯାଇଛି। ଯଦିଓ ବରିଷ୍ଠ ନେତା ସୁରେଶ ରାଉତରାୟ କିମ୍ବା ତାଙ୍କ ➪ପୃଷ୍ଠା-୬

### ଆଇଆଇଟି ପାଟନାରେ 'ସେବା ପର୍ବ'ରେ କେନ୍ଦ୍ରମନ୍ତ୍ରୀ


## ଓଡ଼ିଶାକୁ ନୂଆ ଗତି ଦେଉଛନ୍ତି ପ୍ରଧାନମନ୍ତ୍ରୀ

- ପାଟନାରୁ ଭିଡିଓ କନଫରେନ୍ସିଂରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ
- ଦୀଘା ବିଧାନସଭା ନିର୍ବାଚନମଣ୍ଡଳୀ ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଲେ
- ୱାଇ-ଫାଇ ସୁବିଧା ଦ୍ୱାରା ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ



ପାଟନା/ବିହାର,୨୭ା୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସେବା ପର୍ବ -୨୦୨୫' ଅବସରରେ ଝାରସୁଗୁଡ଼ାରେ ଯୁବ ସମାବେଶରେ ଯୋଗଦେଇ ଓଡ଼ିଶା ସମେତ ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରାୟ ୬୦,୦୦୦ କୋଟି ମୂଲ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉନ୍ମୋଚନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ, ଦକ୍ଷତା ବିକାଶ ଓ ଭିତ୍ତିଭୂମି କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବ। ସମୃଦ୍ଧ ଓଡ଼ିଶା ଏବଂ ଦେଶର ସାମାଜିକ-ଆର୍ଥିକ ବିକାଶରେ ନୂତନ ଗତି ଦେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଆଇଆଇଟି ପାଟନାରୁ ଝାରସୁଗୁଡାରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ସେବା ପକ୍ଷ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା ଏବଂ ଆମ ଦେଶର ବିକାଶ ପଥ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୩,୦୦୦ କୋଟି ଟଙ୍କା ➪ପୃଷ୍ଠା-୬



**କାନ ଡେରିଆ**

ଦୁର୍ଗା ପୂଜା ଏବେ ଓଦାଳିଆ
ହେବ
ଆହୁରି ବର୍ଷା କାଟିବ
ଦୋକାନ ବଜାର ଅଫର
ଲାଗଇ
କଷ୍ଟମର ଜଗି ଥିବ
କିଏ ଓଦା ହୋଇ ଯିବ?
ପ୍ରତ୍ୟେକ ବରଷ ଅକଟୋବର
ମାସ
ନିହାତି ମନେ ରହିବ ।

■ ଦେବାଶିଷ


# ଖଣି ଅଞ୍ଚଳରେ ସୁଧୁରୁନି ଜୁଆଙ୍ଗଙ୍କ ସ୍ଥିତି

- ଭଙ୍ଗା ଘରେ ଜୁଆଙ୍ଗ ଜନଜାତି
- ଭତ୍ତା ପାଇଁ ହେଉଛନ୍ତି ନେହୁରା

ଭୁବନେଶ୍ୱର,୨୭ା୯(ସଂଚାର ବ୍ୟୁରୋ) : ରତ୍ନଗର୍ଭା କେନ୍ଦୁଝର ତାହାର ଖଣିଜ ସମ୍ପଦ ପାଇଁ ସାରା ବିଶ୍ୱରେ ପରିଚିତ। ଏଠାକୁ ଆସୁଛନ୍ତି ଦେଶ ବିଦେଶର ବହୁ ଶିଳ୍ପପତି। କିଏ କାରଖାନା ବସାଉଛି ତ ଆଉ କିଏ ଖଣି ଖୋଳୁଛି। ହେଲେ ଏହି ଅଞ୍ଚଳରେ ମାଟିର ପୁଅ କିନ୍ତୁ ଆଜି ବି ଝାଟିମାଟି ଘରେ। ଖୋଲା ଆକାଶ ତଳେ। ଉପରେ ଛପର ନାହିଁ କି ତଳେ ବତର ନାହିଁ। ସରକାରୀ ଯୋଜନା ଏଠାରେ ସାତସପନ। ଏମାନଙ୍କ ନିକଟରେ ସରକାରୀ ବାବୁମାନେ ବି ଅପହଞ୍ଚ।

କେନ୍ଦୁଝର ନିର୍ବାଚନମଣ୍ଡଳୀ ବାଂଶପାଳ ବ୍ଲକ କୋଡିପଶା ପଞ୍ଚାୟତରେ ରହିଛି ଘୁଙ୍ଗି ଗାଁ। ସେଠାରେ ରୁହନ୍ତି ବହୁ ଜୁଆଙ୍ଗ ଜନଜାତି। ଏହି ଗାଁରେ ରୁହନ୍ତି ସୁରେନ୍ ଜୁଆଙ୍ଗ। ଘରେ ସ୍ତ୍ରୀ ସହିତ ୨ ଝିଅ ଓ ୨ ପୁଅ। ସୁରେନଙ୍କର ଘରଖଣ୍ଡେ ନାହିଁ। ବିଜୁ ଆବାସ ଠାରୁ ପ୍ରଧାନମନ୍ତ୍ରୀ ଆବାସ ସବୁ ଏଠାରେ ଅପହଞ୍ଚ। ସୁରେନଙ୍କର ଭତ୍ତା ବି ହୋଇନାହିଁ। ଏବେ ପୂରା ପରିବାର ଏକ ଝାଟିମାଟି ଘରେ ରହୁଛନ୍ତି। ସରକାରୀ ସହାୟତା ବିନା ଏମାନେ ଘରଖଣ୍ଡେ କରିବାକୁ ସକ୍ଷମ ନୁହନ୍ତି।

ସେହିଭଳି ଅନ୍ତ୍ୟୋଦୟ ଯୋଜନାରେ କେବଳ ଚାଉଳ ପାଉଛନ୍ତି ସୁରେନ। ଛଅ ଜଣିଆ ପରିବାର ୩୫ କିଲୋ ଚାଉଳରେ ଚଳିବା କଷ୍ଟ ହେଉଛି। ମଜୁରୀ ଗଣ୍ଡାକ ଉପରେ ଭରସା। ତାହା ପୁଣି ସବୁଦିନେ ମିଳେନାହିଁ। ଆଖପାଖ ଗାଁର ଅନେକ ଲୋକ ସରକାରୀ ପକ୍କାଘର ପାଇଥିବା ବେଳେ, ଏ ଜୁଆଙ୍ଗ ଜନଜାତିର ଲୋକେ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରି ଅବସ୍ଥାରେ ରହୁଥିବା ଲୋକଙ୍କ ଦୁଃଖ ବୁଝିବାକୁ କେହି ନାହାଁନ୍ତି। ସରକାରୀ ବାବୁଙ୍କର ଦେଖା ବି ନାହିଁ।



ଏ ବର୍ଷର ମଇ ମାସରୁ ଆଜି ପର୍ଯ୍ୟନ୍ତ ହେଉଥିବା ଲଗାଣ ବର୍ଷାରେ କେମିତି ରହୁଥିବେ ତାଙ୍କ ପରିବାର, ସହଜରେ ବୁଝି ହେଉଛି। ସବୁଠାରୁ ବଡକଥା ହେଲା ଏଠାକାର ବିଧାୟକ ହେଉଛନ୍ତି ସ୍ୱୟଂ ମୁଖ୍ୟମନ୍ତ୍ରୀ। ହେଲେ ସରକାରୀ ବାବୁମାନଙ୍କର ପାଦ ଏଠାରେ ପଡୁନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଖାତିର ନାହିଁ କହିଲେ ଚଳେ।

ସେହିଭଳି ଆଉଜଣେ ବ୍ୟକ୍ତି ହେଲେ କୃଷ୍ଣ ଜୁଆଙ୍ଗ। ଘର ନାହିଁ କି ଭତ୍ତା ନାହିଁ। ସରକାରୀ ଯୋଜନାଠାରୁ ବହୁ ଦୂରରେ। ଏବେବି କୃଷ୍ଣଙ୍କ ପରିବାର ଝାଟିମାଟି/ ଭଙ୍ଗା ଦଦରା ଘରେ ରହୁଛନ୍ତି। ହାତୀ ଉପଦ୍ରବ ଇଲାକା ହୋଇଥିବାରୁ କେତେବେଳେ ହାତୀ ପାଦତଳେ ଜୀବନ ଚାଲିଯିବ, ତାହା କହିହେବ ନାହିଁ। ପାଖ ପଡିଶା ଗାଁ/ ସାହିରେ ସ୍ୱଚ୍ଛଳ ବର୍ଗର ଲୋକ ସରକାରୀ ପକ୍କା ଘର ପାଇଥିବା ବେଳେ, ଏ ଗରୀବ, ଆଦିବାସୀ ଜନଜାତି, ଦିନ ମଜୁରିଆ ଲୋକେ ଘର ପାଇବାରୁ ବଞ୍ଚିତ ହେଲେ କିପରି, ତାହା ତଦନ୍ତ ସାପେକ୍ଷ।

ଏଭଳି ସ୍ଥିତି ପାଇଁ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କର ହେରାଫେରିକୁ ବି ଏଡାଇ ଦିଆଯାଇ ନପାରେ ବୋଲି ସେଠାକାର କେତେକ ସ୍ୱେଚ୍ଛାସେବୀ ଯୁବକ କହିଛନ୍ତି। ସେମାନଙ୍କ କହିବା କଥା ହେଲା ➪ପୃଷ୍ଠା-୬

# ‘ସେବା ପକ୍ଷ’ରୁ ରକ୍ତଦାନ ଶିବିର, ୧୭୨ ୟୁନିଟ୍ ରକ୍ତ ସଂଗୃହୀତ




**ଗରଦପୁର,୨୭।୯(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ପକ୍ଷରୁ ଏବେ ସାରା ଦେଶରେ ସେବା ପକ୍ଷ ପାଳିତ ହେଉଛି । ଏପରିକି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ା ଆସି ବିଭିନ୍ନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏହି ଅବସର କୁ ଜନସାଧାରଣ ଙ୍କ ନିକଟରେ ପହଞ୍ଚାଇବା ପାଇଁ ପାଟକୁରା ବିଜେପି ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏହି ରକ୍ତଦାନ ଶିବିର ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା ଙ୍କ ତତ୍ୱାବଧାନରେ ଗରଦପୁର ବ୍ଲକ କୋରୁଆସ୍ଥ ନୋଡାଲ ଆଇଟିଆଇ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହ ୧୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ପ୍ରଶାସକ ଡ଼ଃ ନିରଞ୍ଜନ କର, ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ବିକ୍ରମ କେଶରୀ ରାଉତରାୟ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ନାୟକ,ଚିତ୍ତରଞ୍ଜନ ଚୋଧୁରୀ, ସରପଞ୍ଚ ଅମୀୟ କୁମାର ଜେନା, ମାନସ ରାଉତ, ନୟନ ବଲ୍ଲଭ ନାୟକ,ଗୁରୁଚରଣ ଜେନା, ଗୁଣନିଧି ଦାସ, ବିଜ୍ଞାନରତ୍ନ ସୂତାର, ନାରୀ ନେତ୍ରୀ ଶାନ୍ତି ଲତା ପଟ୍ଟନାୟକ,ଚିତ୍ତରଞ୍ଜନ ସେଠୀ, ମୃତ୍ୟୁଞ୍ଜୟ ଲେଙ୍କା, ମନୋଜ ମଲ୍ଲିକ, ସଞ୍ଜୟ ସ୍ୱାଇଁଙ୍କ ସମେତ ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀଙ୍କ ସହ ପାଟକୁରାର ବିଜେପି କର୍ମୀ ସହଯୋଗ କରିଥିଲେ ।

## ଓଏଏସ ପରୀକ୍ଷାରେ ରାଜନଗରରୁ ୩ ଜଣଙ୍କୁ ସଫଳତା



**ରାଜନଗର,୨୭।୯(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ( ଓ ଏ ଏସ ) ପରୀକ୍ଷାରେ ଚଳିତ ବର୍ଷ ରାଜନଗର ବ୍ଲକରୁ ୩ ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରି ଏ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି କୃତି ପରୀକ୍ଷାର୍ଥୀ ହେଲେ ଘଡ଼ିଆମାଳ ଗ୍ରାମର ରାଜେନ୍ଦ୍ର ମାଝୀ, ମହୁଲିଆ ଗ୍ରାମର ସୁଧୀର ରଂଜନ ଦେବଶର୍ମା ଦାଶ ଓ ସରସ୍ୱତୀ ମହାପାତ୍ର ଓ ଏ ଏସ ସଫଳତା ହାସଲ କରିଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏକ କାଳୀନ ଗୋଟିଏ ବ୍ଲକରୁ ୩ ଜଣ ଓ ଏ ଏସ ପାଇବା ଆମ ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଚାଷୀଙ୍କ ପୁଅ ଜୟପ୍ରକାଶ ହେବେ ପ୍ରଶାସନିକ ଅଧିକାରୀ

● ଓଏସ ପରୀକ୍ଷାରେ ପାଇଲେ ୨୦୦ତମ ସ୍ଥାନ



**ମହାକାଳପଡ଼ା,୨୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଚାଷୀ ତ୍ରିଲୋଚନ ବେହେରାଙ୍କ ପୁଅ ଜୟପ୍ରକାଶ ବେହେରା ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ୨୦୨୩-୨୪ ପରୀକ୍ଷାରେ ୨୦୦ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ସଫଳତା ସମଗ୍ର ମହାକାଳପଡ଼ା ଅଞ୍ଚଳ ପାଇଁ ଗୌରବ ଆଣିଛି। ପ୍ରକାଶ ଚାଷୀ ପରିବାରରେ ଜନ୍ମ ହୋଇ ଗାଆଁ ନିକଟ ଗାନ୍ଧିଜୀ ବିଦ୍ୟାପୀଠ, ଗୋଜାବନ୍ଧରୁ ୨୦୧୨ ମସିହାରେ ମାଟ୍ରିକ ପାସ୍ କରିବା ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଯୁକ୍ତ-୨ ଏବଂ ଯୁକ୍ତ -୩ ପାସ୍ କରିଛନ୍ତି। ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତରରେ ପ୍ରଥମ ଶ୍ରେଣୀ ହାସଲ କରି ଦିଲ୍ଲୀ ଏବଂ ବାଙ୍ଗାଲୋରରେ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଜୟପ୍ରକାଶ। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ପିତାମାତା ଓ ପରିବାର ବର୍ଗଙ୍କୁ ଦେଇଛନ୍ତି। ଜୟପ୍ରକାଶଙ୍କ ସଫଳତା ପରେ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଇଛି।

## ସାଲେପୁରର ଗର୍ବ ତାରିଣୀ ପ୍ରସାଦ



**ସାଲେପୁର,୨୭।୯(ସଂଚାର ବ୍ୟୁରୋ):** ଓଏଏସ ସ୍ତରରେ ୬୮ତମ ସ୍ଥାନରେ ରହି ସାଲେପୁର ପାଇଁ ଗର୍ବ ଆଣି ଦେଇଛନ୍ତି, ତାରିଣୀ ପ୍ରସାଦ ଦାଶ । ସୂଚନା ମୁତାବକ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଜଣେ ଦକ୍ଷ ଓକିଲ ମାନସ କୁମାର ଦାଶଙ୍କ ପୁଅ ତାରିଣୀ ପ୍ରସାଦ ଦାଶ। ତାରିଣୀ ଚଳିତବର୍ଷ ପ୍ରଶାସନିକ ସେବା ପରୀକ୍ଷାରେ ୬୮ତମ ସ୍ଥାନ ଗ୍ରହଣ କରି ସଫଳ ହାସଲ କରି ଅଞ୍ଚଳ ପାଇଁ ଗର୍ବ ଆଣି ଦେଇଛନ୍ତି । ସେ କଟକ ମୁଣ୍ଡୁଳି ସ୍ଥିତ ଜବହାର ନବୋଦୟ ବିଦ୍ୟାଳୟ ରୁ ୨୦୧୬ ମସିହା ରେ +୨ପାସ କରିବାସହ ଓ.ୟୁ. ଏ.ଟି ରେ କୃଷି ବିଭାଗରେ ବି. ଏସସି କରିଛନ୍ତି । ଏହି ସଫଳତା ପାଇଁ ସେ ସମସ୍ତ ଶ୍ରେୟ ନିଜ ପିତା ମାନସ କୁମାର ଦାଶ ଏବଂ ମାତା ସ୍ନେହଲତା ନନ୍ଦ ଓ ପରିବାର ବର୍ଗଙ୍କୁ ଦେଇଥିବା ଜଣାଯାଇଛି ।

# ଡ୍ରେନେଜ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଜରାଜୀର୍ଣ୍ଣ

**ମାର୍ଶାଘାଇ,୨୭।୯ (ସଂଚାର ବ୍ୟୁରୋ):** ମାର୍ଶାଘାଇରେ ଥିବା କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନ ଅଫିସକୁ ସଂଯୋଗ କରିଥିବା କେନାଲବନ୍ଧ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଛି । ଝୋଟ ସୋସାଇଟିଗଡା (ମାର୍ଶାଘାଇ ଜିରୋ ପଏଣ୍ଟ)ଠାରୁ କଳପଡା

### ମରାମତି ଦାବି

ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତାର ପ୍ରଥମରୁ ପ୍ରାୟ ଦୁଇଶହ ଫୁଟ ରାସ୍ତାରେ ଏହି ଖାଲଖମା ହୋଇଛି। କଳପଡା ଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ମରାମତି ଏବଂ ପିଚୁ କାମ ହୋଇ ସେହି ଦୁଇଶହ ଫୁଟ ପୂର୍ବରୁ ପିଚୁ କାମ ଶେଷ ହୋଇଛି। ଅବଶିଷ୍ଟ ୩ ଶହ ଫୁଟ ରାସ୍ତାକୁ ମରାମତି ନ କରାଯିବାରୁ ତାହା ଏବେ ବଡ଼ ଧରଣର ଖାଲ ଖମାରେ ପରିଣତ ହୋଇଗଲାଣି।




ଏହି ରାସ୍ତାଟି ମାର୍ଶାଘାଇ ବଜାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଲେଜ ଏବଂ ବିଭିନ୍ନ ଅଫିସ ବ୍ୟାଙ୍କକୁ ଯାତାୟତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ଅଟେ । କଷୋଟିବାଲି, ପେହେଣ୍ଟା, ଦରବଛା, ମଣିକୁଣ୍ଡା, ବ୍ରାହ୍ମଣୀଅଣ୍ଟା, ମାଣତିର, ହିନ୍ଦୁଳିଆ ପ୍ରଭୃତି ଗ୍ରାମ ସମେତ ମାର୍ଶାଘାଇବ୍ଲକର ଧୋୟାଞ୍ଚଳ ଭାବେ ପରିଚିତ ବଚ୍ଛରାଇ, ମେହେନ୍ଦିନଗର, ଆଖୁଆଦକ୍ଷିଣୀ, ବନ୍ଧକଟା, ଯମପଡା, କରିଲୋପାଟଣା, ଆୟତପୁର, ଜଳପୋକ ଆଦି ପଞ୍ଚାୟତର ଲୋକମାନଙ୍କ ଯାତାୟତ ପାଇଁ ଏହି ରାସ୍ତା ମୁଖ୍ୟ ରାସ୍ତା ଅଟେ। ଦୈନିକ ଶହ ଶହ ଲୋକ ମର୍ଣ୍ଣିଙ୍ଗୱାକ ଏବଂ ଇଭିନିଙ୍ଗ ୱାକ କରିବାକୁ ଏହି ରାସ୍ତାରେ ଯାଉଛନ୍ତି। ଖାଲ ଖମାରେ ପଡ଼ି ଅନେକେ ଖଣ୍ଡିଆ ଖାବରା ହେଉଛନ୍ତି। ଏହାକୁ ନେଇ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ବିଜୁ ସେତୁ ପାଇଁ ଅପ୍ରୋଚ ନିର୍ମାଣ ହେଲେ ଏହି ରାସ୍ତା ଉପରେ ପୂର୍ତ୍ତ ବିଭାଗ ଉଚ୍ଚ ରାସ୍ତା ନିର୍ମାଣ କରିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି । ତେବେ କେତେ ଦିନ ଭିତରେ ଅପ୍ରୋଚ ରାସ୍ତା ତିଆରି ହେବ ତାହାର ଠିକ ଠିକଣା ନ ଥିବା ବେଳେ ୩ ବର୍ଷ ହେବ ରାସ୍ତାର ଦୁରାବସ୍ଥା ପାଇଁ ସ୍ଥାନୀୟ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି ।

# ଫେସ୍‌ବୁକ ପୋଷ୍ଟିଂ ମାମଲାରେ ଜଣେ ଗିରଫ

### କାର୍ଯ୍ୟାନୁଷ୍ଠାନ ନହେଲେ ତିନିମୁହାଣୀରେ ରାସ୍ତାରୋକ ଚେତାବନୀ

**କେନ୍ଦ୍ରାପଡା,୨୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରରେ ଦଶହରା ଓ ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅବ୍ୟବହିତ ପୂର୍ବରୁ ସାଧାରଣ ଫେସ୍‌ବୁକ ପୋଷ୍ଟିଂକୁ ନେଇ ବିବାଦ ଦେଖା ଦେଇଛି। ଏନେଇ ଜଣେ ଗିରଫ ହୋଇଥିବା ବେଳେ ଅପରପକ୍ଷର ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ତିନିମୁହାଣୀ ଠାରେ ରାସ୍ତାରୋକ କରାଯାଇ କେନ୍ଦ୍ରାପଡାକୁ ଅଚଳ କରି ଦିଆଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି ।



ଘଟଣା ମୁତାବକ ତିନିମୁହାଣୀରେ ରହୁଥିବା ରାହୁଲ ଥାପ୍ପା ନାମକ ଜଣେ ଯୁବକ ଫେସ୍‌ବୁକ ରେ ଏକ ପୋଷ୍ଟିଂ ଆଡ କରିଥିଲେ। ନିଜେ ଚେୟାରରେ ବସିଥିବା ବେଳେ ଫଟୋର ମଧଭାଗରେ ଉର୍ଦ୍ଦୁ ଭାଷାର ଏକ ଗୀତ ସ୍କ୍ରଲରେ ଚାଲିଥିଲା । ଏହାକୁ ନେଇ ବଡହାଟ ଅଂଚଳର ଗୁଡନ ଖାନ ନାମକ ଜଣେ ବ୍ୟକ୍ତି ଏହା ଧାର୍ମୀକ ଭାବନାକୁ ଆଘାତ ଦେଉଛି ବୋଲି ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ୨୦୮/୨୫ରେ ଏକ ମାମଲା ରୁଜୁ କରି ରାହୁଲକୁ ଆଜି କୋର୍ଟ ଚାଲାଣ କରିଛନ୍ତି ।

ଏହି ଘଟଣା ପରେ ଫେସବୁକରେ ରାହୁଲ ବିରୋଧରେ ଅନେକ ପୋଷ୍ଟିଂ ଦେଖିବାକୁ ମିଳିଥିଲା। “ସର ତନ ସେ ଜୁଦା” ସୁଅର କା ଔଲାଦ, କୁତେ କା ଔଲାଦ ପ୍ରଭୃତି ଲେଖା ଥିବା ପୋଷ୍ଟିଂ ଗୁଡିକ ରାହୁଲ ଫଟୋ ସହିତ ପୋଷ୍ଟି ହେବାରୁ ତିନିମୁହାଣୀ ଅଂଚଳରେ ବହୁ ସଂଖ୍ୟକ ବ୍ୟକ୍ତି ଏକାଠି ହୋଇ ଏଭଳି ଘଟଣାର ପ୍ରତିବାଦ ସହ ରସ୍ତାରୋକ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଘଟଣା ସ୍ଥଳରେ ପହଁଚି ଉତ୍ତେଜିତ ଲୋକ ମାନଙ୍କୁ ଶାନ୍ତ କରିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ।

ଛୋଟିଆ କଥାକୁ ନେଇ ଉତେଜନା ଆରମ୍ଭ କରୁଥିବା ସେକ ଆରିଫ୍, ସେକ ଫରିଦ ଓ ସେକ ରିଜୁଆନଙ୍କ ବିରୋଧ ରେ ଦିଆ ଯାଇଥିବା ଏଫୟାରକୁ ଥାନା ଅଧିକାରୀ ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେଇଥିଲେ। ତେବେ ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ତିନିମୁହାଣୀ ଠାରେ ରାସ୍ତାରୋକ କରାଯାଇ ଅଚଳ କରି ଦିଆଯିବ ବୋଲି ଧର୍ମରକ୍ଷା ସେନା ପକ୍ଷରୁ ଉମେଶ ଦାସ, ବଳରାମ ମହାରଣା, ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ପ୍ରମୁଖ ଚେତାବନୀ ଦେଇଛନ୍ତି ।

● ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ

**ବାରିପଦା,୨୭।୯(ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ମାମଲାର ବିଚାର କରି ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫) କୁ ପକ୍‌ସୋ ଆକ୍ଟର ଦଫା ୬ ଅନୁଯାୟୀ ଆଜୀବନ (ମୃତ୍ୟୁ ପର୍ଯ୍ୟନ୍ତ) ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାକୁ ୧୦ ହଜାର ଟଙ୍କା ଜୋରିମାନା ପଇଠ କରିବାକୁ ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ତାକୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟ କହିଛନ୍ତି। ମାମଲାର ବିବରଣୀ ଅନୁସାରେ, ଗତବର୍ଷ ନଭେମ୍ବର ୪ ତାରିଖ ସନ୍ଧ୍ୟାରେ ଉକ୍ତ ପୀଡ଼ିତା ଦୋକାନରୁ ଫେରୁଥିବା ସମୟରେ ଅଭିଯୁକ୍ତ ଅସିତ ତାଙ୍କୁ ଦୁଷ୍କର୍ମ କରିଥିଲା। ଏଥିସହ ଏନେଇ କାହାକୁ କିଛି କହିଲେ ତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ସେ ଧମକ ଦେଇଥିଲା। ଏନେଇ ପୀଡ଼ିତାଙ୍କ ମା’ ଲିଖିତ ଅଭିଯୋଗ କରିବାପରେ ବୈଶିଙ୍ଗା ଥାନାରେ ୩୯୫/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ଡେରାବିଶ,୨୭।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଲା ଗ୍ରାମର ୬୫ ବର୍ଷୀୟ ବୃଦ୍ଧ ପ୍ରଭାକର ମଳିକଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସେ ଗତକାଲି କୌଣସି କାମରେ କଟକ ଜିଲ୍ଲାର ଅସୁରେଶ୍ୱର ଅଞ୍ଚଳକୁ ଯାଇଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନିଶ୍ଚିନ୍ତ କୋଇଲି ଓ ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡ଼ିକାଲକୁ ସ୍ଥାନନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ଶବ ବ୍ୟବଚ୍ଛେଦ କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଳିକ ପ୍ରଭାକରଙ୍କ ପରିବାର ନିକଟରେ ପହଞ୍ଚି ଶେଷ ଦର୍ଶନ କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।

## ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ



**ରାଜନଗର,୨୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟର ଶନିବାର ପୂର୍ବାହ୍ନରେ ରାଜନଗର ବ୍ଲକ ସମିଳନୀ କକ୍ଷରେ ବ୍ଲକର ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି । ଗ୍ରାମାଞ୍ଚଳ ଗୃହ ଯୋଜନା, ଅନ୍ତର୍ଦ୍ଦ୍ୱୟ ଗୃହ ଯୋଜନା, ଜାତୀୟ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ସମ୍ବଧିୟ ଯୋଜନାର କାର୍ଯ୍ୟ କାରୀତା ସମ୍ବଧରେ ସମ୍ପୃକ୍ତ ବ୍ଲକ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ଏହାର ଅଗ୍ରଗତି ଉପରେ ଗୁରୁତ୍ୱ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ବିଡ଼ିଓ ଅନିରୁଦ୍ଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମୀକ୍ଷା ବୈଠକରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିବିର ପ୍ରସ୍ତୁତି ବୈଠକ



**ସାଲେପୁର,୨୭।୯(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଠାରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ପ୍ରସ୍ତୁତି ବୈଠକ ସାଲେପୁର ବ୍ଲକର ସଭାଗୃହରେ ଅନୁଷିତ ହୋଇଥିଲା । ଉକ୍ତ ବୈଠକରେ ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମାନ୍ୟବର ସାଂସଦଙ୍କ ପ୍ରତିନିଧି ସନାତନ ଦାଶ, ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ବ୍ଲକ ଉନ୍ନୟନ ଅଧିକାରିଣୀ ଲୋପାମୁଦ୍ରା ନାୟକ, ତହସିଲଧାର ଜୟନ୍ତ କୁମାର ଜୟସିଂ, ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ମଲ୍ଲିକ ସରପଞ୍ଚ, ସମିତିର ସଭ୍ୟ ସଭ୍ୟା ତଥା ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଉକ୍ତ ଶିବିରକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ନିମନ୍ତେ ସଭାରେ ସ୍ଥିର କରାଯାଇଛି।

# ରାତି ଅଧରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

● ଜିଲ୍ଲାପାଳ ଓ ପୌର ଅଧିକାରୀଙ୍କୁ ଅଭିଯୋଗ କଲେ ମହିଳା କାଉନସିଲର

**କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରପରିଷଦ ଅଧିନ ୧୨ନମ୍ବର ୱାର୍ଡରେ ରାତିଅଧିଆ ଅତ୍ୟନ୍ତ ତରବରିଆ ଭାବେ ଏକ କମ୍ୟୁନିଟି ସେଣ୍ଟର (ଗୋଷ୍ଠିକେନ୍ଦ୍ର) କୁ କାହାକୁ ନଜଣାଇ ପୌରାଧକ୍ଷାଙ୍କ ସ୍ୱାମୀ ହାତଗଣତି କେତେ ଜଣ ସମର୍ଥକଙ୍କୁ ଧରି ଉଦଘାଟନ କରିଥିବା ଅଭିଯୋଗ ହୋଇଛି। ଏନେଇ ସେହି ୱାର୍ଡର କାଉନସିଲର ରିହାନା ଖାତୁନ ପ୍ରଥମେ ପୌର ଅଧିକାରୀ ଏବଂ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ।



ଅଭିଯୋଗରୁ ପ୍ରକାଶ ଯେ ଗତ ବୁଧବାର ରାତି ପ୍ରାୟ ସାଢେ ଦଶଟା ସମୟରେ ପୌରାଧକ୍ଷାଙ୍କ ସ୍ୱାମୀ ରଞ୍ଜିତ କୁମାର ସାହୁ କେତେକ ଦଳୀୟ ସମର୍ଥକଙ୍କୁ ସାଙ୍ଗରେ ଧରି ଅତ୍ୟନ୍ତ ତରବରିଆ ଭାବେ ୧୨ନମ୍ବର ୱାର୍ଡର ଏକ ଗୋଷ୍ଠିକେନ୍ଦ୍ରକୁ ଉଦଘାଟନ କରିଛନ୍ତି। ଏସମ୍ପର୍କରେ ସେହି ୱାର୍ଡର କାଉନସିଲର ରିହାନା ଖାତୁନଙ୍କୁ କୌଣସି ସୂଚନା ଦିଆଯାଇନଥିବା ବେଳେ ଉଦଘାଟନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ କିମ୍ବା କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନଥିବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ଏପରି ଘଟଣା କିପରି ଓ କାହା ନିର୍ଦ୍ଦେଶରେ କରାଯାଇଛି ବୋଲି ପ୍ରଶାସନକୁ କାଉନସିଲର ପ୍ରଶ୍ନ କରିଛନ୍ତି । ଏଭଳି ଘଟଣାକୁ ନେଇ ସେହି ୱାର୍ଡର ଅଧିବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ଗ୍ରହଣ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କାଉନସିଲର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ଏହି ଅଭିଯୋଗର ନକଲ କେନ୍ଦ୍ରାପଡା ପୌରସଂସ୍ଥାର ପୌରନିର୍ବାହୀ ଅଧିକାରୀ, ରାଜ୍ୟ ନଗର ଉନ୍ନୟନ ବିଭାଗର ପୌରପ୍ରଶାସନ ନିର୍ଦ୍ଦେଶକ, ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି ।

### ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡା,୨୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ସାହୁ, ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ନିଜ ଦଖଲରେ ରଖିଥିବା ଜମିକୁ ଉଦ୍ଧାର କରିବା, ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ, ଦୁଇଖାନା ସଂଶୋଧନ, ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ମୁଖ୍ୟ ରାସ୍ତାକୁ ମାଡି ନିର୍ମାଣ କରିଥିବା ବେଆଇନ ଦଖଲକୁ ଉଚ୍ଛେଦ କରିବା, ଜଳକର ଆଦାୟ ଓ ଏଥି ସହିତ ଜିଲ୍ଲାରେ ଥିବା ସମସ୍ତ ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତିଙ୍କ ଠାରୁ ଟଙ୍କା ଆଦାୟ କରିବା, ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲି ଗୁଡିକୁ ଜବତ କରିବା ସହିତ କେତେକ ସ୍ଥାନରେ ବାଲି ଖାଦନରୁ ଦୁର୍ବୃତ୍ତମାନେ ଜୋର ଜବରଦସ୍ତ ବାଲି ଉଠାଇ ବିକ୍ରି କରୁଥିବ ନେଇ ଜଣାପଡିବା ପରେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଅଲେଚନା କରାଯାଇଥିଲା ।

# ନିଶ୍ଚିହ୍ନ ହେବାକୁ ବସିଲାଣି ପଖିଆ

### ପୁନରୁଦ୍ଧାର ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନିଆରା ପ୍ରୟାସ

**କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ):** ଦିନ ଥିଲା ଚାଷ କାର୍ଯ୍ୟ ପାଇଁ ପଖିଆକୁ ଭରଷୁଥିଲା ଚାଷୀ। ମୁଣ୍ଡରେ ପଖିଆ ଦେଇ ଚାଷଜମିକୁ ଚାଷୀଟିଏ ଖୁସି ମନରେ ଯାଉଥିଲା। ହେଲେ ଆଜିର ଆଧୁନିକ ଯୁଗରେ ପଖିଆର ବ୍ୟବହାର ଆଉ ଦେଖିବାକୁ ମିଳୁନାହିଁ। ବ୍ୟବହାର ତ ଦୂରର କଥା ଚାହିଦା ଅଭାବରୁ ପଖିଆ ତିଆରି କରିବା ମଧ ଏକପ୍ରକାର ନିଶ୍ଚିହ୍ନ ହେବାକୁ ବସିଛି। ଯାହାକୁ ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରୟାସ ଆରମ୍ଭ ହୋଇଛି।

ତାଳପତ୍ର ପଖିଆ, ଯାହା ଚାଷୀ ଭାଇଟି ସୁରକ୍ଷା କବଚ । ବର୍ଷା ହେଉ କି ଖରା ଅବା ଶୀତ କାକର ପୁରୁଖା ଚାଷୀଙ୍କର ଏହା ଥିଲା ଅମୋଘ ଅସ୍ତ୍ର । ଏବେ ଆଧୁନିକତାର ଦ୍ୱାହି ଦେଇ କିଛି ଯୁବ ଚାଷୀମାନେ ପଲଥିନ ପଖିଆ ପଛରେ ଧାବମାନ । ତାଳପତ୍ର ପଖିଆର ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ



ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କିଛି ପୁରୁଣା ଚାଷୀଙ୍କ ମତରେ ପକ୍ଷୀ ପରି ନିଜର ଡେଣା ମେଲାଇ ଚାଷୀଙ୍କୁ ସୁରକ୍ଷା ଦେଉଥିବାରୁ ଏହାର ନାମ ପଖିଆ । ତାଳପତ୍ର ପଖିଆ ବ୍ୟବହାର କରୁଥିବା ଚାଷୀ ବଜ୍ରପାତରେ ନ ମରିବାର ବହୁ ବର୍ଷ ଧରି ନଜର ରହିଛି। ଯାହା ସେ ସମୟର ଚାଷୀମାନେ କହିଛନ୍ତି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଞ୍ଚଳର ଚାଷୀଙ୍କୁ ଏକତ୍ରିତ କରି ତାଳପତ୍ର ପଖିଆ ଓ ଚାଷୀ ମୃତ୍ୟୁ ଉପରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସମେତ ଟ୍ରଷ୍ଟ ର ବୟସ୍କ ସଦସ୍ୟ ମଧୁସୂଦନ ରାଉତ, ସମ୍ପାଦକ ରାଜେଶ ବାରିକ, କେଦାର ସ୍ୱାଇଁ, କାଳନ୍ଦୀ ମଲ୍ଲିକ ଓ ଅଞ୍ଚଳ ର ବରିଷ୍ଠ ଚାଷୀ ମନୋଜ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ‘ଆମ ଦଶହରା ଗୀତ’ ଲୋକାର୍ପିତ



**ରାଜନଗର,୨୭।୯(ସଂଚାର ବ୍ୟୁରୋ):** ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରର ଦୁର୍ଗାପୂଜାକୁ ନେଇ ରାଜନଗର ପ୍ରେସ କ୍ଲବ ପରିବାର ତରଫରୁ ମୁକ୍ତିଲାଭ କରିଛି ଭିନ୍ନ ଏକ ସଙ୍ଗୀତ ‘ଆମ ଦଶହରା ଗୀତ’। ଏହି ଅବସରରେ ରାଜନଗରର ମୁଖ୍ୟ ଦୁର୍ଗାମଣ୍ଡପ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ କଥାକାର ତଥା ସଂଗୀତାକର ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଶଙ୍କର୍ଷଣ ମିଶ୍ର ଯୋଗଦେଇ ମୁକ୍ତିଲାଭ କରିଥିବା ସଙ୍ଗୀତଟିକୁ ଭୂରିୟସୀ ପ୍ରଶଂସା କରିଥିଲେ। ବ୍ଲକ ସଦର ମହକୁମା ରାଜନଗର ଓ ପାର୍ଶ୍ୱବର୍ତ୍ତୀ ସାନବଡ଼ ଗୋପାଳପୁରରେ ଦୁର୍ଗାପୂଜା ସମୟରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ଦେବାଦେବୀ ମାନଙ୍କ ନାମ ଓ ସ୍ଥାନକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ସଙ୍ଗୀତଟିକୁ ଲେଖିଛନ୍ତି ଓଡ଼ିଶାର ଯୁବ ଗୀତିକାର କୁମାର ଲିଟନ ଓ କଣ୍ଠଦାନ କରିଛନ୍ତି ସନ୍ଦୀପ ସାହୁ ଓ ପ୍ରୀତିରେଖା। ଏହାକୁ ସଙ୍ଗୀତରେ ସଜେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ସୀତାଂଶୁ ରାଉତ। ସଂଗୀତଟି ଦଶହରା ପୂଜା ଅବସରରେ ସମସ୍ତ ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ରରେ ବଜାଇବାକୁ ପ୍ରେସ ପରିବାର ପକ୍ଷରୁ ନିବେଦନ କରାଯାଇଥିଲା।

## ରସାୟନ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ,୨୭।୯(ସଂଚାର ବ୍ୟୁରୋ):** ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର +୩ ରସାୟନ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ମାନସ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରାଧାପକ ଅକ୍ଷୟ କୁମାର ବଳ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଦୁର୍ଗାପୂଜା ସମୟରେ ଦୁର୍ଘଟଣା ରୋକିବା ଜରୁରୀ

# ବୁଲା ଗୋରୁଙ୍କୁ ସ୍ଥାନାନ୍ତରଣ କଲା ବିଏମ୍‌ସି



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଦୁର୍ଗାପୂଜା ପୂର୍ବରୁ ସହର ଉପକଣ୍ଠରେ ଥିବା ଏକ ଗୋଶାଳାକୁ ପ୍ରାୟ ୨୦୦ ଗୋରୁଙ୍କୁ ସ୍ଥାନାନ୍ତରଣ କରାଯାଇଛି। ଯାହାଫଳରେ ପର୍ବ ସମୟରେ ଲୋକେ ରାସ୍ତାରେ ବୁଲୁଥିବା ଗୋରୁଙ୍କ ଦ୍ୱାରା ଆଉ ଅସୁବିଧାରେ ପଡ଼ିବେ ନାହିଁ ଏବଂ ଟ୍ରାଫିକ ସମସ୍ୟା ହେବ ନାହିଁ। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି), ପ୍ରାଣୀ କଲ୍ୟାଣ ଶାଖା ପକ୍ଷରୁ ଦୁର୍ଗାପୂଜା ସମୟରେ ଦୁର୍ଘଟଣା ରୋକିବା ପାଇଁ ବୁଲା ଗୋରୁଙ୍କୁ ସ୍ଥାନାନ୍ତରଣ କରାଯାଉଛି। ୨୦୦ ଗୋରୁଙ୍କୁ ସ୍ଥାନାନ୍ତର କରାଯିବା ସହିତ, ଗୌଡ଼ା କାଶୀପୁରର ଗୋଶାଳାର କ୍ଷମତା ୭୦୦ ଥିବା ବେଳେ ସଂଖ୍ୟା ୫୯୭କୁ ବୃଦ୍ଧି ପାଇଛି। ଜାମୁକୋଳିର ଗୋଶାଳାରେ ୫୫୦ଟି ବୁଲା ଗୋରୁ ଅଛନ୍ତି। "ଦୁର୍ଗା ପୂଜା ଶେଷ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ, ବିଏମସିର ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏବିସି)ର ଦାୟିତ୍ୱରେ ଥିବା ନିଯୁକ୍ତ ପ୍ରାଣୀ ଚିକିତ୍ସକ ଡକ୍ଟର ଦେବୀ ପ୍ରସାଦ କୁଣ୍ଡ କହିଛନ୍ତି। ସେ କହିଛନ୍ତି ଯେ , ସ୍ଥାନାନ୍ତରିତ ଗୋରୁମାନଙ୍କର ପ୍ରୋଟୋକଲ ଅନୁଯାୟୀ ସେମାନଙ୍କର ଯତ୍ନ ନିଆଯିବ।

ରାଜଧାନୀ ସହରର ମୁଖ୍ୟ ରାସ୍ତାର ମଝିରେ ଗୋରୁମାନେ ପ୍ରାୟତଃ ଶୋଇ ରହିଥିବା ଦେଖିବାକୁ ମିଳିଥାନ୍ତି। ଲୋକମାନେ ସେମାନଙ୍କ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା ନ କରିବା ପର୍ଯ୍ୟନ୍ତ ସେମାନେ ସେଠାରେ ଶୋଇ ରହିଥାନ୍ତି। ଫଳସ୍ୱରୂପ, ଟ୍ରାଫିକ୍ ଜାମ୍ ଏକ ନିୟମିତ ଦୃଶ୍ୟ। ଗୋରୁ ଗାଡ଼ି ଧକ୍କା ଦେବା ଏବଂ ବିପରୀତ ଭାବରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣା। ରାସ୍ତାରେ ବୁଲୁଥିବା ସମୟରେ, ଉପଯୁକ୍ତ ଖାଦ୍ୟର ଅଭାବରେ ବୁଲୁଥିବା ଗୋରୁମାନେ ଅଳିଆ ଆବର୍ଜନା ସ୍ଥାନରେ ପଡ଼ିଥିବା ଖାଦ୍ୟ ଖାଇବାକୁ ବାଧ୍ୟ ହୋଇଥାନ୍ତି। ରାସ୍ତା ଏବଂ ବଜାରରେ ଗୋରୁଙ୍କ ଉପସ୍ଥିତି ମୁଖ୍ୟତଃ ଟ୍ରାଫିକ୍ ଜାମ୍ ଏବଂ ଦୁର୍ଘଟଣାର କାରଣ ହେଉଥିବାରୁ, ୧୭ ଏକର ଜମିରେ ବିସ୍ତୃତ ଜାମୁକୋଳିରେ ଆଉ ଏକ ମେଗା ଆଶ୍ରୟସ୍ଥଳ ନିର୍ମାଣ କରିବା ପ୍ରକ୍ରିୟା ଜାରି ରହିଛି। ସେଠାରେ ୩,୦୦୦ ଗାଈ ରହିପାରିବେ ବୋଲି ବିଏମସି ପକ୍ଷରୁ କୁହାଯାଇଛି। ବିଏମସିର ବିଦ୍ୟମାନ ଗୋ-ଆଶ୍ରୟସ୍ଥଳ ସହିତ ନୂଆ ଆଶ୍ର ସ୍ଥଳ ସମନ୍ୱିତ ହେବ। ଏହି ଆଶ୍ରୟସ୍ଥଳ ବେଙ୍ଗାଲୁରୁରେ ଥିବା ଶ୍ରୀ ଶ୍ରୀ ରବି ଶଙ୍କରଙ୍କ 'ଆର୍ଟ ଅଫ୍ ଲିଭିଂ' ଆଶ୍ରମରୁ ସଫଳ ଗୋ-ଆଶ୍ରୟ ପରିଚାଳନା ପଦ୍ଧତିଗୁଡ଼ିକୁ ଗ୍ରହଣ କରିବ। ଗୋରୁ ଆଶ୍ରୟସ୍ଥଳରେ ଏକ ଉତ୍ସର୍ଗୀକୃତ ପ୍ରାଣୀଚିକିତ୍ସା ଚିକିତ୍ସାଳୟ ଏବଂ ଖାଦ୍ୟ ସଂରକ୍ଷଣ ସୁବିଧା ରହିବ, ଏହା ବ୍ୟତୀତ ନିୟମିତ ଯାଞ୍ଚ୍ ବିସ୍ତୃତ ପରିସରର ରକ୍ଷଣାବେକ୍ଷଣ ଏବଂ ପ୍ରାଣୀମାନଙ୍କର ପରିଚ୍ଛନ୍ନତା ଯତ୍ନ ନେବା ପାଇଁ ଉତ୍ସର୍ଗୀକୃତ ଡାକ୍ତର ଏବଂ କର୍ମଚାରୀ ରହିବେ ବୋଲି ବିଏମସି ପକ୍ଷରୁ କୁହାଯାଇଛି।

# ନକଲି ମୋଦିଙ୍କୁ ଦେଖିବାକୁ ଭିଡ଼

**ଝାରସୁଗୁଡ଼ା,୨୭।୯ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ାରେ ନକଲି ମୋଦି। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି କର୍ଣ୍ଣଟକର ଉଡୁପି ଜିଲ୍ଲାର ସଦାନନ୍ଦ ନାୟର। ପୂର୍ବରୁ ସେ କର୍ଣ୍ଣାଟକ ସରକାରଙ୍କ ଅଧୀନରେ କାମ କରୁଥିବା ବେଳେ ୨୦୧୭ ମସିହାରେ ଦାଢ଼ି ବଢ଼ିଯିବା ପରେ ସେ ମୋଦୀଙ୍କ ପରି ଅବିକଳ ଦେଖାଯାଉଥିବା ଲୋକେ କହିଥିଲେ। ତାଙ୍କୁ ଦେଖି ସମସ୍ତେ ଭାବବିହ୍ୱଳ ହୋଇପଡ଼ିବା ସହ ସେଲଫି ନେଇଥିଲେ। ନକଲି ମୋଦିଙ୍କ କ୍ରେଜ ବଢ଼ିବା ସହ ଲୋକମାନେ ତାଙ୍କୁ ଦେଖି ବେଶ ଉତ୍ସାହିତ ହୋଇପଡ଼ିଥିଲେ। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିବେ ବୋଲି ଝାରସୁଗୁଡାରେ ହୋଇଥିଲା ବଡ଼ ପ୍ରସ୍ତୁତି। ମୋଦିଙ୍କ ସ୍ୱାଗତ ପାଇଁ ବିମାନବନ୍ଦର ବାହାରେ ପାରମ୍ପରିକ ନାଚ ଗୀତ ଆରମ୍ଭ ହୋଇଥିଲା। ସକାଳ ୯ଟା ୨୦ରେ ନିଜ ଯାତ୍ରା ଆରମ୍ଭ କରି ଝାରସୁଗୁଡ଼ା ବିମାନ ବନ୍ଦରରେ ଦିନ ୧୧ଟା ୧୦ରେ ପହଞ୍ଚିଥିଲେ। ବିମାନବନ୍ଦରରୁ ଜେଲ ଛକ ଯାଏଁ ୨ କିଲୋମିଟର ରୋଡ ସୋ କରି ପ୍ରଧାନମନ୍ତ୍ରୀ ସିଧାସଳଖ ଅମିଲିପାଲି ପଡିଆ ସଭାସ୍ଥଳରେ ପହଞ୍ଚିଥିଲେ। ଦେଢ ଘଣ୍ଟା ଧରି ସଭାସ୍ଥଳରେ ରହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିଜର ଏହି ଗସ୍ତରେ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରି ସମସ୍ତଙ୍କ ବିକାଶ ଲାଗି ସେ ପ୍ରୟାସ କରିଛନ୍ତି।



## ରାଜ୍ୟରେ ଦ୍ୱିତୀୟ ମଧ୍ୟସ୍ଥତା ସମ୍ମିଳନୀ

# ନ୍ୟାୟିକ ବ୍ୟବସ୍ଥାରେ ବୈପ୍ଳବିକ ସଂସ୍କାର ଆଣିବ ମଧ୍ୟସ୍ଥତା

**ଭୁବନେଶ୍ୱର,୨୭।୯ (ସମିସ):** ଆଜି ଭୁବନେଶ୍ୱରରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦଘାଟିତ ହୋଇଛି। ଏଥିରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ କୁମାର ଟଣ୍ଡନ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ମଧ୍ୟସ୍ଥତା କେବଳ ବିବାଦ ସମାଧାନର ଏକ ମାଧ୍ୟମ ନୁହେଁ। ଏହା ସାମାଜରେ ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ବଜାୟ ରଖିଥାଏ ବୋଲି ଏହି ଅବସରରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ କହିଛନ୍ତି। ଓଡ଼ିଶାରେ ଏଭଳି ଏକ କାର୍ଯ୍ୟକ୍ରମ ଯାହା ସାରା ଦେଶକୁ



ଯୋଗଦେଲେ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି

ମଧ୍ୟସ୍ଥତା ମାଧ୍ୟମରେ ବିବାଦ ସମାଧାନର ସୂତ୍ର ଦେବା ରାଜ୍ୟ ପାଇଁ ଏକ ଗୌରବର କଥା ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି। ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ମଧ୍ୟସ୍ଥତା ଆଇନ ୨୦୨୩ର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ସୁପ୍ରିମକୋର୍ଟର ୧୦ ଜଣ ବିଚାରପତି ଓ ୧୭ ହାଇକୋର୍ଟର ମୁଖ୍ୟ ବିଚାରପତି ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିକଳ୍ପ ବିବାଦ ସମାଧାନରେ ମଧ୍ୟସ୍ଥତା ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଦିଗରେ ଏକ ମାଇଲଖୁଣ୍ଟ ହେବ ବୋଲି କହିଥିଲେ। ମଧ୍ୟସ୍ଥତା ଦୁଇ ପକ୍ଷ ମଧ୍ୟରେ ଆଲୋଚନା ମାଧ୍ୟମରେ ବିବାଦ ସମାଧାନର ଏକ ବଳିଷ୍ଠ ମାଧ୍ୟମ। ମଧ୍ୟସ୍ଥତା ଚାରୋଟି "ସି" ଉପରେ ଆଧାରିତ। ସ୍ୱଳ୍ପ ଖର୍ଚ୍ଚ, ବିଶ୍ୱାସନୀୟତା, ସୃଜନଶୀଳତା ଓ ନିୟନ୍ତ୍ରଣ ଦ୍ୱାରା ବିବାଦର ସହଜ ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି। ମଧ୍ୟସ୍ଥତାର ସଫଳ ପ୍ରୟୋଗ ଦ୍ୱାରା ଲୋକଙ୍କୁ କେବଳ ତ୍ୱରିତ ନ୍ୟାୟ ମିଳିବନି, ବରଂ କୋର୍ଟ ଉପରୁ ଅଯଥା ଚାପ ହ୍ରାସ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭୁବନେଶ୍ୱର ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସତ୍ୟବିହାର ସ୍ଥିତ ଭବାନୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବାଲିଯାତ୍ରା ମହୋତ୍ସବ ସମିତିର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ଅଭୟ ବଡଜେନା, ଅଶୋକ ପାତ୍ର, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରତାପ ରାଉତରାୟ, ଅନୁପ କୁମାର ଖୁଣ୍ଟିଆ, ନିର୍ମଳ ରାଉତ, ସନ୍ତୋଷ ନାଥ, ମିହିର କୁମାର ରାଉତ, ରସାନନ୍ଦ ଭୋଇ, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷର ବାଲିଯାତ୍ରାକୁ ସରସ ସୁନ୍ଦର କରିବା ସହ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସାଧାରଣ ସମ୍ପାଦକ ଶ୍ରୀ ପାତ୍ର କହିଥିଲେ ସମିତିର ସଭାପତି ତଥା ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଆଗାମୀ ଦିନରେ ପ୍ରଶାସନିକ ସ୍ତରୀୟ ବୈଠକ କରାଯାଇ ରାସ୍ତାଘାଟ ମରାମତି, ଆଲୋକୀକରଣ, ଟ୍ରାଫିକ, ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯିବ। ବୈଠକରେ ଷ୍ଟଲ୍ ସଂଖ୍ୟା ବୃଦ୍ଧି କରିବା ସହ ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା, ପଡ଼ିଆ ସୁରକ୍ଷା, ସାଜସଜ୍ଜା, ଓଡ଼ିଶା କଳା ସଂସ୍କୃତି ଓ ଐତିହର ପ୍ରଚାର ପ୍ରସାର, ସାମାଜିକ ବାର୍ତ୍ତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଚଳିତବର୍ଷ ଆକର୍ଷଣୀୟ ଷ୍ଟଲ, ମୀନାବଜାର, ରାମଦୋଳିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଦୋଳି, ଓଟ ଓ ଘୋଡା ସବାରି, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମତ ପ୍ରକାଶ ପାଇଥିଲା।

## ପ୍ରଭାତ ଫେରିରେ ଯୋଗ ସଚେତନତାର ବାର୍ତ୍ତା




**ଭୁବନେଶ୍ୱର, ୨୭।୯(ସଂଚାର ବ୍ୟୁରୋ):** ଶନିବାର ଭାରତୀୟ ଯୋଗ ସଂସ୍ଥାନ, ନୟାପଲ୍ଲୀ ଯୋଗଜିଲ୍ଲା ତରଫରୁ ଆଇଆରସି ଏବଂ ଇନ୍ଦ୍ରଧନୁ କ୍ଷେତ୍ରର ମିଳିତ ସହଯୋଗରେ ଏକ ପ୍ରଭାତ ଫେରି ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ରାମ କିଶୋର ଶର୍ମା, ଜ୍ୟୋତିର୍ମୟ ରଥଙ୍କ ସମେତ ଦୁଇଟି କ୍ଷେତ୍ରର କ୍ଷେତ୍ର ଅଧିକାରୀ ଏବଂ ୭ ଟି କେନ୍ଦ୍ରର ସାଧକ, ସାଧିକା ମାନେ ଯୋଗ ଦେଇଥିଲେ। ପ୍ରବଳ ବର୍ଷାର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏକ ପଦଯାତ୍ରା ମାଧ୍ୟମରେ ଏହା ଏନ୍- ୫ କେନ୍ଦ୍ରରୁ ପ୍ରାତଃ ପ୍ରାୟ ୫:୪୫ ରେ ବାହାରି ବିଭିନ୍ନ ଜନ ବସତି ରାସ୍ତା ମଧ୍ୟ ଦେଇ ପ୍ରାୟ ସକାଳ ୭:୦୦ ଟାରେ ଏନ୍-୬ ପାର୍କ ପରିସରରେ ପହଞ୍ଚିଥିଲା। ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକମାନଙ୍କୁ ସକାଳୁ ଶେଯରୁ ଉଠାଇ ନିଜ ଶରୀର ପ୍ରତି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସଜାଗ କରିବା। ଯୋଗ ହିଁ ଏହି ଅନୁଶାସନ ଦେଇପାରିବ ଏବଂ ଆଜିର ଏହି ପଥଭ୍ରଷ୍ଟ ସମାଜକୁ ଶୃଙ୍ଖଳିତ ଜୀବନର ମାର୍ଗଦର୍ଶକ ହେବ ବୋଲି ଦୃଢ଼ ଆଶା।

## ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ

**ଭୁବନେଶ୍ୱର, ୨୭।୯(ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରାକ୍ତନ ଅଧିକାରୀମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନର ମାସିକ ଆଲୋଚନାଚକ୍ରରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ଭୂଷଣ ରଥ ମୁଖ୍ୟ ଅତିଥି ଓ ବକ୍ତାଭାବେ ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ଯେ, ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ ଓ ଏହା ପ୍ରକୃତି ମାତା ପୂଜା। ଏହା ଦ୍ୱାରା ସମାଜ ଓ ପରିବାରରେ ଶାନ୍ତି ଆନନ୍ଦ ଉପଲବ୍ଧ ହେବା ସହ ପ୍ରକୃତି ମାତା ଆଶୀର୍ବାଦ ପ୍ରଦାନ କରିଥାନ୍ତି, ଯାହା ଦ୍ୱାରା ରୋଗ ଶୋକ ଦୂରୀଭୂତ ହୋଇଥାଏ। ଡାକ୍ତର ସୁଶୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉପଦେଷ୍ଟା ରମାକାନ୍ତ ମିଶ୍ର ନବରାତ୍ର ପାଳନ ଅବସରରେ ସମସ୍ତେ ପ୍ରକୃତି ମାତାଙ୍କ ପୂଜା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଧୁସ୍ମିତା ଦାଶ ଭଜନ ଗାନ କରିଥିଲେ। ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାର ବରାଳ, ପ୍ରବୋଧ କୁମାର ମହାନ୍ତି, ଦୈତାରୀ ସେଠ୍ୟ, ବିନାୟକ ସ୍ୱାଇଁ, ପରିଚାଳନା କରିଥିଲେ। ପ୍ରାରମ୍ଭରେ ମୁରଲୀଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସାହସ୍ରନାମ ଗାନ କରିଥିଲେ।




# ବିବାହ ପାଇଁ ସ୍ଥାୟୀ ଜମାରୁ ଉଠାଣ ଅନୁମତି ମିଳିଲା

**କଟକ,୨୭।୯(ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟ ବିବାହ ପାଇଁ ପୋଷ୍ଟ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍ ସମୟ ପୂର୍ବରୁ ଉଠାଇବା ପାଇଁ ଜଣେ ମହିଳାଙ୍କୁ ଅନୁମତି ଦେବା ସମୟରେ, ହିନ୍ଦୁ ଆଇନ ଅନୁଯାୟୀ ଏହାକୁ "ଆବଶ୍ୟକତା" ଭାବରେ ସ୍ୱୀକୃତି ଦିଆଯାଇଛି ବୋଲି କହିଛନ୍ତି। ଆବେଦନକାରୀଙ୍କୁ ତାଙ୍କର ସ୍ଥାୟୀ ଜମାକୁ ସମୟ ପୂର୍ବରୁ ବନ୍ଦ କରିବାକୁ ଅନୁମତି ଦିଆଯାଉ ନଥିବା ଅଭିଯୋଗ ସହିତ ଦାଏର ଏକ ରିଟ୍ ପିଟିସନ୍ ଉପରେ କୋର୍ଟ ବିଚାର କରୁଥିଲେ।

ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପାଦଙ୍କ ଖଣ୍ଡପୀଠ ମତ ଦେଇଛନ୍ତି, ପରିବାରରେ ବିବାହ ପାଇଁ ଆବେଦନକାରୀଙ୍କୁ ଟଙ୍କାର ଆବଶ୍ୟକତା ଅଛି। ଏହା ତାଙ୍କର ନିଜସ୍ୱ ଟଙ୍କା, ଯାହାକୁ ସେ ପାଞ୍ଚ ବର୍ଷ ପାଇଁ ପାଞ୍ଚଟି ଜମାରେ ରଖିଛନ୍ତି। ହିନ୍ଦୁ ଆଇନ ତିନୋଟି



ପାରମ୍ପରିକ ଆବଶ୍ୟକତାକୁ ସ୍ୱୀକୃତି ଦେଇଥାଏ। ସେଥି ମଧ୍ୟରେ ଜରୁରୀକାଳୀନ ସ୍ଥିତି, ବୈବାହିକ ଏବଂ ପରିବାରର ଆବଶ୍ୟକତା ଆଦି ରହିଛି। ଏସବୁ କ୍ଷେତ୍ରରେ କୌଣସି ଯୁକ୍ତି କରାଯାଇ ପାରିବ ନାହିଁ ଯେ, ଆବେଦନକାରୀଙ୍କର ପାଣ୍ଠିର ଜରୁରୀ ଆବଶ୍ୟକତା ନାହିଁ। ଆବେଦନକାରୀଙ୍କ ପ୍ରତିନିଧିତ୍ୱ ମେସର୍ସ ପର୍ଶୁରାମ ପଣ୍ଡା କରିଥିଲେ, ଯେତେବେଳେ ପ୍ରତିବାଦୀଙ୍କ ପ୍ରତିନିଧିତ୍ୱ ଡିଏସଜିଆଇ ପିକେ ପାର୍ହି କରିଥିଲେ। ଆବେଦନକାରୀଙ୍କ ଓକିଲ, ଜାତୀୟ ସଞ୍ଚୟ ସମୟ ଜମା ଯୋଜନା, ୨୦୧୯ର ସଂଶୋଧିତ ନିୟମ ୮(ଘ) ପ୍ରତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ଦର୍ଶାଇଥିଲେ ଯେ, ସ୍ଥାୟୀ ଜମାର ସମୟ ପୂର୍ବରୁ ଉଠାଣ ସମ୍ପୂର୍ଣ୍ଣ ଭାବରେ ନିଷେଧ ନୁହେଁ ଏବଂ ଏହାକୁ କେନ୍ଦ୍ର ଦ୍ୱାରା ଅନୁମତି ଦିଆଯିବା ଉଚିତ୍। ସେ ସ୍ଥାୟୀ ଜମାର ସମୟ ପୂର୍ବରୁ ନଗଦକରଣର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ଅନ୍ୟପକ୍ଷରେ, କେନ୍ଦ୍ର ପକ୍ଷରୁ ଉପସ୍ଥିତ ଦକ୍ଷ ଓକିଲ ଦର୍ଶାଇଥିଲେ ଯେ, ଆବେଦନକାରୀଙ୍କ ଦ୍ୱାରା ନିର୍ଭର କରାଯାଇଥିବା ନିୟମ ୮(ଘ)ର ଚାରି ବର୍ଷ ସମାପ୍ତ ହେବା ପୂର୍ବରୁ ଅସମୟ ଉଠାଣକୁ ଅନୁମତି ଦିଏ ନାହିଁ, ପାଞ୍ଚ ବର୍ଷ ହେଉଛି ଜମାର ଅବଧି। ଏହା ଏକ ବିଧି/ଆଇନ ନୁହେଁ। ଏହା କେବଳ ଅଧସ୍ତନ ଆଇନ। ଏହା ନକାରାତ୍ମକ ବାକ୍ୟବିବରଣୀ ସହିତ ଆରମ୍ଭ ହୁଏ ନାହିଁ, ଯେପରିକି "ଜମା ଅକାଳ ନଗଦୀକରଣ/ ଜମା ଉଠାଣ ଅନୁମତିପ୍ରାପ୍ତ ନୁହେଁ"। ନିୟମ ୮(ଘ) ନିର୍ଦ୍ଦିଷ୍ଟ ଭାବରେ ସମୟ ପୂର୍ବରୁ ଉଠାଣ ପାଇଁ ବ୍ୟବସ୍ଥା କରିଥାଏ। ତଥାପି, ନିୟମର ଗୁରୁତ୍ୱ ହେଉଛି ଜମା ଉପରେ ଦେୟ ସୁଧର ହାର, ଯେତେବେଳେ ଏହା ଚାରି ବର୍ଷ ପରେ ପ୍ରତ୍ୟାହାର କରାଯାଏ, କିନ୍ତୁ ପରିପକ୍ୱତା ପୂର୍ବରୁ। ଉପରୋକ୍ତ ପାଠ୍ୟ ସହିତ ଏପରି ନିୟମକୁ ଅକାଳ ଉଠାଣ ବିରୁଦ୍ଧରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ଭାବରେ ବିବେଚନା କରାଯାଇପାରିବ ନାହିଁ। ଏହା କୁହାଯାଇପାରେ ଯେ, ଏହି କୋର୍ଟ ସମୟ ପୂର୍ବରୁ ଉଠାଣ କରାଯିବା ସମୟରେ ସୁଧ ପ୍ରଦାନ ସମ୍ପର୍କରେ କୌଣସି ମତ ପ୍ରକାଶ କରନ୍ତି ନାହିଁ" ବୋଲି କୋର୍ଟ କହିଛନ୍ତି।

## ନକଲି ମଦ କାରଖାନା ଠାବ

**ଅନୁଗୁଳ,୨୭।୯(ସଂଚାର ବ୍ୟୁରୋ):** ଅନୁଗୁଳ ପୁଲିସ ଓ ସ୍ପେଶାଲ୍ ସ୍କ୍ୱାର୍ଡ ଅନୁଗୁଳ ସହରର ଶିକ୍ଷକପଡ଼ାରେ ଚଢ଼ାଉ କରି ବଡ଼ ଧରଣର ନକଲି ମଦ କାରଖାନା ଠାବ କରିଛି। ଏସ୍‌ପି ଶ୍ରୀ ଜୈନ କହିଛନ୍ତି ଯେ, ଶିକ୍ଷକପଡ଼ାସ୍ଥିତ ଏକ ଭଡ଼ାଘରେ ଚାଲିଥିବା ନକଲି ମଦ କାରଖାନା ଓ ୨୦ କିଲୋମିଟର ଦୂର କଂସରା ଗାଁସ୍ଥିତ ନକଲି ମଦ ଗୋଦାମରୁ ୫୦୦ ଲିଟରରୁ ଅଧିକ ନକଲି ବିଦେଶୀ ମଦ ଜବତ ହୋଇଛି। ଏହାସହ ମଦ ତିଆରି ପାଇଁ ବ୍ୟବହାର ହେଉଥିବା ବିପୁଳ ସ୍ପିରିଟ, ରଙ୍ଗ, ଫ୍ଲେଭର, ବିଭିନ୍ନ ମଦ ବ୍ରାଣ୍ଡର ଷ୍ଟିକର, ସିଲ୍, ଲେବେଲ, ଖାଲି ବୋତଲ ମଧ୍ୟ ଜବତ ହୋଇଛି। ନକଲି ମଦ କାରଖାନା ଚାଲୁଥିବା ଭଡ଼ାଘର ଓ ଗୋଦାମକୁ ସିଲ୍ କରିଛି। ନକଲି ମଦ ତିଆରି କରୁଥିବା ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମଦ କାରବାରର ମାଷ୍ଟର ମାଇଣ୍ଡ ଓ ଏ କାରବାରର ଚେର କେଉଁଠୁ କେଉଁଯାଏ ଲମ୍ବିଛି ସେନେଇ ଖୋଳତାଡ଼ ଜାରି ରହିଛି। ପୁଲିସକୁ ଏନେଇ ବଡ଼ ସୁରାକ ମିଳିଛି। ଖୁବଶୀଘ୍ର ଏହି ନକଲି ମଦ କାରବାରର ଆକାମାନଙ୍କୁ ଧରିବ ଅନୁଗୁଳ ପୁଲିସ।

## ୧ରୁ ପୁଣି କାଟିବ, ଧୋଇନେବ ଦଶହରା

**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ)** : ଏଥର ଧୋଇଯିବ ଦଶହରା। ୧ ରୁ ପୁଣି ରାଜ୍ୟରେ ପ୍ରବଳ ବର୍ଷିବା ଏଭଳି ଅନୁମାନ କରିଛି ପାଣିପାଗକେନ୍ଦ୍ର। ତେବେ ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧ ଅକ୍ଟୋବର ପାଖାପାଖି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏପଟେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ପଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା



ରହିଛି। ଆଗାମୀ ୨୪ ଘଣ୍ଟାରେ ସାରା ଓଡ଼ିଶାରେ ବିଜୁଳି ଘଡଘଡ଼ି ସହ ବର୍ଷାକୁ ୟେଲୋ ଚେତାବନି ଜାରିକରିଛି ବିଭାଗ। ଆସନ୍ତାକାଲି ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଉପକୂଳ ଓଡ଼ିଶାର ଗଞ୍ଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ।

## ରାଜ୍ୟରେ ଏବେ ବନ୍ୟା ପରିସ୍ଥିତି ନାହିଁ: ସର୍ବୋଚ୍ଚ ଯନ୍ତ୍ରୀ

**ଭୁବନେଶ୍ୱର/କଟକ,୨୭।୯(ସଂଚାର ବ୍ୟୁରୋ)** : ଲଗାଣ ବର୍ଷା ଯୋଗୁଁ କିଛି ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । କିନ୍ତୁ କୌଣସି ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉନାହିଁ। ରାଜ୍ୟରେ ଏବେ ବନ୍ୟା ପରିସ୍ଥିତି ନାହିଁ। ମହାନଦୀର ଶାଖା ନଦୀ ଗୁଡିକରେ ଜଳସ୍ତର ବଢୁଛି। ଏହି ସୂଚନା ଦେଇଛନ୍ତି ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ। ଏବେ ହୀରାକୁଦର ୧୬ଟି ଗେଟ୍ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି। ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା। ଆଜି ୪ଟି ଗେଟ୍ ବନ୍ଦ ହୋଇଛି। କିଛି ସମୟ ପରେ ଆଉ ୬ ଟି ଗେଟ୍ ବନ୍ଦ କରାଯିବ ବୋଲି ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଫୁଲୁଛି ମହାନଦୀ। ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସିତ ହେଉଥିବା ବନ୍ୟାଜଳ ମୁଣ୍ଡଳୀ ଦେଇ ପ୍ରବାହିତ ହେଉଛି। ଆଜି ସକାଳ ୭ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ଲକ୍ଷ ୯୨ ହଜାର ୨୫୫ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଧୀରେ ଧୀରେ ଜଳସ୍ତର ବଢୁଛି।

## ଓଡ଼ିଶା ପାୱାର ଲିଫ୍ଟିଂ ଦଳକୁ ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ

**ଭୁବନେଶ୍ୱର, ୨୭।୯(ସଂଚାର ବ୍ୟୁରୋ)** : ୨୨ ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ପାୱାରଲିଫ୍ଟିଂ ଜାତୀୟ ଚାମ୍ପିଅନସିପରେ ଓଡ଼ିଶା ପୁରୁଷ ଆଥଲେଟ୍ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ୧ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ଜିତିଛନ୍ତି। ଭୁବନେଶ୍ୱରର ଶ୍ରୀହରି ତ୍ରିପାଠି ଗୋଟିଏ ସ୍ୱର୍ଣ୍ଣ ଜିତିଥିବା ବେଳେ, ବଲାଙ୍ଗିରର ଅଖିଳେଶ ସାହୁ, ସମ୍ବଲପୁରର କିରଣ ନାଗ ଏବଂ ରାଉରକେଲାର ସୁଭ୍ରାଂଶୁ ମହାରଣା ପ୍ରତ୍ୟେକେ ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରଥମ ଥର ପାଇଁ ଓଡ଼ିଶା ଆଥଲେଟ୍ ମାନେ ପାୱାରଲିଫ୍ଟିଂ ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଦଳର ସଦସ୍ୟମାନେ ସେମାନଙ୍କ ନିଜ ନିଜ ଓଜନ ବର୍ଗରେ ବହୁତ ଭଲ ପ୍ରଦର୍ଶନ କରିଥିଲେ ଏବଂ




ମହିଳା ଦଳର ସଦସ୍ୟମାନେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିଥିଲେ। ଏହି ସଫଳତା ଖେଳାଳି ଏବଂ ସେମାନଙ୍କ ପ୍ରଶିକ୍ଷକଙ୍କ ସମର୍ପଣ ଏବଂ କଠିନ ପରିଶ୍ରମର ପ୍ରମାଣ।

ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଦଳର ସଦସ୍ୟମାନଙ୍କୁ ରାଜ୍ୟ କ୍ରୀଡା ବିଭାଗ ଦ୍ୱାରା ସମର୍ଥନ କରାଯାଇଥିଲା। କ୍ରୀଡା ବିଭାଗର ସଚିବ ଦଳର ସଦସ୍ୟମାନଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। କ୍ଷେତ୍ର ନିର୍ଦ୍ଦେଶକ ଏବଂ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ - ଓଡ଼ିଶାର ସଭାପତି ବୋର୍ଡ ସଦସ୍ୟଙ୍କ ସହିତ ଦଳର ସଦସ୍ୟମାନଙ୍କୁ ସେମାନଙ୍କର ଶୁଭେଚ୍ଛା ଜଣାଇଛନ୍ତି।

## ବିପୁଳ ପରିମାଣର ବାଣ ଜବତ, ଜଣେ ଅଟକ

**ଛତ୍ରପୁର, ୨୭।୯ (ସଂଚାର ବ୍ୟୁରୋ):** ଛତ୍ରପୁର ପାର୍କ ସାହିରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କଲା ପୋଲିସ। ଏହି ଘଟଣାରେ ଜଣେ ଅଟକ ଥିବା ବେଳେ



ଦୋକାନୀଙ୍କ ଘର ଯାଞ୍ଚ ଜାରି ରଖିଛି ପୋଲିସ । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଗଞ୍ଜାମ ଏସପି ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ବାଣ ବିକ୍ରି ଓ ବେଆଇନ କାରବାର ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଏନଏସି ଅନ୍ତର୍ଗତ ପାର୍କ ସାହିରେ ଥିବା ଏକ ଚାଉଳ ଗୋଦାମରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି । ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଛତ୍ରପୁର ଥାନା ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢ଼ଉ କରାଯାଇ ୨ ରୁ ୩ ଲକ୍ଷ ଟଙ୍କାର ବାଣ ଜବତ କରିବା ସହିତ ଦୋକାନୀକୁ ଅଟକ ରଖିଥିବା ସୂଚନା ମିଳିଛି ।ଏହା ସହ ଦୋକାନୀଙ୍କ ଘରେ ପହଞ୍ଚି ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ଏହି ଚଢ଼ଉରେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲ, ମାଜିଷ୍ଟ୍ରେଟ ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ ଏବଂ ପୁଲିସ ଫୋର୍ସ ସାମିଲ ଅଛନ୍ତି । ଜବତ ହୋଇଥିବା ବାଣର ଆନୁମାନିକ ମୂଲ୍ୟ ପ୍ରାୟ ୨ ରୁ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି ।

# ନାଲକୋର ଜମି ଜବରଦଖଲ ଧରିଛନ୍ତି ସିଏଜି

**ଭୁବନେଶ୍ୱର, ୨୭ । ୯:** କୋରାପୁଟ ଜିଲ୍ଲାରେ ନାଲ୍‌କୋ ପକ୍ଷରୁ ଜବରଦଖଲ ହୋଇଥିବା ଜମିର ଲିଜ୍ ମାମଲାକୁ ଚୂଡ଼ାନ୍ତ କରିବା ପାଇଁ ସରକାରୀକଳୁ ୩୯ବର୍ଷ ଲାଗିଗଲା। ଏଭଳି ବିଳମ୍ବ ଯୋଗୁଁ ନାଲ୍‌କୋ କର୍ତ୍ତୃପକ୍ଷ ଅନଧିକୃତ ଜବରଦଖଲ ସତ୍ତ୍ୱେ ଜମିର ମୂଲ୍ୟ ବାବଦରେ ୧.୩୫ କୋଟି ଟଙ୍କା ଜମା କରିନଥିଲା। ଏଭଳି ବିଳମ୍ବ ଜନିତ ତ୍ରୁଟିକୁ ସିଏଜି ଧରିଛନ୍ତି।

ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଛନ୍ତି ଯେ, ୧୯୮୧-୮୨ ମସିହାରେ ନାଲ୍‌କୋ ୨୯.୫୮ଏକର ସରକାରୀ ଜମିର ଲିଜ୍ ପାଇଁ ଆବେଦନ କରିଥିଲା। ଏହି ଆବେଦନ ବିଚାରାଧିନ ଥିବାବେଳେ ଏବଂ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋନ ବିନା ନାଲ୍‌କୋ ସେହି ସମୟରୁ ଉକ୍ତ ଜମିକୁ ଜବରଦଖଲ କରିଆସୁଛି। ମିଳିଥିବା ରେକର୍ଡରୁ ସିଏଜି ଜାଣିବାକୁ ପାଇଛନ୍ତି ଯେ ୧୯୮୨ ଠାରୁ ତହସିଲଦାରଙ୍କ ଦ୍ୱାରା ଲିଜ୍ ମାମଲା ବହୁବାର ଦାଖଲ କରାଯାଇଥିଲା ଯେଉଁଥିରେ ଲିଜ୍ ମଞ୍ଜୁର ପାଇଁ ସୁପାରିଶ୍ କରାଯାଇଥିଲା।

ତଥାପି ପରବର୍ତ୍ତୀ ଉଚ୍ଚ ଅଧିକାରୀମାନେ ବିଭିନ୍ନ ତ୍ରୁଟି ଦର୍ଶାଇ ସୁପାରିଶ୍‌ଗୁଡିକୁ ଗ୍ରହଣ କରିନଥିଲେ। ଏହି ସମୟରେ ରାଜସ୍ୱ ଅଧିକାରୀଙ୍କ ନିର୍ଦ୍ଦେଶର ଜବାବରେ ନାଲ୍‌କୋ ଲିଜ୍ ପାଇଁ ଆବେଦନ କରାଯାଇଥିବା ଜମି ବାବଦରେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ପ୍ରିମିୟମ, ଭଡା, ପଛୁଆ ଭଡା, ସୁଧ ଏବଂ ଜରିମାନା ଯଦି କିଛି ଥାଏ




ତାହା ପ୍ରଦାନ କରିବାକୁ ୨୦୧୫ରେ ଏକ ଲିଖିତ ପ୍ରତିଶ୍ରୁତି ଦାଖଲ କରିସାରିଥିଲା।

ତେବେ ପୂର୍ବରୁ ଦର୍ଶାଯାଇଥିବା ତ୍ରୁଟି ଦୂର କରିବାପରେ ଏପ୍ରିଲ ୨୦୨୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଦ୍ୱାରା ଲିଜ୍ ମଞ୍ଜୁର କରାଯାଇଥିଲା । ମଞ୍ଜୁରୀ ନିୟମାବଳୀ ଅନୁଯାୟୀ ଏହି ଆଦେଶର ବୈଧତା ଛଅମାସ ଥିଲା, ଯେଉଁଥିରେ ନାଲ୍‌କୋ ସୁଧ ସହିତ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ ୧.୩୫ କୋଟି ଟଙ୍କା ଜମା କରିବାକୁ ଏବଂ ଏକ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ତଥାପି ନାଲ୍‌କୋ ଏହି ପରିମାଣ ଜମା କରିନଥିଲା। ତେଣୁ ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ଏହି ପରିପ୍ରେକ୍ଷୀରେ ସିଏଜି ଦର୍ଶାଇଛନ୍ତି ଯେ, ରାଜସ୍ୱ ଅଧିକାରୀ ଯଥା ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ଦକ୍ଷିଣାଞ୍ଚଳ ଆରଡିସି ୧୯୮୧-୮୨ ମସିହାରେ ଆରମ୍ଭ ହୋଇଥିବା ଲିଜ୍ ମାମଲାକୁ ଚୂଡ଼ାନ୍ତ କରିବାପାଇଁ ପ୍ରାୟ ୩୯ବର୍ଷ ସମୟ ନେଇଥିଲେ। ଏଭଳି ସମୟ ନେତା ଅଯଥା ଏବଂ ରାଜସ୍ୱ ଅଧିକାରୀଙ୍କ ଅବହେଳାର ପରିଚାୟକ ଥିଲା।

ଲିଜ୍ ମାମଲା ବିଚାରାଧିନ ଥିବାବେଳେ ବିନା ଅନୁମତିରେ ନାଲକୋ ଜମି ଦଖଲ କରିଥିଲେ ମଧ୍ୟ କୌଣସି ଜବରଦଖଲ ମାମଲା ଦାୟର କରାଯାଇନଥିଲା। ଅପ୍ରେଲ ୨୦୨୧ରେ ଲିଜ୍ ମଞ୍ଜୁର ହେବାର ଛଅ ମାସ ମଧ୍ୟରେ ନାଲକୋ ଦ୍ୱାରା ଜମିର ମୂଲ୍ୟ ଜମା ନକରିବାପରେ ମଧ୍ୟ ଓପିଏଲଇ ଆଇନ୍ ଅନୁଯାୟୀ ଜବରଦଖଲ ଉଚ୍ଛେଦ ହୋଇନଥିଲା କିମ୍ବା ଜୋରିମାନା ଆଦାୟ କରାଯାଇନଥିଲା। ତେଣୁ ଜମି ମୂଲ୍ୟ ବାବଦକୁ ୧.୭୧ କୋଟି ଟଙ୍କା ୨୦୨୩ ସୁଦ୍ଧା ଅସୁଲ ନହୋଇ ରହିଯାଇଥିଲା। ଲିଜ୍ ମାମଲା ଚୂଡ଼ାନ୍ତରେ ଅଧିକାରୀଙ୍କ ଅବହେଳା ଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁଁ ଏଭଳି ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR ସଂଚାର


# ନବରାତ୍ରୀ ପୂଜା: ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉତ୍ସବ



ନବରାତ୍ରୀ, ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ପର୍ବ, ନଅ ଦିନ ବ୍ୟାପୀ ଚାଲିଥାଏ ଏବଂ ମା ଦୁର୍ଗାଙ୍କ ନଅଟି ରୂପଙ୍କୁ ସମର୍ପିତ ଏକ ଆଧ୍ୟାତ୍ମିକ ଉତ୍ସବ। ଏହା କେବଳ ଧାର୍ମିକ ଆଚାର ନୁହେଁ, ବରଂ ଶକ୍ତି, ସାହସ ଓ ସଂସ୍କୃତିର ଏକ ମହାନ ପ୍ରତୀକ। ନବରାତ୍ରୀର ମାହାତ୍ମ୍ୟ ଏହାର ଆଧ୍ୟାତ୍ମିକ ଗଭୀରତା, ସାମାଜିକ ଏକତା ଓ ସାଂସ୍କୃତିକ ବୈଭବରେ ନିହିତ। ଏହି ପର୍ବ ମାନବ ମନରେ ଆଲୋକ ଜାଗ୍ରତ କରେ ଏବଂ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ।

ନବରାତ୍ରୀର ଆଧ୍ୟାତ୍ମିକ ମାହାତ୍ମ୍ୟ ମା ଦୁର୍ଗାଙ୍କ ଶକ୍ତି ଉପାସନାରେ ରହିଛି। ଏହି ନଅ ଦିନ ମଧ୍ୟରେ ମାଙ୍କର ନଅଟି ରୂପ—ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କୁ ପୂଜା କରାଯାଏ। ପ୍ରତ୍ୟେକ ରୂପ ମାନବ ଜୀବନରେ ଏକ ନିର୍ଦ୍ଦିଷ୍ଟ ଗୁଣ ଓ ଶକ୍ତିକୁ ପ୍ରତିନିଧିତ୍ୱ କରେ। ଉଦାହରଣ ସ୍ୱରୂପ, ଶୈଳପୁତ୍ରୀ ସ୍ଥିରତା ଓ ଆଧାରଶୀଳତାର ପ୍ରତୀକ ହୋଇଥିବା ବେଳେ, କାଳରାତ୍ରୀ ଅନ୍ଧକାର ଓ ଅଜ୍ଞତା ନାଶ କରନ୍ତି। ଏହି ପୂଜା ଭକ୍ତମାନଙ୍କୁ ନିଜ ଭିତରେ ଥିବା ନକାରାତ୍ମକତା ଦୂର କରି ଆଲୋକମୟ ଜୀବନ ଆଡ଼କୁ ଅଗ୍ରସର ହେବାକୁ ପ୍ରେରଣା ଦିଏ। ନବରାତ୍ରୀର ଅନ୍ୟ ଏକ ମାହାତ୍ମ୍ୟ ହେଉଛି ଏହାର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ। ଏହି ପର୍ବ ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ରୂପରେ ପାଳନ କରାଯାଏ। ଗୁଜୁରାଟରେ ଗରବା ଓ ଡାଣ୍ଡିଆ ନୃତ୍ୟ ନବରାତ୍ରୀର ପ୍ରାଣ, ତେବେ ପଶ୍ଚିମବଙ୍ଗରେ ଦୁର୍ଗା ପୂଜା ଏକ ମହାନ ଉତ୍ସବ ରୂପେ ପାଳିତ ହୁଏ। ଓଡ଼ିଶାରେ ମଧ ମା ଦୁର୍ଗାଙ୍କ ପୂଜା ଅତ୍ୟନ୍ତ ଭକ୍ତି ଓ ଉତ୍ସାହରେ କରାଯାଏ। ଏହି ବିବିଧତା ଭାରତୀୟ ସଂସ୍କୃତିର ଏକତାକୁ ପ୍ରତିଫଳିତ କରେ। ଏହା ସମାଜରେ ଏକତା, ସମ୍ପ୍ରୀତି ଓ ସାଙ୍ଗଠନିକ ମନୋଭାବକୁ ପ୍ରୋତ୍ସାହନ ଦିଏ। ନବରାତ୍ରୀର ମାହାତ୍ମ୍ୟ କେବଳ ଧାର୍ମିକ କିମ୍ବା ସାଂସ୍କୃତିକ ସୀମାରେ ସୀମିତ ନୁହେଁ। ଏହା ମାନବ ଜୀବନରେ ନୈତିକତା ଓ ଧାର୍ମିକତାର ମୂଲ୍ୟକୁ ସ୍ଥାପନ କରେ। ଏହି ପର୍ବ ଆମକୁ ସତ୍ୟ, ନ୍ୟାୟ ଓ ଧର୍ମ ପଥରେ ଚାଲିବାକୁ ପ୍ରେରଣା ଦିଏ। ମା ଦୁର୍ଗାଙ୍କ ମହିଷାସୁର ବଧର କାହାଣୀ ଆମକୁ ମନ୍ଦ ଉପରେ ଭଲର ବିଜୟର ସନ୍ଦେଶ ଦେଇଥାଏ। ଏହା ଆମକୁ ନିଜ ଭିତରେ ଥିବା ଅହଂକାର, କ୍ରୋଧ ଓ ଅଜ୍ଞତା ଆଦି ନକାରାତ୍ମକ ଗୁଣକୁ ଦୂର କରିବାକୁ ଶିକ୍ଷା ଦିଏ।

ଆଜିର ଆଧୁନିକ ଯୁଗରେ ନବରାତ୍ରୀର ମାହାତ୍ମ୍ୟ ଆହୁରି ପ୍ରାସଙ୍ଗିକ। ଏହା ଆମକୁ ଆତ୍ମଶକ୍ତି ଓ ଆତ୍ମବିଶ୍ୱାସରେ ପୂର୍ଣ୍ଣ ହେବାକୁ ପ୍ରେରଣା ଦେଇଥାଏ। ଏହି ପର୍ବ ଆମକୁ ସ୍ମରଣ କରାଇ ଦିଏ ଯେ ସତ୍ୟ ଓ ଧର୍ମର ପଥରେ ଚାଲିଲେ ଆମେ ଯେ କୌଣସି ବାଧାକୁ ଅତିକ୍ରମ କରିପାରିବା। ନବରାତ୍ରୀ ହେଉଛି ଏକ ଏମିତି ଉତ୍ସବ ଯାହା ଆମକୁ ଆଧ୍ୟାତ୍ମିକତା, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାର ଏକ ଅପୂର୍ବ ସମନ୍ୱୟ ପ୍ରଦାନ କରେ।

# ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଣେ ପ୍ରସିଦ୍ଧ ଭାରତୀୟ ରାଜନେତା



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ପଣ୍ଡିତ ଦୀନ ଦୟାଲ ଉପାଧ୍ୟୟ ଜଣେ ପ୍ରସିଦ୍ଧ ଭାରତୀୟ ରାଜନେତା ଏବଂ ଦାର୍ଶନିକ ଥିଲେ ଯିଏ ଦେଶର ଆଦର୍ଶଗତ ପରିଦୃଶ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅଖଣ୍ଡ ମାନବବାଦର ଧାରଣା ବିଭିନ୍ନ ପଦକ୍ଷେପକୁ ପ୍ରେରଣା ଏବଂ ପ୍ରଭାବିତ କରିଆସୁଛି। ତାଙ୍କ ଜୀବନ ଏବଂ ଦର୍ଶନର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି - ଜୀବନ ଏବଂ କ୍ୟାରିଅର -ପ୍ରାଚୀନ ଜୀବନ : ସେପ୍ଟେମ୍ବର ୨୫, ୧୯୧୬ରେ ଉତର ପ୍ରଦେଶର ମଥୁରାର ନାଗଲା ଚନ୍ଦ୍ରବନରେ ଭଗବତୀ ପ୍ରସାଦ ଏବଂ ରାମପ୍ୟାରୀ ଉପାଧ୍ୟାୟଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ତାଙ୍କ ପିତାମାତାଙ୍କୁ ହରାଇଥିଲେ ଏବଂ ତାଙ୍କ ମାମୁଁଙ୍କ ଦ୍ୱାରା ପାଳିତ ହୋଇଥିଲେ। ଶିକ୍ଷା - କାନପୁରର ସନାତନ ଧର୍ମ କଲେଜରୁ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ ଏବଂ ଆଗ୍ରାର ସେଂଟ ଜନ୍ସ କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ। ଆରଏସଏସ ଏବଂ ରାଜନୀତି: ୧୯୩୭ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ରେ ଯୋଗ ଦେଇଥିଲେ ଏବଂ ଜୀବନବ୍ୟାପୀ ପ୍ରଚାରକ ହୋଇଥିଲେ। ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ଅଖଣ୍ଡ ମାନବବାଦ - ଦର୍ଶନ-ଉପାଧ୍ୟାୟଙ୍କ ଅଖଣ୍ଡ ମାନବବାଦ ମାନବ କଲ୍ୟାଣ, କ୍ଷମତା ବିକେନ୍ଦ୍ରୀକରଣ ଏବଂ ସାମଗ୍ରିକ ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଏହା ଭାରତର ଅନନ୍ୟ ସାଂସ୍କୃତିକ ଏବଂ ଦାର୍ଶନିକ ଐତିହ୍ୟକୁ ଧ୍ୟାନରେ ରଖି ପୁଞ୍ଜିବାଦ ଏବଂ ମାର୍କ୍ସବାଦ ଉଭୟଙ୍କୁ ପ୍ରତ୍ୟାଖ୍ୟାନ କରେ। ମୁଖ୍ୟ ନୀତି-ଏକାତ୍ମ ମାନବଦର୍ଶନ: ବ୍ୟକ୍ତି ଏବଂ ସମାଜର ଏକତାକୁ ଗୁରୁତ୍ୱାରୋପ କରେ, ଯେଉଁଠାରେ ଜଣେ ମଣିଷର ସାମଗ୍ରିକ ସୁଖ ଏବଂ କଲ୍ୟାଣ ସର୍ବୋପରି। ବିକେନ୍ଦ୍ରୀକରଣ - ତୃଣମୂଳ ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତିର ବିକେନ୍ଦ୍ରୀକରଣ ପାଇଁ ସମର୍ଥକ। ସମଗ୍ର ବିକାଶ : କେବଳ ଶାରୀରିକ ଆବଶ୍ୟକତା ଅପେକ୍ଷା ମନ, ଶରୀର ଏବଂ ଆତ୍ମାର ବିକାଶ ଉପରେ ଧ୍ୟାନ ଦିଏ। ଐତିହ୍ୟ- ଭାରତୀୟ ରାଜନୀତି ଉପରେ ପ୍ରଭାବ : ଉପାଧ୍ୟାୟଙ୍କ ଚିନ୍ତାଧାରା ଭାରତୀୟ ଜନତା ପାର୍ଟି(ବିଜେପି) ବିଚାରଧାରା ଏବଂ ନୀତିଗୁଡିକୁ ଆକାର ଦେଇଚାଲିଛି। ସ୍ମାରକୀ : ବାରଣସୀରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟୟ ସ୍ମାରକୀ କେନ୍ଦ୍ର ସମେତ ବିଭିନ୍ନ ଅନୁଷ୍ଠାନ, ରାସ୍ତା ଏବଂ ସେତୁ ତାଙ୍କ ନାମରେ ନାମିତ ହୋଇଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟୟ ହିନ୍ଦୀ ବିଦ୍ୟାପୀଠ : ହିନ୍ଦୀ ଭାଷା ଏବଂ ସାହିତ୍ୟର ପ୍ରଚାର ପାଇଁ ଉତ୍ସର୍ଗୀକୃତ ଏକ ଅନୁଷ୍ଠାନ, ଯାହା ମଥୁରାର ବୃନ୍ଦାବନରେ ଅବସ୍ଥିତ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟୟ, ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଣେ ପ୍ରସିଦ୍ଧ ଭାରତୀୟ ରାଜନେତା ଏବଂ ଦାର୍ଶନିକ ଥିଲେ ଯିଏ ଦେଶର ଆଦର୍ଶଗତ ଦୃଶ୍ୟପଟ୍ଟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଚିନ୍ତାଧାରା ଏବଂ ନୀତିଗୁଡିକ ଉପାନ୍ତ ସମ୍ପ୍ରଦାୟର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପକୁ ପ୍ରେରଣା ଏବଂ ପ୍ରଭାବିତ କରିଆସୁଛନ୍ତି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ଅନୁପ୍ରାଣୀତ ଯୋଜନାଗୁଡିକ ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଅନେକ ସରକାରୀ ଯୋଜନା ତାଙ୍କ ନାମରେ ନାମିତ ହୋଇଛି। କିଛି ଉଲ୍ଲେଖନୀୟ ଯୋଜନା ମଧ୍ୟରେ ଅଛି ପଣ୍ଡିତ ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା। ଏହି ଯୋଜନା ଦକ୍ଷତା ବିକାଶ ତାଲିମ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି ସହରାଚଂଳ ଗରିବ ସମ୍ପ୍ରଦାୟର ଉନ୍ନତି ଉପରେ ଧ୍ୟାନ ଦିଏ। ଗୃହ ଏବଂ ସହରାଚଂଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ, ଏହା ସ୍ଥାୟୀ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ଏହି ଗ୍ରାମୀଣ ଉପାଦାନ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଏ, ଯାହା ଗ୍ରାମୀଣ ଯୁବକ ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ଉପରେ ଧ୍ୟାନ ଦେଇଥାଏ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ସ୍ୱୟଂ ଯୋଜନା : ଏହି ଯୋଜନା ଅନୁସୂଚିତ ଜାତି ଏବଂ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରେ, ସେମାନଙ୍କୁ ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରେ। ମହାରାଷ୍ଟ୍ର ସରକାର ଦ୍ୱାରା କାର୍ଯ୍ୟକାରୀ ଏହା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ବୃତି ପ୍ରଦାନ କରେ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ସ୍ୱାବଲମ୍ବନ ଯୋଜନା:ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଷ୍ଟାର୍ଟଅପ୍ ଋଣ ଯୋଜନା ବେକାର ଯୁବକ ଯୁବତୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପରେ, ଉଦ୍ୟୋଗୀତା ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରେ। ଉଦ୍ଦେଶ୍ୟ ଏବଂ ପ୍ରଭାବ ଏହି ଯୋଜନାଗୁଡିକର ଲକ୍ଷ୍ୟ। ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବୃତିଗତ ତାଲିମ ପ୍ରଦାନ କରି ଦାରିଦ୍ର୍ୟ ସ୍ତର ହ୍ରାସ କରିବା। ଦକ୍ଷତା ବିକାଶ, ନିଯୁକ୍ତି ଏବଂ ଉଦ୍ୟୋଗୀତା ପାଇଁ ଆବଶ୍ୟକୀୟ ଦକ୍ଷତା ସହିତ ବ୍ୟକ୍ତିମାନଙ୍କୁ ସଜ୍ଜିତ କରିବା। ମହିଳା ସଶକ୍ତିକରଣ : ସାମାଜିକ-ଆର୍ଥିକ କାର୍ଯ୍ୟକଳାପରେ ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଉଦ୍ୟୋଗୀତାକୁ ଉତ୍ସାହିତ କରିବା। ଶିକ୍ଷା : ଉପେକ୍ଷିତ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରିବା। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଐତିହ୍ୟ ଉପେକ୍ଷିତ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକୁ ପ୍ରେରଣା ଦେଇ ଚାଲିଛି। ଏହି ଯୋଜନାଗୁଡିକ ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଏକ ଅଧିକ ସମାନ ସମାଜ ପାଇଁ କାର୍ଯ୍ୟ କରୁଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ପ୍ରଭାବ ତାଙ୍କ ନାମରେ ଥିବା ବିଭିନ୍ନ ସରକାରୀ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ସ୍ପଷ୍ଟ, ଯାହା ଦାରିଦ୍ର୍ୟ ଦୂରୀକରଣ, ଦକ୍ଷତା ବିକାଶ ଏବଂ ସ୍ଥାୟୀ ଜୀବିକା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏଠାରେ କିଛ ପ୍ରମୁଖ ଦିଗ ଅଛି : ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ - ପଣ୍ଡିତ ଦୀନ ଦୟାଲ ଅନ୍ତୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡଇଣ-ଘଜଖଗ) : ଗରିବ ପରିବାରଗୁଡିକୁ ଲାଭଦାୟକ ଆତ୍ମନିଯୁକ୍ତି ଏବଂ କୁଶଳୀ ମଜୁରୀ ନିଯୁକ୍ତି ସୁଯୋଗ ପାଇବାକୁ ସକ୍ଷମ କରି ଦାରିଦ୍ର୍ୟ ହ୍ରାସ କରିବା ଲକ୍ଷ୍ୟ, ଯାହାଫଳରେ ସ୍ଥାୟୀ ଏବଂ ବିବିଧ ଜୀବିକା ବିକଳ୍ପ ସୃଷ୍ଟି ହୁଏ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଗ୍ରାମୀଣ ଯୁବକମାନଙ୍କୁ ଦକ୍ଷତା ପ୍ରଦାନ କରିବା ଏବଂ ସେମାନଙ୍କୁ ନିୟମିତ ମାସିକ ମଜୁରୀ କିମ୍ବା ସର୍ବନିମ୍ନ ମଜୁରୀଠାରୁ ଅଧିକ ଦକ୍ଷତା ବିକାଶ ଏବଂ ନିଯୁକ୍ତି-କୌଶଳ ତାଲିମ, ଗ୍ରାମୀଣ ଯୁବକଯୁବତୀମାନଙ୍କୁ ବିଭିନ୍ନ ବାଣିଜ୍ୟରେ ତାଲିମ ପ୍ରଦାନ କରେ, ସେମାନଙ୍କର ନିଯୁକ୍ତି କ୍ଷମତା ବୃଦ୍ଧି କରେ ଏବଂ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରେ। ନିଯୁକ୍ତି ସହାୟତା : ନିଯୁକ୍ତି-ସଂଲଗ୍ନ କୌଶଳ ପ୍ରକଳ୍ପ ପାଇଁ ସହାୟତା ପ୍ରଦାନ କରେ, ବଜାର ଚାହିଦାକୁ ପୂରଣ କରେ, ପ୍ରତି ବ୍ୟକ୍ତି ପାଇଁ ୨୫, ୬୯୬ ଟଙ୍କାରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସହାୟତା ପ୍ରଦାନ କରେ। ମହିଳା ସଶକ୍ତିକରଣ - ସ୍ୱୟଂ ସହାୟତା ଗୋଷ୍ଠୀକୁ ପ୍ରୋତ୍ସାହିତ କରେ, ଗ୍ରାମୀଣ ଗରିବ ମହିଳାମାନଙ୍କୁ ସଂଗଠିତ କରେ ଏବଂ ସେମାନଙ୍କୁ ଆର୍ଥିକ ସେବା, ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରେ। ମହିଳା ଉଦ୍ୟୋଗ: ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗ କାର୍ଯ୍ୟକ୍ରମ (ଝଠରଚ) ଏବଂ ମାଇକ୍ରୋ-ଏଂଟରପ୍ରାଇଜ୍ ଡେଭଲପମେଣ୍ଟ (ଗରଡ)ଭଳି ପଦକ୍ଷେପ ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ସମର୍ଥନ କରେ। ପ୍ରଭାବ ମୂଲ୍ୟାଙ୍କନ -ବର୍ଦ୍ଧିତ ଆୟ: ହିତାଧିକାରୀ ପରିବାର ପାଇଁ ଆୟରେ ୧୯% ବୃଦ୍ଧି ଆଣିଛି। ଅନୁଷ୍ଠାନିକ ଋଣ ହ୍ରାସ : ହିତାଧିକାରୀ ପରିବାର ମଧ୍ୟରେ ଅନୁଷ୍ଠାନିକ ଋଣର ଅଂଶ ୨୦% ହ୍ରାସ ପାଇଛି। ଉନ୍ନତ ସଞ୍ଚୟ: ହିତାଧିକାରୀ ପରିବାରର ସଞ୍ଚୟ ପରିମାଣ ୨୮% ବୃଦ୍ଧି ପାଇଛି।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**

**ମୋବାଇଲ: ୭୯୭୮୬୬୬୪୦୩**


# ବ୍ରହ୍ମମୟୀ ଦୁର୍ଗତିନାଶିନୀ ବ୍ରହ୍ମ ସ୍ୱରୂପା ଦେବୀଦୁର୍ଗା



**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ। ଆଜି ମଧ ଓଡ଼ିଶା ଶକ୍ତି ଉପାସନାର ଆଦି ପୀଠ ଭାବରେ ସମଗ୍ର ଭାରତ ବର୍ଷ କାହିଁକି ବିଶ୍ୱ ଦରବାରରେ ସୁପରିଚିତ ହୋଇପାରିଛି। ଏଥିପୂର୍ବରୁ ପ୍ରାଚୀନ ଉତ୍କଳ ଏକ ତନ୍ତ୍ର ପୀଠ ଭାବରେ ଖ୍ୟାତି ଅର୍ଜନ କରିଥିବାର କିମ୍ବଦନ୍ତୀ ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ଲିପିବଦ୍ଧ। ଏତଦ୍ ବ୍ୟତୀତ ବହୁ ଆବହମାନ କାଳରୁ ଓଡ଼ିଶାର ପ୍ରତି ସହରଠାରୁ ଆରମ୍ଭ କରି ଗ୍ରାମ ଓ ପୁର ପଲ୍ଲୀରେ ଗ୍ରାମଦେବୀ (ମାଉଳୀ) ମନ୍ଦିର ମାନ ଦେଖାଯାଏ। ଏମାନେ କାଳୀ, ଚଣ୍ଡୀ, ଦୁର୍ଗା, ଭୈରବୀ, ରାମଚଣ୍ଡୀ, ହରଚଣ୍ଡୀ ନାମରେ ଖ୍ୟାତ। ସେହିସବୁ ପୀଠର ପୂଜା ପଦ୍ଧତି ମେଳା ମହୋତ୍ସବ ଆଜି ଓଡ଼ିଶାର ପରମ୍ପରାକୁ ବଜାୟ ରଖିଛି।

ଓଡ଼ିଶାରେ ଚତୁର୍ଥ ଶତାବ୍ଦୀ ଠାରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଦ୍ୱିଭୁଜା ଦେବୀ ରୂପେ ବିରଜା ଆବିର୍ଭୂତା ହୋଇଥିଲେ। ସେହି ସମୟ ପରେ ପରେ ଚତୁର୍ଭୁଜା ସୌମ୍ୟା ବିମଳାଙ୍କ ମୂର୍ତ୍ତି ପୁରୁଷୋତ୍ତମ କ୍ଷେତ୍ରରେ ଉପାସିତ ହେଉଥିôବା ପ୍ରମାଣର ମିଳେ। ଓଡ଼ିଶାର ସର୍ବ ପ୍ରାଚୀନ ଶକ୍ତି ଉପାସନାର କ୍ଷେତ୍ର ଭାବେ ବିରଜା ଦେବୀଙ୍କ ପୀଠକୁ ନିଆଯାଇଥିବାବେଳେ ଦେବୀ ବିମଳା ହେଉଛନ୍ତି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରର ପ୍ରାଚୀନତମ ଦେବୀ। ଶାକ୍ତାଗମ ଅନୁସାରେ 'ତାରା ସାକ୍ଷାତ୍ ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ, ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣକାଳିକା।' ତନ୍ତ୍ରସାର ଗ୍ରନ୍ଥାନୁସାରେ ପୁରୁଷୋତ୍ତମ କ୍ଷେତ୍ରକୁ ରକ୍ଷା କରିବା ପାଇଁ ଅଷ୍ଟଶକ୍ତିଙ୍କୁ ସ୍ଥାପନା କରାଯାଇଛି। ଶ୍ରୀକ୍ଷେତ୍ରର ଶାକ୍ତ ଉପାସନା ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଏଠାରେ କାତ୍ୟାୟନୀ (ବିମଳା) ଓ ଶ୍ରୀଜଗନ୍ନାଥ ଉପାସ୍ୟ ଦେବତା। ୧୦୮ ସିଦ୍ଧପୀଠ ବର୍ଣ୍ଣନା ପ୍ରସଙ୍ଗରେ ପୁରୁଷୋତ୍ତମ ପୀଠ ଏବଂ ପୀଠାଧୀଶ୍ୱରୀ ମା' ବିମଳାଙ୍କ ନାମ ଉଲ୍ଲେଖଯୋଗ୍ୟ।

ପୁରୀସ୍ଥିତ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ନୈଋତ ଦିଗରେ ଜଗତଜନନୀ ମା'ବିମଳା ଦେବୀ ବିରାଜମାନ କରିଛନ୍ତି। ତାଙ୍କ ପବିତ୍ର ତେଜୋମୟ ପାଦପଦ୍ମ ଦର୍ଶନ କଲେ ଭକ୍ତିମୁକ୍ତି ଉଭୟ ଅନାୟସରେ ମିଳିଥାଏ। ଏପରିକି ମହାପ୍ରଭୁଙ୍କର କୈବଲ୍ୟପାନପ୍ରେରା ପରମ କରୁଣାମୟୀ ଭୈରବୀ ସ୍ୱରୂପିଣୀ ଅନନ୍ତକୋଟି ବ୍ରହ୍ମାଣ୍ଡେଶ୍ୱରୀ ତ୍ରିପୁରସୁନ୍ଦରୀ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ସଚ୍ଚିଦାନନ୍ଦଲହରୀ ମା'ବିମଳା ସାକ୍ଷାତ ଭୁକ୍ତିମୁକ୍ତି ପ୍ରଦାୟିନୀ ଅଟନ୍ତି। ଶ୍ରୀମନ୍ଦିରରେ ବିରାଜିତା ପୀଠାଧୀଶ୍ୱରୀ ମା'ବିମଳା ଓ ଅନ୍ୟାନ୍ୟ ଶକ୍ତି ମନ୍ଦିର ମାନଙ୍କ ବ୍ୟତୀତ ଶ୍ରୀକ୍ଷେତ୍ରର କେତେକ ପ୍ରାଚୀନ ସାହି ଓ ବଡ଼ଦାଣ୍ଡରେ ସୁପ୍ରତିଷ୍ଠିତ ଶକ୍ତିପୀଠ ତଥା ଦେବୀ ମନ୍ଦିର ମାନଙ୍କ ମଧ୍ୟରେ ଅର୍ଦ୍ଧାଶନୀ, କାଳିକାଦେବୀ ସାହିସ୍ଥ ମା'ଦକ୍ଷିଣକାଳିକା, ଗଛକାଳି, କାକୁଡ଼ିଖାଇ, ଚୁଡ଼ଙ୍ଗ ସାହିସ୍ଥ ଦେବୀ ବିଶେଶ୍ୱରୀ, ବାଲିସାହିସ୍ଥ ମା' ବାରହୀ, ଶ୍ୟାମାକାଳୀ, ବାସେଳୀ ସାହିସ୍ଥିତ ମା'ବାସେଳୀ, ବନଦୁର୍ଗା, ପଣାପ୍ରିୟା, ହରଚଣ୍ଡୀ ସାହିସ୍ଥ ଚାମୁଣ୍ଡାମୂର୍ତ୍ତି, ହରଚଣ୍ଡୀ, ଦୋଳମଣ୍ଡପ ସାହିର କାଳିକା, ନାରାୟଣୀ, ବଡ଼ଦାଣ୍ଡସ୍ଥ ଚର୍ଚ୍ଚିକା, ମର୍ଚ୍ଚିକା, ଶ୍ରୀ ନଅରରେ ବିରାଜିତା, କନକଦୁର୍ଗା, ମାର୍କଣ୍ଡେଶ୍ୱର ସାହିର ଭଗବତୀ, ସପ୍ତମାତୃକା, ଅଲେଇ ଠାକୁରାଣୀ, ଅଠରନଳା ସନ୍ନିକଟସ୍ଥ ଆଲାମଚଣ୍ଡି, କୁଣ୍ଢେଇବେଣ୍ଟ ସାହିସ୍ଥ ଜାଡୁଆଣୀ, ରାମଚଣ୍ଡି ଆଦି କେତେକ ପ୍ରସିଦ୍ଧ ଶାକ୍ତ ମନ୍ଦିର ଓ ପୀଠମାନ ପ୍ରତିଷ୍ଠା ପୂର୍ବକ ଶ୍ରୀକ୍ଷେତ୍ରର ଶାକ୍ତ ଉପାସନାକୁ ସମୃଦ୍ଧ କରାଇଛନ୍ତି। ସେହିପରି ଶ୍ରୀମନ୍ଦିରରେ ଉଭୟ ଭିତର ଓ ବାହାର ବେଢ଼ାରେ କୁତାମ ଚଣ୍ଡି, ବେଢ଼ାକାଳୀ, ଭୁବନେଶ୍ୱରୀ, ଇନ୍ଦ୍ରାଣୀ, ମହାଲକ୍ଷ୍ମୀ, ବାଟମଙ୍ଗଳା, ଷଷ୍ଠୀ, ସାବିତ୍ରୀ, ଗାୟତ୍ରୀ, ସରସ୍ୱତୀ, ଶୀତଳା, ଉତ୍ତରାୟଣୀ, ଘଣ୍ଟେଶ୍ୱରୀ, ସମଲେଶ୍ୱରୀ, ଅନ୍ନପୂର୍ଣ୍ଣା, ମହାକାଳୀ, ଦଶମହାବିଦ୍ୟା, ବୁଢ଼ୀ ମା' ମଙ୍ଗଳା, ଦୁର୍ଗା, ହରଚଣ୍ଡୀ, ବସନ୍ତେଇ, ଖମ୍ବକାଳିକା, ଝାଡ଼େଶ୍ୱରୀ, ରାଧା, ରତ୍ନସିଂହାସନସ୍ଥିତା ଦେବୀ ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀ ଆଦି ବହୁ ଦେବୀ ପ୍ରତିମା ବିରାଜିତା ଓ ଉପାସିତ ହେଉଛନ୍ତି। ଏପରିକି ସ୍କନ୍ଦ ପୁରାଣରେ ଦେବୀ ସୁଭଦ୍ରାଙ୍କୁ ଶ୍ରୀଜଗନ୍ନାଥଙ୍କର ଶକ୍ତି ସ୍ୱରୂପିଣୀ ଭାବେ ବର୍ଣ୍ଣନା କରାଯାଇଛି।



ବସନ୍ତ ଏବଂ ଶରତ ଋତୁରେ ଦେବୀ ଆରାଧନା କରାଯାଏ। ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗା ପୂଜା ଅନୁଷ୍ଠିତ ହୁଏ। ସର୍ବ ମୂଳରେ ଶକ୍ତି ହିଁ ମୁଖ୍ୟବସ୍ତୁ। ସୂର୍ଯ୍ୟ ଉଦୟ ହେଲେ ଯେପରି ଅନ୍ଧକାର ଦୂର ହୋଇଯାଏ ଠିକ ସେହିପରି ଦୁର୍ଗାଙ୍କୁ ସ୍ମରଣ କଲେ ବିପଦ ଦୂର ହୋଇଯାଏ। ତେଣୁ ଅନେକ ବ୍ୟକ୍ତି ଦୁର୍ଗାଙ୍କୁ ସ୍ମରଣ କରିଥାନ୍ତି। ଦୁର୍ଗେ ଦୁର୍ଗତି ନାଶିନୀ ବୋଲି ମନ୍ତ୍ର ଉଚ୍ଚାରଣ କରନ୍ତି। - 'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ।'

ଭାରତୀୟ ସଂସ୍କୃତିରେ ଶକ୍ତି ମାତୃକାଙ୍କ ଉପାସନା କେଉଁ ଅନନ୍ତକାଳରୁ ହୋଇଆସୁଅଛି। ଆଦିମ ମାନବର ପରିକଳ୍ପନାରେ ସର୍ବପ୍ରଥମେ ଦେବୀ ଚେତନା

## ଶ୍ରୀକ୍ଷେତ୍ରରେ ଶାକ୍ତ ଉପାସନା

ଓ ମାତୃଚେତନା ସ୍ଥାନ ପାଇ ଶକ୍ତି ମାତୃକାଙ୍କୁ ଉପାସନା କରାଯାଉଅଛି। ମଣିଷ ଅନୁଭବ କଲା ଶକ୍ତିର ନାମ ଓ ପ୍ରବାହ ଅନନ୍ତ। ପ୍ରଥମେ ତ୍ରିଶକ୍ତି, ଷଣ୍ମାତୃକା, ସପ୍ତମାତୃକା, ଷୋଡ଼ଶମାତୃକା ଓ ଅଷ୍ଟଚଣ୍ଡୀ ମାନଙ୍କୁ ଉପାସନା କରାଗଲା; ମାତ୍ର ପରେ ନବଶକ୍ତି, ନବକାତ୍ୟାୟନୀ, ବିଷ୍ଣୁଶକ୍ତି, ରୁଦ୍ରଶକ୍ତି ଓ ଚଉଷଠି ଯୋଗିନୀ ମାନଙ୍କ ରୂପ ପରିକଳ୍ପନା କରାଯାଇ ସେମାନଙ୍କୁ ଉପାସନା କରାଗଲା। ଆଦ୍ୟାଶକ୍ତି ହିଁ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକାରିଣୀ, ପାଳନକାରିଣୀ ଓ ସଂହାରକାରିଣୀ। ଶକ୍ତି ହେଉଛନ୍ତି ସର୍ବାନନ୍ଦମୟୀ, ବିଶ୍ୱେଶ୍ୱରୀ, ବିଶ୍ୱରୂପା, ସ୍ୱୟଂସିଦ୍ଧା, ସର୍ବସିଦ୍ଧା, ସର୍ବରୂପା, ସୌମ୍ୟା ଓ ରୁଦ୍ରା। ଆଜିର ଏ ଜଗତ ଭ୍ରଷ୍ଟାଚାର, ଦୂରାଚାର, ପାପାଚାର, ମିଥ୍ୟାଚାର ମଧ୍ୟରେ ଆଚ୍ଛନ୍ନ। ସମସ୍ତେ ପ୍ରାୟତଃ ମୋହ, ମଦିରାରେ ସଂଶ୍ଳିଷ୍ଟ ଓ ସମସ୍ତେ ସୁଖ ଖୋଜିବାରେ ବ୍ୟସ୍ତ। 'ଭୋଗ' ହିଁ ମଣିଷର ଶ୍ରେୟ ହୋଇଗଲାଣି। ଭୋଗ ହିଁ ପ୍ରତ୍ୟେକ ମଣିଷ ଚାହୁଁଛି। ଧୀରେ ଧୀରେ ପ୍ରତ୍ୟେକ ମଣିଷ ମଧ୍ୟରେ ଆସୁରିକ ସ୍ୱଭାବ ବସା ବାନ୍ଧିବାରେ ଲାଗିଛି।

ତେଣୁ ଶେଷରେ ଏତିକି କହିବାକୁ ପଡ଼ିବ ଯେ - 'ହେ ମା ଦୁର୍ଗେ! ତୁମେ ମଣିଷ ମନରୁ ମିଥ୍ୟା, କ୍ରୋଧ, ଅଭିମାନ, ଅହଂଭାବ, ନାସ୍ତିକତା, ଆତ୍ମଗ୍ଲାନି, ଅସୂୟା, ଈର୍ଷା, ଦ୍ୱେଷଭାବ ଆଦି ଦୁର୍ଗୁଣ ଗୁଡ଼ିକୁ ଦୂର କର। ଏ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଯେଉଁମାନେ ବିକାଶ କରିବାରେ ଆଗେଇ ଆସିଛନ୍ତି ତାଙ୍କ ମଧ୍ୟରେ ଏକ ମହନୀୟ ଗୁଣ ଉଦ୍ରେକ କର। ଦେହ ମଧ୍ୟରେ ଅଗ୍ନି, ଅଗ୍ନି ମଧ୍ୟରେ ଦ୍ୟୁତି, ଦ୍ୟୁତି ମଧ୍ୟରେ ଦୀପ୍ତି, ଦୀପ୍ତି ମଧ୍ୟରେ ଚନ୍ଦ୍ର, ଚନ୍ଦ୍ର ମଧ୍ୟରେ ବୀର୍ଯ୍ୟ ଶକ୍ତି, ବୀର୍ଯ୍ୟଶକ୍ତି ମଧ୍ୟରେ ବିନ୍ଦୁ, ବିନ୍ଦୁ ମଧ୍ୟରେ ମନ, ମନ ମଧ୍ୟରେ ନାଦ, ନାଦ ମଧ୍ୟରେ କଳା, କଳା ମଧ୍ୟରେ ଜୀବ, ଜୀବ ମଧ୍ୟରେ ପରମ ଓ ପରମ ମଧ୍ୟରେ ଜୀବ। ଏହି ଚରାଚର ଜଗତ ହେଉଛି ବ୍ରହ୍ମ ସ୍ୱରୂପ ଏବଂ ଦେବୀ ଦୁର୍ଗା ମଧ ବ୍ରହ୍ମ ସ୍ୱରୂପା। ସେହି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କ ଅଭୟ ପାଦପଦ୍ମରେ ଅନନ୍ତ କୋଟି ପ୍ରଣାମ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**


**ମୋବାଇଲ୍: ୯୪୩୭୨୨୫୬୮୯**


# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ। ସନାତନ ସଂସ୍କୃତିର ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି। ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିକ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ। ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି। ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା।

ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲା ଦିନ ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା। ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ। ସମସ୍ତ ଆର୍କଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ। କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ



ନାମରେ ନାମିତ କରିଥିଲେ। ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧ୍ୟାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ। ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା। କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି। ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା।

ତାଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା। ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା। ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ। ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଦ୍ଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଶମ ପାଇଁ ତତ୍ପର ହୋଇ ଉଠୁଥିଲେ। ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତମାନଙ୍କୁ ବଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ। ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ। ଏହାକୁ ପାପର ପ୍ରାୟଶଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ। ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ରୁଦ୍ଧିମନ୍ତ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ। ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ। ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ। ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର।

ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା। ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ। ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ। ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ। ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ।


**ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ**

**ମୋବାଇଲ୍: ୮୭୬୩୧୦୭୧୨୬**

# ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୁଲେଟ୍ ଟ୍ରେନ୍



■ ସୂଚନା ଦେଲେ ରେଳ ମନ୍ତ୍ରୀ
■ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ ହେବ

**ନୂଆଦିଲ୍ଲୀ,୨୭।୯:** ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ମୁମ୍ବାଇ ଓ ଅହମ୍ମଦାବାଦ ମଧ୍ୟରେ ଚାଲିବାର ଯୋଜନା ଥିବା ବେଳେ ୨୦୨୯ ସୁଦ୍ଧା ପୂର୍ଣ୍ଣ ଗତିରେ କାର୍ଯ୍ୟକ୍ଷମ ହେବ ବୋଲି ଆଜି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ସେହିଭଳି ଗୁଜରାଟର ମାତ୍ର ୫୦ କିମି ଦୈର୍ଘ୍ୟବିଶିଷ୍ଟ ସୁରତ ଓ ବିଲିମୋରା ରୁଟରେ ଏହି ଅତ୍ୟାଧୁନିକ ହାଇ-ସ୍ପିଡ୍ ରେଳ ୨୦୨୭ ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ଭାରତର ରେଳ ଯୋଗାଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିବ। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତଥ୍ୟ ଅନୁଯାୟୀ, ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ରୁଟ୍ ୫୦୮ କିମି ଦୈର୍ଘ୍ୟରେ ବିସ୍ତାରିତ ହେବ ଓ ଏହା ଦୁଇ ସହର ମଧ୍ୟରେ ଯାତ୍ରା ସମୟକୁ ନାଟକୀୟ ଭାବେ ହ୍ରାସ କରିବ। ଏହି ରେଳ ଯାତ୍ରା ଆରମ୍ଭ ହେଲେ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ମାତ୍ର ୨ ଘଣ୍ଟାରେ ଯାତ୍ରା ସମ୍ପୂର୍ଣ୍ଣ ହେବ। ସେହିପରି ନିର୍ମାଣାଧୀନ ସୁରତ ଷ୍ଟେସନ ଯାଞ୍ଚ କରିବା ସହ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଭାରତର ପ୍ରଥମ ବୁଲେଟ ରେଳ ପ୍ରକଳ୍ପର କାମ ଜୋରସୋରରେ ଆଗେଇ ଚାଲିଛି। ସୁରତ ଓ ବିଲିମୋରା ମଧ୍ୟରେ ଚାଲିବାକୁ ଥିବା ପ୍ରଥମ ୫୦ କିମି ଆସନ୍ତା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଥାନେ-ଅହମ୍ମଦାବାଦ ୨୦୨୮ ସୁଦ୍ଧା ଓ ସମ୍ପୂର୍ଣ୍ଣ ମୁମ୍ବାଇ-ଅହମ୍ମଦାବାଦ ସେକ୍ସନ ୨୦୨୯ ସୁଦ୍ଧା କାର୍ଯ୍ୟକ୍ଷମ ହେବ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଟ୍ରେନ୍ ମେନ ଲାଇନରେ ଘଣ୍ଟା ପ୍ରତି ୩୨୦ କିମି ବେଗରେ ଯାତ୍ରା କରିପାରିବ ବେଳେ ଲୁପ୍ ଲାଇନରେ ୮୦ କିମି ବେଗରେ ଯାତ୍ରା କରିପାରିବ। ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ଜାପାନର ଶିଙ୍କାନସେନ ବୁଲେଟ୍ ଟ୍ରେନ୍ ପ୍ରଯୁକ୍ତି ଉପରେ ଆଧାରିତ ଏବଂ ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି (ଜାଇକା) ଦ୍ୱାରା ଏହାର ବିକାଶ କରାଯାଉଛି। ଏଥିସହ ପ୍ରକଳ୍ପଟି ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା, ପରିବେଶ ଅନୁକୂଳ ପ୍ରଯୁକ୍ତି ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ। ଶ୍ରୀ ବୈଷ୍ଣବ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରକଳ୍ପ କେବଳ ଯୋଗାଯୋଗକୁ ଉନ୍ନତ କରିବ ନାହିଁ, ବରଂ ଅର୍ଥନୀତିକୁ ମଜବୁତ କରିବ ଓ ଅଞ୍ଚଳରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ବୁଲେଟ୍ ଟ୍ରେନ୍ ଭାରତର ରେଳ ଇତିହାସରେ ଏକ ନୂଆ ଅଧ୍ୟାୟ ରଚନା କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ପହଲଗାମ୍ ଆକ୍ରମଣକୁ ବ୍ରିକ୍ସ ସମୂହର କଡ଼ା ନିନ୍ଦା




**ନୂଆଦିଲ୍ଲୀ,୨୭।୯:** ନ୍ୟୁୟର୍କ-ସଂଯୁକ୍ତ ରାଷ୍ଟ୍ର ସାଧାରଣ ପରିଷଦ (ୟୁଏନ୍‌ଜିଏ ୮୦) ଅବସରରେ ଅନୁଷ୍ଠିତ ବ୍ରିକ୍ସ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଶୁକ୍ରବାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ୨୦୨୬ ମସିହାରେ ଭାରତର ଆଗାମୀ ବ୍ରିକ୍ସ ସଭାପତିତ୍ୱ, ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ, ଜାତିସଂଘ ସୁରକ୍ଷା ପରିଷଦ ସଂସ୍କାର ପାଇଁ ଆହ୍ୱାନ ଏବଂ ବିଶ୍ୱ ବାଣିଜ୍ୟରେ ବଢ଼ୁଥିବା ପ୍ରତିବନ୍ଧକ ଉପରେ ଚିନ୍ତା କରାଯାଇଥିଲା। ଭାରତ ଏହି ବୈଠକର

**ୟୁଏନ୍‌ଏସ୍‌ସି ଆସନ ପାଇଁ ଭାରତର ଦାବି ଉପରେ ଗୁରୁତ୍ୱ**

ଅଧ୍ୟକ୍ଷତା କରିଥିଲା, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଅଧିବେଶନର ନେତୃତ୍ୱ ନେଇଥିଲେ। ଭାରତ ଆସନ୍ତା ବର୍ଷ ବ୍ରିକ୍ସ ସଭାପତିତ୍ୱ ଗ୍ରହଣ କରିବାକୁ ଯାଉଛି ଏବଂ ଏହି ସମ୍ପର୍କରେ ସମସ୍ତ ସଦସ୍ୟ ଦେଶଙ୍କଠାରୁ ସର୍ବସମ୍ମତ ସମର୍ଥନ ମଧ୍ୟ ପାଇଛି। ବୈଠକ ପରେ ଜାରି ଏକ ମିଳିତ ବିବୃତ୍ତିରେ କୁହାଯାଇଛି ଯେ, "ୟୁଏନ୍‌ଜିଏ ୮୦ ଅବସରରେ ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ଆୟୋଜନ କରିବା ପାଇଁ ମନ୍ତ୍ରୀମାନେ ଭାରତକୁ ପ୍ରଶଂସା କରିଥିଲେ। ସେମାନେ ୨୦୨୬ ରେ ଭାରତର ସଭାପତିତ୍ୱ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ ପାଇଁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ଉକ୍ତ ବୈଠକରେ ଗତ ଏପ୍ରିଲ୍ ୨୨ରେ ଜମ୍ମୁ-କାଶ୍ମୀରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା କରାଯାଇଥିଲା। "ମନ୍ତ୍ରୀମାନେ ସମସ୍ତ ପ୍ରକାରର ଆତଙ୍କବାଦ ବିରୁଦ୍ଧରେ ସେମାନଙ୍କର ଶୂନ୍ୟ ସହନଶୀଳତା ନୀତିକୁ ପୁନଃସ୍ଥାପନ କରିଥିଲେ। ସେମାନେ ସୀମାପାର ଗତିବିଧି, ପାଣ୍ଠି ଏବଂ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳ ଉପରେ ଚିନ୍ତା ପ୍ରକାଶ କରିଥିବା ବିବୃତ୍ତିରେ କୁହାଯାଇଛି। ଏହି ବିବୃତ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମିଳିତ ଜାତିସଂଘରେ ଦେଇଥିବା ମନ୍ତବ୍ୟ ପ୍ରତି ଭାରତର ସାମ୍ପ୍ରତିକ ପ୍ରତିକ୍ରିୟା ସହିତ ସମାନ, ଯେଉଁଥିରେ ଭାରତ ପାକିସ୍ତାନ ଓ ଆତଙ୍କବାଦକୁ ସମାଲୋଚନା କରିଥିଲା।

ବୈଠକରେ ଏକ ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଜାତିସଂଘ ସୁରକ୍ଷା ପରିଷଦ ପାଇଁ ଆହ୍ୱାନକୁ ପୁନର୍ବାର ଦୋହରାଯାଇଥିଲା। 'ମନ୍ତ୍ରୀମାନେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ଏବଂ ବ୍ରାଜିଲର ଆକାଂକ୍ଷାକୁ ସମର୍ଥନ କରିଥିଲେ। ଚୀନ୍ ଏବଂ ରୁଷ ମଧ୍ୟ ଏହି ଦେଶଗୁଡ଼ିକର ଏକ ବୃହତ ଭୂମିକା ଗ୍ରହଣ କରିବାର ଆକାଂକ୍ଷାକୁ ସମର୍ଥନ ଜଣାଇଥିଲେ।' ମନ୍ତ୍ରୀମାନେ ଶୁଳ୍କ ଏବଂ ଅଣ-ଶୁଳ୍କ ପଦକ୍ଷେପରେ ଅବାଧ ବୃଦ୍ଧି, ସୁରକ୍ଷାବାଦୀ ନୀତି ଏବଂ ଏକତରଫା ବାଣିଜ୍ୟ ପ୍ରତିବନ୍ଧକ ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଏହି ମନ୍ତବ୍ୟକୁ ଆମେରିକା ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ବର୍ତ୍ତମାନ ୫୦ ପତିଶତ ଶୁଳ୍କ ଲାଗୁ କରାଯିବା ପରିପ୍ରେକ୍ଷୀରେ ମଧ୍ୟ ଦେଖାଯାଉଛି। ଏହି ବୈଠକରେ ବ୍ରାଜିଲ, ରୁଷିଆ, ଚୀନ୍, ଦକ୍ଷିଣ ଆଫ୍ରିକା, ଇରାନ, ଇଣ୍ଡୋନେସିଆ, ୟୁଏଇ, ଇଥିଓପିଆ ଏବଂ ଇଜିପ୍ଟ ଭଳି ନୂତନ ସଦସ୍ୟ ଦେଶମାନେ ଯୋଗ ଦେଇଥିଲେ, ଯାହା ବିଶ୍ୱ ଦକ୍ଷିଣ ପାଇଁ ଏକ ମଞ୍ଚ ଭାବେ ବ୍ରିକ୍ସର ବର୍ଦ୍ଧିତ ପ୍ରଭାବକୁ ପ୍ରତିଫଳିତ କରୁଛି।

● ବରେଲି ହିଂସା ମାମଲା

# ମାଷ୍ଟରମାଇଣ୍ଡ ମୌଲାନା ତୌକିର ରଜା ଗିରଫ



**ବରେଲି,୨୭।୯(ସଂଚାର ବ୍ୟୁରୋ):** ବରେଲି ହିଂସା ଘଟଣାରେ ଆଜି ମାଷ୍ଟରମାଇଣ୍ଡ ଇତେହାଦ-ଏ-ମିଲ୍ଲତ ପରିଷଦ (ଆଇଏମ୍‌ସି)ର ମୁଖ୍ୟ ମୌଲାନା ତୌକିର ରଜାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ବରେଲି ପୁଲିସ ମୋଟ ୧୦ଟି ମାମଲା ରୁଜୁ କରିଥିବା ବେଳେ ୭ଟି ମାମଲାରେ ତୌକିର ରଜାଙ୍କ ନାମ ରହିଥିଲା। ଏ ସଂକ୍ରାନ୍ତରେ ପୁଲିସ ପକ୍ଷରୁ କୁହାଯାଇଛି ଯେ ଗତକାଲି ନମାଜ ପରେ ହିଂସା ସଂଘଟିତ ହୋଇଥିଲା। ମୁସଲମାନ ସମ୍ପ୍ରଦାୟର ଲୋକେ ସହରରେ ବରେଲିର ଅଲ-ହଜରତ ଦରଗା ନିକଟରେ ଏକାଠି ହୋଇଥିଲେ। ସେମାନଙ୍କ ହାତରେ 'ଆଇ ଲଭ୍ ମହମ୍ମଦ' ଲେଖା ଥିବା ପୋଷ୍ଟର ରହିଥିଲା। ଏହି ପ୍ରତିବାଦ ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିବା ବେଳେ ପ୍ରତିବାଦକାରୀମାନେ ପୁଲିସ ଉପରେ ପଥର ମାଡ଼ କରିଥିଲେ। ଫଳରେ ପୁଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ଅନ୍ୟପକ୍ଷରେ ଆଜି ତୌକିର ରଜାଙ୍କୁ ଗିରଫ ପରେ କୋର୍ଟରେ ହାଜର କରାଯାଇଥିଲା। ସେଠାରେ କୋର୍ଟ ତାଙ୍କୁ ୧୪ଦିନିଆ ନ୍ୟାୟିକ ହାଜତକୁ ପଠାଇଛନ୍ତି। ଏଥିସହ ଏହି ଘଟଣାରେ ମୋଟ ୮ ଜଣଙ୍କୁ ଜେଲକୁ ପଠାଯାଇଛି। ଏହି ମାମଲାରେ ଅଦ୍ୟାବଧି ପୁଲିସ ମୋଟ ୩୯ ଜଣଙ୍କୁ ଅଟକ ରଖିଛି। ଅନ୍ୟପକ୍ଷରେ ବରେଲି ହିଂସାରେ ମୋଟ ୨୨ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ ସିଂହ କହିଛନ୍ତି ଯେ ପୁଲିସ ଘଟଣାସ୍ଥଳରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିଛି। ଏଥିସହ ଏହି ମାମଲାରେ ସେ ଜନସାଧାରଣଙ୍କୁ କୌଣସି ଗୁଜବଠାରୁ ଦୂରେଇ ରହିବାକୁ ମଧ୍ୟ ନିବେଦନ କରିଛନ୍ତି। ଆହୁରି ଡିଆଇଜି ଅଜୟ କୁମାର ସାହାନି ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଭିଡିଓ ଓ ଫଟୋଗ୍ରାଫ୍‌ରୁ ଚିହ୍ନଟ କରାଯିବା ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୨ ବର୍ଷ ବଢ଼ିବ ସଂସଦ ସ୍ଥାୟୀ କମିଟି କାର୍ଯ୍ୟକାଳ!

**ନୂଆଦିଲ୍ଲୀ,୨୭।୯:** କେନ୍ଦ୍ର ସରକାର ସଂସଦର ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବଢ଼ାଇବା ପାଇଁ ଚିନ୍ତା କରୁଛନ୍ତି। ଏହି କମିଟିଗୁଡ଼ିକର କାର୍ଯ୍ୟକାଳ ଗୋଟିଏ ବର୍ଷ ହୋଇଥାଏ। ସଂସଦ ସଦସ୍ୟମାନେ ସରକାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏତେ ଅଳ୍ପ ସମୟ ମଧ୍ୟରେ ଯଥେଷ୍ଟ କାମ କରିବା ଅସମ୍ଭବ। ଏନେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କ ସହ ଆଲୋଚନା କରିବା ପରେ ସରକାର ଏହା ଉପରେ ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ସରକାରଙ୍କ ଅନୁସାରେ କିଛି ସାଂସଦ କହିଛନ୍ତି ଯେ କମିଟି ଗୁଡ଼ିକ ୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେମାନଙ୍କର ବାଛିଥିବା ବିଷୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସମାଧାନ କରିପାରିବେ ନାହିଁ। ୨ବର୍ଷର କାର୍ଯ୍ୟକାଳ ସେମାନଙ୍କୁ ଗଭୀର ଅଧ୍ୟୟନ ଓ ସୁପାରିସ୍ ପାଇଁ ଅନୁମତି ଦେବ। ନୂତନ ଲୋକସଭା କାର୍ଯ୍ୟକାଳ ଆରମ୍ଭ ହେବା ସହ ଏକ କମିଟିର ଅଧ୍ୟକ୍ଷ ନିଯୁକ୍ତ ହୁଅନ୍ତି ଏବଂ ସମ୍ପୂର୍ଣ୍ଣ ଏକ ବର୍ଷ ପାଇଁ ପଦବୀରେ ରହନ୍ତି। ଯଦି କୌଣସି ରାଜନୈତିକ ଦଳ ପରିବର୍ତ୍ତନ ଚାହାଁନ୍ତି, ତେବେ ଅଧ୍ୟକ୍ଷଙ୍କୁ ବଦଳାଯାଇପାରିବ। ସାଂସଦମାନେ ନିଜ ଇଚ୍ଛାରେ ଏକ ଭିନ୍ନ କମିଟିରେ ଯୋଗଦେବା ପାଇଁ ଅନୁରୋଧ କରିପାରିବେ।

# ତିରୁପତି ହେବ ଦେଶର ପ୍ରଥମ 'ଏଆଇ ଟେମ୍ପଲ'

■ ଭିଡ଼ ନିୟନ୍ତ୍ରଣ ସହ ସୁରକ୍ଷା ବଢ଼ିପାରିବ
■ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଆଇସିସିସି



**ହାଇଦ୍ରାବାଦ,୨୭।୯:** ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ନିକଟରେ ତିରୁମାଲାରେ ଏଆଇ-ଚାଳିତ ପିଲଗ୍ରିମ୍ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର ଉଦଘାଟନ କରିଛନ୍ତି। ଏହାକୁ ତୀର୍ଥଯାତ୍ରୀ ଇକୋସିଷ୍ଟମ୍ ପାଇଁ ଭାରତର ପ୍ରଥମ ଏଆଇ-ସକ୍ଷମ କମାଣ୍ଡ ସେଣ୍ଟର ଭାବେ ଦେଖାଯାଉଛି। ତେବେ ଏହାର ବୈଶିଷ୍ଟ୍ୟ ହେଉଛି ଯେ ଏହି ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି) ସଠିକ ସମୟରେ ଭିଡ଼ର ପୂର୍ବାନୁମାନ କରିବା ସହ ଦ୍ରୁତ ଧାଡ଼ି ପରିଚାଳନା କ୍ଷେତ୍ରରେ ସକ୍ଷମ ହେବ ଓ ତିରୁମାଲାରେ ସୁରକ୍ଷା ସହ ସାଇବର ବିପଦ ନିରୀକ୍ଷଣକୁ ମଧ୍ୟ ବୃଦ୍ଧି କରିପାରିବ। ଏହା ମନ୍ଦିର ପରିଦର୍ଶନରେ ଆସୁଥିବା ଭିଡ଼କୁ ମଧ୍ୟ ସହଜରେ ନିୟନ୍ତ୍ରଣ କରିପାରିବ।

ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ ତିରୁମାଲାରେ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ରର ଉଦଘାଟନ କରିଛନ୍ତି। ବୈକୁଣ୍ଠମ କ୍ୟୁ କମ୍ପ୍ଲେକ୍ସରେ ସ୍ଥାପିତ ଏହି ସୁବିଧା ଉନ୍ନତ କ୍ୟାମେରା, ୩ଡି ମ୍ୟାପ୍ ଓ ଏକ ଟେକ୍ନିକାଲ ଟିମ୍ ଦ୍ୱାରା ନିରୀକ୍ଷଣ କରାଯାଇଥିବା ଲାଇଭ୍ ଡ୍ୟାସବୋର୍ଡକୁ ଏକୀକୃତ କରିଥାଏ, ଯାହା ତୀର୍ଥଯାତ୍ରୀ ଅଭିଜ୍ଞତା ଏବଂ ମନ୍ଦିର ପ୍ରଶାସନ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ। ଏହା ଭିଡ଼ ନେଇ ପୂର୍ବାନୁମାନ ସହ ଧାଡି ବିଶ୍ଲେଷଣ, ସୁରକ୍ଷା, ସାଇବର ବିପଦର ଗୁଇନ୍ଦା ସୂଚନା ସହ ଅନେକ ବୈଶିଷ୍ଟ୍ୟ ପ୍ରଦାନ କରିଥାଏ। ଏଥିରେ ମଧ୍ୟ ଆଇସିସିସି ଉନ୍ନତ ଏଆଇ, ଫେସିଆଲ୍ ଆନାଲିଟିକ୍ସ ଏବଂ ୩ଡି ଭିଜୁଆଲାଇଜେସନ୍‌ର ସୁବିଧା ରହିଛି।

■ ପଞ୍ଜାବ ପୁଲିସକୁ ବଡ଼ ସଫଳତା

# ଦୁବାଇରୁ ଆସିଲା ଖଲିସ୍ତାନୀ ଆତଙ୍କୀ




**ନୂଆଦିଲ୍ଲୀ,୨୭।୯:** ଆତଙ୍କବାଦ ଓ ସଂଗଠିତ ଅପରାଧ ବିରୁଦ୍ଧରେ ବଡ଼ ସଫଳତା। ପଞ୍ଜାବ ପୋଲିସ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ୍ ବା ବିକେଆଇ ଆତଙ୍କବାଦୀ ପରବିନ୍ଦର ସିଂହ ଓରଫ ପିଣ୍ଡିକୁ ୟୁଏଇର ଆବୁଧାବିରୁ ଭାରତ ଆଣିବାରେ ସଫଳତା ପାଇଛି। ପୁଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ ଆଜି ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପିଣ୍ଡିକୁ ହରବିନ୍ଦର ସିଂହ ଓ ହାପି ପାସିଆର ସହଯୋଗୀ ପିଣ୍ଡିକୁ ଭାରତ ଅଣାଯାଇଛି। ପିଣ୍ଡି ଉପରେ ଅନେକ ଗମ୍ଭୀର ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ସେ ବଟାଲା-ଗୁର୍‌ଦାସପୁରରେ ପେଟ୍ରୋଲ ବମ୍ ଆକ୍ରମଣ ଓ ହିଂସାକାଣ୍ଡ ମାମଲାରେ ସମ୍ପୃକ୍ତ ରହିଛି। ଡିଜିପି ଯାଦବ କହିଛନ୍ତି ଯେ ବାଟାଲା ପୁଲିସ ଦ୍ୱାରା ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ୪ ସଦସ୍ୟବିଶିଷ୍ଟ ଟିମ୍ ଗତବର୍ଷ ସେପ୍ଟେମ୍ବରରେ ୟୁଏଇ ଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଓ ୟୁଏଇ ଅଧିକାରୀଙ୍କ ସମନ୍ୱୟରେ ସମସ୍ତ ଆଇନଗତ ଔପଚାରିକତା ପୂରଣ କରାଯାଇଥିଲା। ଏହି ସଫଳ ପ୍ରତ୍ୟର୍ପଣ ଆତଙ୍କବାଦ ଓ ସଂଗଠିତ ଅପରାଧ ପ୍ରତି ପୋଲିସର ଜିରୋ ଟଲେରାନ୍ସ ନୀତିକୁ ଦର୍ଶାଉଛି। ବୈଦେଶିକ ମନ୍ତ୍ରଣାଳୟ ୟୁଏଇ ସରକାର ଓ ଭାରତର କେନ୍ଦ୍ରୀୟ ଏଜେନ୍ସିକୁ ଧନ୍ୟବାଦ ଜଣାଇଛି।

● ପଶ୍ଚିମବଙ୍ଗ ଦୁର୍ଗାପୂଜାରେ ଟାରିଫ୍ ଯୁଦ୍ଧକୁ ବିରୋଧ

# ମଣ୍ଡପରେ ଟ୍ରମ୍ପ ଆକୃତିର ମହିଷାସୁର

**କୋଲକାତା,୨୭।୯:** ପଶ୍ଚିମବଙ୍ଗର ବହରମପୁରରେ ଏକ ଆଧୁନିକ କଳା ସମ୍ପନ୍ନ ଦୁର୍ଗା ପୂଜା ପ୍ରତିମା ଉନ୍ମୋଚନ କରାଯାଇଛି। ଯେଉଁଥିରେ ମହିଷାସୁର ମେଢ ଭାବେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକୃତିରେ ପ୍ରତିମୁର୍ତ୍ତୀ ତିଆରି କରାଯାଇଛି। ଏହା ଭାରତ ଉପରେ ଲଦାଯାଇଥିବା ୫୦% ଟ୍ରେଡ୍



ଟାରିଫ୍ ବିରୋଧରେ ଏକ ସାଂସ୍କୃତିକ ପ୍ରତିବାଦ ଭାବେ ଦେଖାଯାଉଛି। ଖଗରା କ୍ରେମେଟୋରିୟମ୍ ଘାଟ୍ ଦୁର୍ଗା ପୂଜା କମିଟି ଦ୍ୱାରା ନିର୍ମିତ ଏହି ପ୍ରତିମାଟିକୁ କଳାକାର ଅସିମ ପାଲ ତିଆରି କରିଛନ୍ତି। ଯେଉଁଥିରେ ଟ୍ରମ୍ପଙ୍କ ଦୋମୁହାଁ ନିତିକୁ ଚିତ୍ରଣ କରାଯାଇଛି, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସତ୍ତ୍ୱେ ଭାରତ ପ୍ରତି ତାଙ୍କ ମନରେ ଥିବା ବିଶ୍ୱାସଘାତକତାକୁ ପ୍ରତୀକାତ୍ମକ ଭାବେ ଉପସ୍ଥାପନ କରୁଛି। ଏହି ପ୍ରତିମାର ଉଦ୍ଘାଟନୀ ଉତ୍ସବରେ ବହରାମପୁର ମ୍ୟୁନିସିପାଲିଟିର ମେୟର ନାରୁ ଗୋପାଲ ମୁଖାର୍ଜି ଉପସ୍ଥିତ ଥିଲେ। ଯାହା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଧ୍ୟାନ ଆକର୍ଷଣ ସୃଷ୍ଟି କରିଛି। ଏନେଇ କମିଟିର ଜଣେ ସଦସ୍ୟ ପ୍ରତିକ କହିଛନ୍ତି ଯେ ଏହି ପ୍ରତିମା ଟ୍ରମ୍ପଙ୍କ ଟାରିଫ ନୀତି ଏବଂ ଭାରତ ପ୍ରତି ସେ କରିଥିବା ବିଶ୍ୱାସଘାତକତାର ପ୍ରତିକ୍ରିୟା ଭାବେ ଏହି ମୂର୍ତ୍ତୀ ନିର୍ମାଣ କରାଯାଇଛି। ସ୍ଥାନୀୟ ଲୋକଙ୍କ ନିକଟରୁ ଏହାକୁ ନେଇ ବହୁତ ସକରାତ୍ମକ ପ୍ରତିକ୍ରିୟା ମିଳିଛି। ଏହି ଘଟଣା ବିଶ୍ୱ ରାଜନୀତିର ପ୍ରଭାବ ସ୍ଥାନୀୟ ସାଂସ୍କୃତିକ ଅଭ୍ୟାସ ଉପରେ କିପରି ପଡୁଛି ତାହା ସମସ୍ତଙ୍କ ସାମ୍ନାକୁ ଆଣିଛି। ପୂର୍ବରୁ ୨୦୧୮ରେ ତେଲଙ୍ଗାନାର ଜଣେ କୃଷକ ଉଭୟ ଦେଶମଧ୍ୟରେ ଭଲ ସମ୍ପର୍କ ସୃଷ୍ଟି କରିବା ପାଇଁ ଟ୍ରମ୍ପଙ୍କ ନାମରେ ଏକ ମନ୍ଦିର ନିର୍ମାଣ କରିଥିଲେ। ଯାହା ଭାରତୀୟ ସାଂସ୍କୃତିକ ପ୍ରସଙ୍ଗରେ ଟ୍ରମ୍ପଙ୍କ ଚରିତ୍ରରର ଅନ୍ୟ ଏକ ଉଦାହରଣ। ତେବେ ଟ୍ରମ୍ପଙ୍କ ଟାରିଫ୍ ମାଡ, ଏଚ୍୧-ବି ଭିସା ରଦ୍ଦ ଓ ଅନ୍ୟ ଭାରତ ବିରୋଧୀ ମନ୍ତବ୍ୟ ପାଇଁ ଭାରତୀୟ ଜନତା ଏବେ ଟ୍ରମ୍ପଙ୍କୁ ବିରୋଧ କରିବା ଆରକମ୍ଭ କରିଦେଇଛନ୍ତି।

# ଗାଜାରେ ହମାସ ଆତଙ୍କୀଙ୍କୁ ନିପାତ କରାଯିବ: ନେତାନ୍ୟାହୁ




**ୱାଶିଂଟନ ଡିସି, ୨୭।୯:** ଗାଜା କାମ ତମାମ କରାଯିବ । ସେଠାରେ ହମାସ ଆତଙ୍କୀଙ୍କୁ ନିପାତ କରାଯିବ ଏବଂ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହି କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆଜି ଜାତିସଂଘରେ ଏଭଳି ହୁଙ୍କାର ଦେଇଛନ୍ତି । ଜାତିସଂଘ ସାଧାରଣ ପରିଷଦ ଅଧିବେଶନକୁ ସମ୍ବୋଧନ କରି ନେତନ୍ୟାହୁ କହିଛନ୍ତି ଯେ, ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସକୁ କହିଲୁ । ସେମାନେ ଶୁଣିଲେ ନାହିଁ । ଆମ ସେନା ସେଠାରେ ପ୍ରବେଶ କରିବେ ଓ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବେ । ଗତ ୧ ବର୍ଷ ଭିତରେ ସ୍ଥିତି ବଦଳିଯାଇଛି । ଇସ୍ରାଏଲ ତାର ସବୁ ଶତ୍ରୁଙ୍କୁ ନିପାତ କରିଛି ।

ୟେମେନରେ ହୁତି, ଗାଜାରେ ହମାସ, ଲେବାନନରେ ହିଜବୁଲ୍ଲା, ସିରିୟାରେ ଅସଦ ଏବଂ ସବୁଠାରୁ ବଡକଥା ହେଉଛି ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦିଆଯାଇଛି । ଏହି ଅବସରରେ ସେ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ର ମାନ୍ୟତା ଦେଇଥିବା ଦେଶମାନଙ୍କୁ ସମାଲୋଚନା କରିଥିଲେ। କହିଥିଲେ ୯/୧୧ ଆକ୍ରମଣ ପରେ ନ୍ୟୁୟର୍କ ସିଟି ଠାରୁ ୧ ମାଇଲ ଦୂରରେ ଅଲ୍‌କାଏଦାକୁ ଏକ ରାଷ୍ଟ୍ର ଗଠନ କରିବାକୁ ଅନୁମତି ଦେବା ଯାହା ଅକ୍ଟୋବର ୭ ଗଣହତ୍ୟା ପରେ ହମାସକୁ ଇସ୍ରାଏଲ ସୀମା ଠାରୁ ୧ ମାଇଲ ଦୂରରେ ସ୍ୱତନ୍ତ୍ର ରାଷ୍ଟ୍ର ବନାଇବାକୁ ସ୍ୱୀକୃତି ଦେବା ସହ ସମାନ। ଅନ୍ୟପକ୍ଷରେ ନେତନ୍ୟାହୁଙ୍କୁ ଜାତିସଂଘରେ ବିରୋଧର ସାମ୍ନା କରିବାକୁ ପଡିଛି । ସେ ଭାଷଣ ଦେଉଥିବା ବେଳେ କିଛି ରାଷ୍ଟ୍ରର ପ୍ରତିନିଧି ନିଜ ଚୌକିରୁ ଉଠି ପଳାଇବା ଦେଖିବାକୁ ମିଳିଥିଲା । ଆଉ କିଛି ପ୍ରତିନିଧି ତାଙ୍କ ଭାଷଣକୁ ପ୍ରଶଂସା ମଧ୍ୟ କରିଥିଲେ । ଏହା ପୂର୍ବରୁ ନେତନ୍ୟାହୁ ରାସ୍ତା ବଦଳାଇ ୬୦୦ କି.ମି. ଅତିରିକ୍ତ ବାଟ ଅତିକ୍ରମ କରି ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବାକୁ ନ୍ୟୁୟର୍କରେ ପହଞ୍ଚିଥିଲେ। ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ (ଆଇସିସି) ପକ୍ଷରୁ ତାଙ୍କ ବିରୋଧରେ ଜାରି ଗିରଫ ପରୱାନାରୁ ବର୍ତ୍ତିବାକୁ ସେ ଏଭଳି କରିଛନ୍ତି । ତେଲ୍ ଆଭିଭରୁ ନ୍ୟୁୟର୍କ ଯିବା ଲାଗି ନେତନ୍ୟାହୁଙ୍କୁ ଅଧିକ ୨ ଘଣ୍ଟା ସମୟ ଲାଗିଥିଲା। ଫ୍ଲାଇଟ୍ ଟ୍ରାକିଂ ଡାଟା ଅନୁସାରେ ନେତନ୍ୟାହୁଙ୍କ ବିମାନ ଗ୍ରୀସ୍ ଓ ଇଟାଲୀ ବାୟୁସୀମା ଦେଇ ଅତିକ୍ରମ କରିଥିଲା । କିନ୍ତୁ ୟୁରୋପର ଅନ୍ୟ କୌଣସି ଦେଶ ଯେପରି ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ଆୟର୍ଲାଣ୍ଡ ଓ ବ୍ରିଟେନର ବାୟୁସୀମାକୁ ଯାଇନଥିଲା ।

ସାଧାରଣତଃ ତେଲ୍ ଆଭିଭରୁ ନ୍ୟୁୟର୍କ ଯିବା ଲାଗି ୧୦-୧୧ ଘଣ୍ଟା ସମୟ ଲାଗେ । କିନ୍ତୁ ନେତନ୍ୟାହୁଙ୍କୁ ୧୩ ଘଣ୍ଟା ଲାଗିଥିଲା । ନେତନ୍ୟାହୁଙ୍କ ବିରୋଧରେ ଆଇସିସି ୨୦୨୪ରେ ଗିରଫ ପରୱାନା ଜାରି କରିଥିଲା । ଗାଜା ଆକ୍ରମଣ ଏବଂ ସେଠାରେ ଅନାହାରକୁ ଅସ୍ତ୍ର ଭାବେ ବ୍ୟବହାର କରିବା ନେଇ ଅଭିଯୋଗ ହୋଇଥିଲା। ନେତନ୍ୟାହୁ କୌଣସି ୟୁରୋପୀୟ ଦେଶର ବାୟୁସୀମା ଦେଇ ଯାଇଥିଲେ ସେଠାରେ ଅବତରଣ କରିବାକୁ ପଡିଥାନ୍ତା । ଆଇସିସି ନିୟମ ଅନୁସାରେ ସମ୍ପୃକ୍ତ ଦେଶ ତାଙ୍କୁ ଗିରଫ କରି ଆଇସିସିକୁ ହସ୍ତାନ୍ତର କରିଥାନ୍ତେ ।

# ୪ଦିନିଆ ବିଦେଶ ଗସ୍ତରେ ରାହୁଲ

**ନୂଆଦିଲ୍ଲୀ,୨୭।୯(ସଂଚାର ବ୍ୟୁରୋ):** କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଏବର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ଚାରିଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି। ଏନେଇ କଂଗ୍ରେସ ମୁଖପାତ୍ର ପବନ ଖେଡ଼ା 'ଏକ୍ସ'ରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାହୁଲ ଦକ୍ଷିଣ ଆମେରିକାର ୪ଟି ଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ସେ ଉକ୍ତ ଦେଶମାନଙ୍କର ରାଷ୍ଟ୍ରପତି ଓ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା, ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବ୍ୟବସାୟ ଜଗତର ପ୍ରତିନିଧିମାନଙ୍କ ସହ ସାକ୍ଷାତାଲୋଚନା କରିବେ। ରାହୁଲ୍ ବ୍ରାଜିଲ ଓ କଲମ୍ବିଆରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ। ଏଥିସହ ସେ ପ୍ରମୁଖ ବ୍ୟବସାୟୀମାନଙ୍କ ସହ ମଧ୍ୟ ଆଲୋଚନା କରିବେ।


# ଚୀନରେ ୫.୬ ତୀବ୍ରତାର ଭୂକମ୍ପ



**ବେଜିଂ,୨୭।୯:** ଆଜି ଚୀନର ଗାସୁରେ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୫.୬ ରହିଥିବା ଜଣାପଡିଛି । ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହାରି ମଧ୍ୟରେ ଏଥିରେ ୭ଜଣ ଆହତ ହୋଇଥିବା କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ଭୂମିକମ୍ପ ଅନୁଭବ ହେବା ମାତ୍ରେ ଲୋକମାନେ ଘରୁ ବାହାରକୁ ଦୌଡ଼ିବାକୁ ଲାଗିଥିଲେ । ଫଳରେ ଲୋକଙ୍କ ଚିତ୍କାର ଶୁଭିବା ସହ ରାସ୍ତାରେ ଭିଡ଼ ସୃଷ୍ଟି ହୋଇଥିଲା । ସୂଚନାନୁଯାୟୀ, ଆଜି ସକାଳ ୫. ୪୯ରେ ଲଙ୍ଗସି କାଉଣ୍ଟିରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତା ରହିଥିଲା । ସରକାରୀ ପ୍ରସାରକଙ୍କ ଅନୁଯାୟୀ, ଏଥିରେ ଆଠଟି ଘର ନଷ୍ଟ ହୋଇଛି ବୋଲି କୁହାଯାଇଛି ।

# ଧରାଲିରେ ନିଖୋଜ ଥିବା ୬୭ ଜଣଙ୍କୁ ମିଳିବ ମୃତ୍ୟୁ ପ୍ରମାଣପତ୍ର

■ କେନ୍ଦ୍ର ସରକାର ଦେଲେ ମଞ୍ଜୁରୀ
■ ପ୍ରମାଣପତ୍ର ପାଇବା ପରେ ମିଳିବ ଆର୍ଥିକ ସହାୟତା



**ଡେରାଡୁନ୍,୨୭।୯:** ଚଳିତବର୍ଷ ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ଉତ୍ତରାଖଣ୍ଡର ଧରାଲିରେ ବାଦଲଫାଟିବା ଯୋଗୁଁ ଘଟିଥିବା ବିପର୍ଯ୍ୟୟ ପରେ ୬୭ ଜଣଙ୍କର କୌଣସି ପତ୍ତା ମିଳିନାହିଁ। ୫୧ ଦିନ ପରେ ମଧ୍ୟ ଏମାନଙ୍କର କୌଣସି ପତ୍ତା ମିଳୁନାହିଁ। ବାଦଲ ଫାଟିବା ଯୋଗୁଁ ପୁରା ଗାଁ ପଙ୍କମାଟିରେ ପୋତି ହୋଇଯାଇଥିଲା। ଘଟଣାରେ ଅନେକ ନିଖୋଜ ରହିଥିଲେ। ଯେଉଁମାନଙ୍କ ପତ୍ତା ମିଳୁନାହିଁ ସେମାନଙ୍କୁ ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯିବ। କେନ୍ଦ୍ର ସରକାର ସେମାନଙ୍କ ସମସ୍ତଙ୍କ ପାଇଁ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି।

ଗତ ଅଗଷ୍ଟ ୫ରେ ଉତ୍ତରାଖଣ୍ଡର ଧରାଲିରେ ଘଟିଥିବା ବିପର୍ଯ୍ୟୟ ପରେ ୬୭ ଜଣ ଏବେ ବି ନିଖୋଜ ରହିଛନ୍ତି। ଧରାଲି ଏବଂ ହର୍ଷିଲରେ ଘଟିଥିବା ବିପର୍ଯ୍ୟୟରେ ନିଖୋଜ ଲୋକଙ୍କ ପାଇଁ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାକୁ ଗୃହ ମନ୍ତ୍ରଣାଳୟ ଅନୁମୋଦନ କରିଛି। ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ତଦାରଖ କରିବା ପାଇଁ ସରକାର ନିଯୁକ୍ତ ଏବଂ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ମୃତ୍ୟୁ ପଞ୍ଜୀକରଣ ପରେ, ନିଖୋଜଙ୍କ ପରିବାରକୁ ବିପର୍ଯ୍ୟୟ ସହାୟତା ଅଧୀନରେ ଆର୍ଥିକ ସହାୟତା ମିଳିବ। ଅଗଷ୍ଟ ୫ ତାରିଖରେ, ଧରାଲି ବିପର୍ଯ୍ୟୟ ଘଟି ସବୁକିଛି ମାଲୱା ନଦୀରେ ଖୀର ଗଙ୍ଗା ନଦୀରେ ସବୁକିଛି ପୋତି ଦେଇଥିଲା। ରାଜ୍ୟ ସରକାର ବିପର୍ଯ୍ୟୟରେ ନିଖୋଜ ଲୋକଙ୍କ ମୃତ୍ୟୁ ପଞ୍ଜୀକରଣ ଓ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ମାନଦଣ୍ଡକୁ କୋହଳ କରିବା ପାଇଁ ଗୃହ ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ପଠାଇଥିଲେ। ଗୃହ ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଜେନେରାଲ ନିଖୋଜ ଲୋକଙ୍କ ମୃତ୍ୟୁ ପଞ୍ଜୀକରଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଡକ୍ଟର ଆର. ରାଜେଶ କୁମାର କହିଛନ୍ତି ଯେ ଉତ୍ତରକାଶୀ ଜିଲ୍ଲାର ଧାରଲି ଏବଂ ହର୍ଷିଲରେ ବିପର୍ଯ୍ୟୟରେ ନିଖୋଜ ଲୋକଙ୍କ ମୃତ୍ୟୁ ପଞ୍ଜୀକରଣ ପାଇଁ ଭୀମର ଉପ-ଜିଲ୍ଲାପାଳଙ୍କୁ ନିଯୁକ୍ତ କରାଯାଇଛି। ସେହି ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଆପିଲେଟ୍ ପ୍ରାଧିକରଣ ଭାବରେ ନିଯୁକ୍ତ କରାଯାଇଛି। ୧୯୬୯ ମସିହାର ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ ଅନୁଯାୟୀ, ନିଖୋଜ ଲୋକଙ୍କୁ କେବଳ ୭ ବର୍ଷ ପରେ ମୃତ ଘୋଷଣା କରିବାର ବ୍ୟବସ୍ଥା ଅଛି। ବିପର୍ଯ୍ୟୟରେ ନିଖୋଜ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ପ୍ରଥମେ ବ୍ୟକ୍ତିଙ୍କ ମୂଳ ବାସଭବନରେ ନିଖୋଜ ବ୍ୟକ୍ତିଙ୍କ ଅଭିଯୋଗ ଦାଖଲ କରିବାକୁ ପଡିବ। ତା'ପରେ ଅଭିଯୋଗକୁ ପ୍ରଭାବିତ ଅଞ୍ଚଳର ପ୍ରୋଗ୍ରାମ ମାଜିଷ୍ଟ୍ରେଟ (ମୁଖ୍ୟମନ୍ତ୍ରୀ) ଙ୍କ ନିକଟକୁ ପଠାଯିବ। ଯଦି ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ଆପତ୍ତି ନ ମିଳେ, ତେବେ ଏକ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯିବ। ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ହିଁ ପରିବାର ବିପର୍ଯ୍ୟୟ ସହାୟତା ଅଧୀନରେ ଆର୍ଥିକ ସହାୟତା ପାଇପାରିବେ।

# ପାଟ୍ରୋଲିଂ ବେଳେ ଧରାପଡ଼ିଲା ଗଞ୍ଜେଇଭର୍ତ୍ତି କାର୍, ଦୁଇ ଗିରଫ



**ଚୌଦ୍ୱାର,୨୭।୯(ସଂଚାର ବ୍ୟୁରୋ):** କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏହାକୁ ପାଟ୍ରୋଲିଂ ବେଳେ ଧରିଛି ଟାଙ୍ଗି ପୁଲିସ୍। ଏହି ମାମଲାରେ ପୁଲିସ୍ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। କଟକ ଜିଲ୍ଲା ଟାଙ୍ଗି ଥାନା ମଙ୍ଗୁଳି ଛକ ନିକଟରୁ ପୁଲିସ୍ ଏହି ନିଶା ବେପାରୀମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଛି।

**ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ**

ମିଳିଥିବା ସୂଚନାନୁସାରେ, ଟାଙ୍ଗି ଥାନାଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗି ପୁଲିସ ଏସଆଇ ହେମନ୍ତ ସାମଲ ମଙ୍ଗୁଳି ନିକଟରେ ପାଟ୍ରୋଲିଂ କରୁଥିଲେ। ତେବେ ଏହି ସମୟରେ ଢେଙ୍କାନାଳରୁ ଆସୁଥିବା ଏକ କାର୍‌କୁ ସେ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଶ୍ରୀ ସାମଲ ଜାଣିବାକୁ ପାଇଥିଲେ। ଫଳରେ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ସେ ଚାଲାଣ ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଉମାକାନ୍ତ ନାୟକ କହିଛନ୍ତି। ଏଥିସହ ଗିରଫ ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଘରେ ବସି ପୁଲିସ୍‌ରେ ଅଭିଯୋଗ କରିହେବ

● କନ୍ଧମାଳ ପୁଲିସ୍ ଆରମ୍ଭ କଲା ହ୍ୱାଟ୍ସଆପ ସେବା

**କନ୍ଧମାଳ,୨୭।୯(ସଂଚାର ବ୍ୟୁରୋ):** ଲୋକଙ୍କ ସୁରକ୍ଷା ଓ ତୁରନ୍ତ ସେବା ପହଞ୍ଚାଇବା ପାଇଁ କନ୍ଧମାଳ ପୁଲିସ୍ ଆରମ୍ଭ କରିଛି ମୋବାଇଲ ସେବା 'ସାଥି ଆପ୍'। ଏହି 'ସାଥି ଆପ୍' ଦ୍ୱାରା ହ୍ୱାଟ୍ସଆପ୍ ନମ୍ବରରେ ଯେ କେହି ବି ଜିଲ୍ଲାର ଯେକୌଣସି ସ୍ଥାନରେ ଥାଇ ପୁଲିସ ନିକଟରେ ଅଭିଯୋଗ କରିପାରିବ। ଅପରାଧର ସୀମା ଦିନକୁ ଦିନ ବଢ଼ି ଚାଲିଛି। ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ସବୁବେଳେ ତତ୍ପର ରହୁଛି। ଭିନ୍ନ ଭିନ୍ନ ଟିମ୍ ଗଠନ କରି ଅପରାଧୀଙ୍କୁ ଧରିବା ସବୁବେଳେ ଚେଷ୍ଟାରତ ରହିଛି ପୁଲିସ। ତେବେ ପୁଲିସକୁ ଅପରାଧୀଙ୍କ ବିଷୟରେ ସୂଚନା ଦେବା କିମ୍ବା ନିଜ ସମସ୍ୟାକୁ




ନେଇ ଅଭିଯୋଗ କରିବାର ଆବଶ୍ୟକତା ପଡ଼ିଲେ, ଏଣିକି ଆଉ କାହାକୁ ବି ଥାନାକୁ ପଡ଼ିବ ନାହିଁ। ଘରେ ବସି ନିଜ ମୋବାଇଲରେ ହିଁ ଏନେଇ ଅଭିଯୋଗ କରାଯାଇପାରିବ। ଜନସାଧାରଣଙ୍କ ସୁରକ୍ଷାକୁ ନଜରରେ ରଖି ଏହି ସାଥି ଆପ୍‌କୁ ଗତକାଲି ଉଦଘାଟନ କରିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। କନ୍ଧମାଳ ଏସପି ହରିଶ୍ ବିଶିଙ୍କ ଏଭଳି ନିଆରା ପ୍ରୟାସକୁ ସେ ପ୍ରଶଂସା କରିବା ସହ କନ୍ଧମାଳବାସୀଙ୍କ ନିକଟରେ ଏହି ସେବା କିପରି ଗଣମାଧ୍ୟମ ଜରିଆରେ ପହଞ୍ଚିବ, ସେଦିଗରେ ପ୍ରଚେଷ୍ଟା କରାଯାଉଥିବା କହିଛନ୍ତି। ଲୋକଙ୍କ ସମସ୍ୟାକୁ ସହଜରେ ସମାଧାନ କରାଯିବା ସାକଶେ ଏପରି ଏକ ପ୍ରଚେଷ୍ଟା ଆରମ୍ଭ ହୋଇଛି। କନ୍ଧମାଳ ପୁଲିସର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ଏହାଦ୍ୱାରା ଜିଲ୍ଲାରେ ଅପରାଧ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

# ଗର୍ଭବତୀଙ୍କୁ ବାନ୍ଧି ଟଙ୍କା ଓ ଅଳଙ୍କାର ଲୁଟ୍

**ସୋରୋ,୨୭।୯(ସଂଚାର ବ୍ୟୁରୋ):** ଜନୈକା ଗର୍ଭବତୀଙ୍କ ହାତ ଗୋଡ଼ ବାନ୍ଧି ଦୁର୍ବୃତ୍ତମାନେ ଟଙ୍କା ଓ ଅଳଙ୍କାର ଆଦି ଲୁଟିନେଇଛନ୍ତି। ଏଥିସହ ସେମାନେ ମାନବିକତା ଭୁଲି ଟଙ୍କା ଓ ଗହଣା ଲୋଭରେ ଉକ୍ତ ଗର୍ଭବତୀ ମହିଳାଙ୍କୁ ମାଡ଼ ମଧ ମାରିଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ସୋରୋରେ ଏପରି ଅଘଟଣ ଘଟିଛି। ଲୁଟେରାମାନେ ସୁନା ଶଙ୍ଖା ଭାଙ୍ଗି ସେଥିରେ ଥିବା ସୁନା ନେଇଯାଇଛନ୍ତି।




ମିଳିଥିବା ସୂଚନାନୁସାରେ, କିଛି ଦିନର ବ୍ୟବଧାନ ପରେ ପୁଣି ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଛି ହାତଗୋଡ଼ ବାନ୍ଧି ଲୁଟୁଥିବା ଲୁଟେରାଙ୍କ ଦୌରାତ୍ମ୍ୟ। ଗତକାଲି ରାତିରେ ବାଲେଶ୍ୱର ଜିଲ୍ଲା ସୋର ଥାନା ଟେଣ୍ଟେଇ ପଞ୍ଚାୟତ ବିରିପଡ଼ା ଗାଁର ଜନୈକା ଗର୍ଭବତୀ ମହିଳାଙ୍କୁ ହାତଗୋଡ଼ ବାନ୍ଧିବା ସହ ତାଙ୍କୁ ମାଡ଼ ମାରି ଏହି ଲୁଟ୍ ହୋଇଛି। ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଥିଲେ। ତେବେ ଗତକାଲି ରାତିରେ ୪ ଜଣ ଦୁର୍ବୃତ୍ତ ପଲିଥିନ ଚିରି ଘର ଭିତରେ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହ ସେମାନେ ପରିବାରର ୩ ଜଣଙ୍କ ହାତଗୋଡ଼ ବାନ୍ଧିଦେଇଥିଲେ। ପରେ ସେମାନେ ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ଅନ୍ୟପକ୍ଷରେ ଚୋରଙ୍କ ମାଡ଼ର ଶିକାର ହୋଇଥିବା ଗର୍ଭବତୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ସେହିପରି ଗ୍ରାମର ଚକ୍ରଧର ବେହେରା ଦୁଇ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ଏହାର ପାଇଦା ନେଇ ଗତକାଲି ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟିନେଇଛନ୍ତି। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଅଞ୍ଚଳରେ ଚୋରମାନେ ପୁଲିସ ଆଖିରେ ଧୂଳି ଦେଇ ବାରମ୍ବାର ଲୁଟ୍ କରୁଛନ୍ତି। ପୁଲିସ୍ ସେମାନଙ୍କୁ ଠାବ କରିପାରୁନାହିଁ କି ସ୍ଥାନୀୟ ଲୋକଙ୍କ ମନରେ ଚୋରି ନେଇ ରହିଥିବା ଭୟକୁ ମଧ ଦୂର କରିପାରୁନାହିଁ। ଫଳରେ ପୁଲିସର ପାରିବାପଣିଆ ଉପରେ ସ୍ଥାନୀୟ ଲୋକେ ଅଙ୍ଗୁଳି ଉଠାଇଛନ୍ତି। ତେଣୁ ସଦ୍ୟ ଚୋରି ମାମଲାର ସଠିକ୍ ତଦନ୍ତ କରି ପୁଲିସ୍ ଦୁର୍ବୃତ୍ତଙ୍କୁ ଠାବ କରିବା ସହ ଚୋରିର ଶିକାର ହୋଇଥିବା ଲୋକଙ୍କୁ ସେମାନଙ୍କ ସମ୍ପତ୍ତି ଫେରାଇଦେବା ସକାଶେସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବାଣପୁର ବାଇପାସରେ ସିରିଜ୍ ଦୁର୍ଘଟଣା

# ପଛକୁ ପଛ ପିଟିହେଲା ୩ ବସ୍: ଜଣେ ମୃତ, ୫ ଆହତ



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଆଜି ଖୋର୍ଦ୍ଧା ଜିଲ୍ଲାର ବାଣପୁର ବାଇପାସରେ ଘଟିଛି ଏକ ସିରିଜ୍ ଦୁର୍ଘଟଣା। ୩ଟି ବସ୍ ପଛକୁ ପଛ ପିଟି ହେବା ଫଳରେ ଘଟଣାସ୍ଥଳରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟିବା ପରେ ଉକ୍ତ ୩ଟିଯାକ ବସ୍‌ର ଚାଳକମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି। ତେବେ ଏକ ଗାଈକୁ ବଞ୍ଚାଇବାକୁ ଯାଇ ପ୍ରଥମ ବସ୍ ଅଚାନକ ବ୍ରେକ୍ କଷିବାରୁ ଏହା ପଛରେ ଆସୁଥିବା ଅନ୍ୟ ଦୁଇଟି ବସ୍ ପରସ୍ପର ସହ ପିଟି ହୋଇଯାଇଥିଲେ। ଏହି ଘଟଣାରେ ଉକ୍ତ ୩ଟି ବସ୍ ମଝିରେ ଥିବା ଜଣେ ବାଇକ୍ ଚାଳକ ବି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଉକ୍ତ ବାଇକ୍ ପଛପଟେ ବସିଥିବା ଯୁବକ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାସ୍ତା ଉପରେ ଏକ ଗାଈ ଶୋଇଥିବା ସମୟରେ ଏହାକୁ ବଞ୍ଚେଇବା ପାଇଁ ଶିମିଳିଗୁଡାରୁ ଭୁବନେଶ୍ୱର ଯାଉଥିବା ବସ୍‌ଟି ଅଚାନକ ରାସ୍ତା ମଝିରେ ଅଟକି ଯାଇଥିଲା। ଫଳରେ ପଛରୁ ଆସୁଥିବା ଏକ ବାଇକ୍‌କୁ ତା' ପଛରେ ଆସୁଥିବା ଅନ୍ୟ ଏକ ବସ୍ ଧକ୍କା ଦେଇଥିଲା। ତା' ପଛକୁ ବିଶାଖାପାଟଣାରୁ କୋଲକାତା ଯାଉଥିବା ବସ୍‌ଟି ସମ୍ମୁଖ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ନିମିଷେତା ଗ୍ରାମର ଶୁଭମ୍ ଜ୍ୟୋତି ପ୍ରହରାଜଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହାଛଡ଼ା ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୨ ଜଣ ଯାତ୍ରୀ ଓ ସହକାରୀ ଡ୍ରାଇଭର ଓ ହେଲପର ଆହତ ହୋଇ ବାଲୁଗାଁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ବାଣପୁର ପୁଲିସ ପହଞ୍ଚି ତଦନ୍ତ କରୁଛି।

# କୁଖ୍ୟାତ ବନ୍ଧୁକ ବେପାରୀ ଗିରଫ



**ଅଟୋମେଟିକ ବନ୍ଧୁକ ଜବତ**

**୨୦୧୫ରେ ଏନ୍‌କାଉଣ୍ଟର୍‌ର ଶିକାର ହୋଇଥିଲା**

**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** କମିଶନରେଟ ପୁଲିସ ହାତରେ କୁଖ୍ୟାତ ବନ୍ଧୁକ ବେପାରୀ। କୁଖ୍ୟାତ ବନ୍ଧୁକ ବେପାରୀ ଶେଖ ନଦୀମ ଗିରଫ ହୋଇଛି। ନଦୀମଠାରୁ ଜବତ ହୋଇଛି ୧୦ଟି ସେମି ଅଟୋମେଟିକ ବନ୍ଧୁକ, ୧୮ଟି ଜୀବନ୍ତ ଗୁଳି ଓ ୧୦ଟି ମାଗାଜିନ। ଏଥିସହ ଗୋଟିଏ ମୋବାଇଲ ଫୋନ୍ ଓ ଗୋଟିଏ ମୋଟର ସାଇକେଲ ମଧ ତା'ଠାରୁ ଜବତ ହୋଇଛି। ଭୁବନେଶ୍ୱର-କଟକ କମିଶନରେଟ୍ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଏହିସବୁ ସାମଗ୍ରୀ ଜବତ କରିଛି। ଜଗତସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅଧୀନ ଇଟାଟିକିରି ଗାଁର ଶେଖ୍ ହାକିମଙ୍କ ପୁଅ ଶେଖ୍ ନଦିମ। ଗତ ୨୦୧୫ରେ ସେ ଏନକାଉଣ୍ଟରର ଶିକାର ହୋଇଥିଲା। ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବସାୟକୁ ଲକ୍ଷ୍ୟ କରି ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ପକ୍ଷରୁ ଏକ ସର୍ଭେଲାନ୍ସ ଅପରେସନ୍ କରାଯାଇଥିବା ବେଳେ ଏଥିରେ ନଦୀମ୍ ଧରାପଡ଼ିଛି। ଶେଖ୍ ନଦିମ ଦୀର୍ଘ ୧ ମାସ ଧରି ନିରୀକ୍ଷଣରେ ଥିଲା। ସ୍ଥାନୀୟ ବ୍ୟବସାୟୀଙ୍କୁ ଆଧୁନିକ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ପାଇଁ ସେ ପ୍ରୟାସ କରୁଥିଲା। ଶେଖ୍ ନଦିମ ୫ଟି ଅନ୍ୟାନ୍ୟ ଅପରାଧିକ ମାମଲାରେ ଜଡିତ ଥିବା ମଧ ପ୍ରାଥମିକ ତଦନ୍ତ ପରେ ସ୍ପଷ୍ଟ ହୋଇଛି।

# ସ୍ତ୍ରୀକୁ କାଠ ଫାଳିଆରେ ପିଟି ହତ୍ୟାକଲା ସ୍ୱାମୀ

**ଉଦଳା,୨୭।୯(ସଂଚାର ବ୍ୟୁରୋ):** ସ୍ୱାମୀ ସାଜିଲା ସୈତାନ, ସେ ବି ସାମାନ୍ୟ ହାଣ୍ଡିଆ ପାଇଁ। ଅର୍ଥାତ୍ ସାମାନ୍ୟ ହାଣ୍ଡିଆ ପରିବାରକୁ ଉଚ୍ଛନ୍ନ କରିଦେଇଛି। ସ୍ତ୍ରୀ ସବୁତକ ହାଣ୍ଡିଆ ପିଇ ଦେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ କାଠ ଫାଳିଆରେ ପିଟି ପିଟି ତାକୁ ହତ୍ୟା କରିଛି। ଏଭଳି ଏକ ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଉପରଡାଳଡିହା ଗାଁରେ ଘଟିଛି। ମୃତକ ଜଣଙ୍କ ହେଲେ ସୀତା ସିଂ ଓ ତାଙ୍କୁ ହତ୍ୟା କରିଥିବା ସ୍ୱାମୀ ଜଣଙ୍କ ଗୁରୁ ପ୍ରସାଦ ସିଂ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗୁରୁପ୍ରସାଦ କାମରୁ ଘରକୁ ଫେରି ପିଇବାକୁ ପତ୍ନୀ ସୀତାଙ୍କୁ ହାଣ୍ଡିଆ ମାଗିଥିଲା। କିନ୍ତୁ ସୀତା ସବୁ ହାଣ୍ଡିଆ ପିଇଦେଇ ନିଶାସକ୍ତ ଅବସ୍ଥାରେ ଥିବା ଦେଖି ଗୁରୁ ପ୍ରସାଦ ଏତେ ମାତ୍ରାରେ ରାଗିଯାଇଥିଲା ଯେ ସେ ନିଜର ହିତାହିତ ଜ୍ଞାନ ଭୁଲିଯାଇଥିଲା। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୀଷଣ ଝଗଡ଼ା ମଧ ହୋଇଥିଲା। ଏହି ସମୟରେ ଅତି ମାତ୍ରାରେ ଉତ୍ତ୍ୟକ୍ତ ହୋଇ ଗୁରୁ ପ୍ରସାଦ ଏକ କାଠଫାଳିଆରେ ସୀତାକୁ ପିଟି ପିଟି ହତ୍ୟା କରିଥିଲା। ଏହାପରେ ସେ ତା'ର ଦୁଇ ଛୋଟ ପିଲାଙ୍କୁ ମଧ ମାରିବାକୁ ଉଦ୍ୟମ କରିଥିଲା। ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ଉଦଳା ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଗୁରୁ ପ୍ରସାଦକୁ ଗିରଫ କରିଥିବା ଜଣାପଡ଼ିଛି।

**ସତ୍ୟବ୍ରତ ହତ୍ୟା ମାମଲାରେ ଆସିଲା ରାୟ**

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ



**ଖୋର୍ଦ୍ଧା,୨୭।୯(ସଂଚାର ବ୍ୟୁରୋ):** ଗତ ୨୦୧୯ରେ ସ୍ଥାନୀୟ ବେଗୁନିଆ ଥାନା ଅନ୍ତର୍ଗତ କୁଣ୍ଡାମଳିମ ଗ୍ରାମର ସତ୍ୟବ୍ରତ ପାତ୍ର ହତ୍ୟା ମାମଲାରେ ଆଜି ଆସିଛି ରାୟ। ଏଥିରେ ଅଭିଯୁକ୍ତ ନରେନ୍ଦ୍ର ମହାରଣାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଥମ ଅତିରିକ୍ତ ଦୌରା ଜଜ୍ ରଞ୍ଜୁଲତା ଲେଙ୍କା। ସେହିପରି ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ତାକୁ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ପରିଚାଳନା କରୁଥିବା ସରକାରୀ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ ଦେଇଥିବା ସୂଚନାନୁସାରେ, ବେଗୁନିଆ ଥାନା ଅନ୍ତର୍ଗତ କୁଣ୍ଡାମଳିମ ଗ୍ରାମରେ ଗୋପାଳ ଚନ୍ଦ୍ର ପାତ୍ରଙ୍କ ଏକ ନୂଆ ଘର ନିର୍ମାଣ ହୋଇଥିଲା। ଏହାର ଦେଖାଶୁଣା ଦାୟିତ୍ୱ ଗୋପାଳଙ୍କ ବଡ଼ପୁଅ ସତ୍ୟବ୍ରତ କରୁଥିବା ବେଳେ ବାଙ୍କୀ ଥାନା ଅର୍ନ୍ତଗତ ଘୋଳପୁର ଗ୍ରାମର ନରେନ୍ଦ୍ର ମହାରଣା ସେଠାରେ କେୟାରଟେକର କାର୍ଯ୍ୟ କରୁଥିଲା। ତେବେ ଦିନେ ମଦ୍ୟପାନକୁ ନେଇ ସେମାନଙ୍କ ମଧ୍ୟରେ ଭୀଷଣ କଳିଝଗଡ଼ା ହୋଇଥିଲା। ଏନେଇ ଗତ ୨୦୧୯ ଜାନୁଆରୀ ୨୯ ତାରିଖରେ ସତ୍ୟବ୍ରତଙ୍କୁ ଅଭିଯୁକ୍ତ ନରେନ୍ଦ୍ର ଟାଙ୍ଗିଆରେ ଅତି ନିର୍ମମ ଭାବେ ହତ୍ୟା କରିଥିଲା। ପରେ ସେ ଘରେ ବାହାରପଟୁ ତାଲା ଲଗାଇ ସେଠାରୁ ଫେରାର୍ ହୋଇଯାଇଥିଲା। ଘଟଣା ପରଦିନ ମୃତ ସତ୍ୟବ୍ରତଙ୍କ ବାପା ତାଙ୍କ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଦୀର୍ଘ ୯ ମାସ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ଏହାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ନରେନ୍ଦ୍ରକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ଆଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୱାଙ୍ଗଚୁକଙ୍କ...

ପାକିସ୍ତାନ ସହ ରହିଥିବା ଡିଜିପି ଦାବି କରିଛନ୍ତି। ସେହିପରି ପାକିସ୍ତାନ ଓ ବାଂଲାଦେଶକୁ ସେ ଗସ୍ତ କରିବା ମଧ୍ୟ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଲଦାଖରୁ ୱାଙ୍ଗଚୁକଙ୍କୁ ଏନଏସଏ ବଳରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲକୁ ପଠାଇ ଦିଆଯାଇଛି। ୱାଙ୍ଗଚୁକଙ୍କ ଗିରଫଦାରୀ ସମ୍ପର୍କରେ ଲେହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲଦାଖର ପୁଲିସ ମୁଖିଆ କହିଛନ୍ତି ଯେ, "ଆମେ ଜଣେ ପାକିସ୍ତରନ ଗୁଇନ୍ଦା ଅଧିକାରୀ ବା ପିଆଇଓକୁ ନିକଟରେ ଗିରଫ କରିଥିଲୁ। ସେ ସୀମା ସେପଟେ ଥିବା ଲୋକଙ୍କୁ ରିପୋର୍ଟ କରେ। ଏହାର ତଥ୍ୟ ଆମ ହାତରେ ଲାଗିଛି। ସୋନମ ୱାଙ୍ଗଚୁକ ପାକିସ୍ତାନରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ବାଂଲାଦେଶ ମଧ୍ୟ ଯାଇଥିଲେ। ଗିରଫ ହୋଇଥିବା ପାକିସ୍ତାନ ଗୁଇନ୍ଦା ଅଧିକାରୀ ସହ ୱାଙ୍ଗଚୁକ ଯୋଗାଯୋଗରେ ଥିଲେ। ତେଣୁ ତାଙ୍କ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ସେସବୁର ତଦନ୍ତ ଚାଲିଛି।" ଡିଜିପି ଜମୱାଲ ଅଭିଯୋଗ କରିଛନ୍ତି ଯେ, ଲେହ ହିଂସାକୁ ୱାଙ୍ଗଚୁକ ହିଁ ଉସାଇକ ଥିଲେ। ସେପ୍ଟେମ୍ବର ୨୪ରେ ହୋଇଥିବା ହିଂସାକାଣ୍ଡ ଯୋଗୁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୮୦ ଜଣ ଆହତ ହୋଇଥିଲେ।

## ଖଣି...

ରାଜ୍ୟରେ ୨୫ବର୍ଷ ଧରି ଗୋଟିଏ ସ୍ଥିର ସରକାର ରହିଲା। ହେଲେ ରତ୍ନଗର୍ଭା କେନ୍ଦୁଝର ଜନଜାତିଙ୍କ ଜୀବନରେ କିଛି ପରିବର୍ତ୍ତନ ହୋଇପାରିଲା ନାହିଁ। ତେବେ ଏହି ଜନଜାତି ଅଞ୍ଚଳରୁ ନିର୍ବାଚିତ ବିଧାୟକ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲା ପରେ ସରକାରୀ ବାବୁମାନେ ତତ୍ପର ହୋଇ ଉଠିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ଚିତ୍ର ବଦଳାଇବାକୁ ସମସ୍ତେ ଅଣ୍ଟା ଭିଡିଛନ୍ତି। ଜିଲ୍ଲାର ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ଜୁଆଙ୍ଗଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

## ବିକାଶକୁ...

ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି। ସେ ଓଡ଼ିଶା ଏବଂ ଦେଶର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ବିଷୟରେ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ବଞ୍ଚିତ, ପଛୁଆ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ ସମେତ ଅବହେଳିତ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ଆମେ ଧ୍ୟାନ ଦେଉଛୁ। ଏହି କ୍ରମରେ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ତାଙ୍କ ସହଯୋଗୀମାନଙ୍କର ଉଲ୍ଲେଖନୀୟ ପ୍ରୟାସକୁ ପ୍ରଶଂସା କରିଥିଲେ। ଆଜି ପ୍ରାୟ ପଚାଶ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ସେ କହିଥିଲେ, ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି। ହଜାର ହଜାର ଗ୍ରାମ ଏହି ଐତିହାସିକ ଦିନକୁ ସାକ୍ଷୀ ରଖିବା ପାଇଁ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଛନ୍ତି । ହାଇ-ସ୍ପିଡ୍ ଇଣ୍ଟରନେଟ୍ ମାଧ୍ୟମରେ ସେମାନେ ଏହି କାର୍ଯ୍ୟକ୍ରମକୁ ଶୁଣି ଏବଂ ଦେଖିପାରୁଛନ୍ତି। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ, ଇଞ୍ଜିନିୟରିଂ କଲେଜ ଏବଂ ପଲିଟେକ୍ନିକ୍ ଆଧୁନିକୀକରଣ କରାଯାଉଛି। ଏହି ପ୍ରୟାସକୁ ସମର୍ଥନ କରିବା ପାଇଁ ମେରିଟ ନାମକ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ଓଡ଼ିଶା ସମେତ ସାରା ଦେଶରେ ଗତ ୨୨ ତାରିଖରୁ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛ।

ଓଡ଼ିଶାରେ ବର୍ତ୍ତମାନ ଛଅଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି। ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି । ଖଣିଜ ପଦାର୍ଥ ଏବଂ ଖଣି ଖନନରୁ ଓଡ଼ିଶା ମଧ୍ୟ ଯଥେଷ୍ଟ ଅଧିକ ରାଜସ୍ୱ ପାଉଛି। ସୁଭଦ୍ରା ଯୋଜନା ନିରନ୍ତର ଭାବରେ ଓଡ଼ିଶାର ମହିଳାମାନଙ୍କୁ ସମର୍ଥନ କରୁଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୫୦ ହଜାର ହିତାଧିକାରୀଙ୍କୁ ମଞ୍ଜୁରୀ ଆଦେଶ ବଣ୍ଟନ କରିଛନ୍ତି।

## ଯୁବବର୍ଗ...

ରାଜ୍ୟ ପାଇଁ ଏକାଧିକ ପ୍ରକଳ୍ପ ଭେଟି ଦେଇଛନ୍ତି। ଆଜିକୁ ଠିକ ଆଠ ବର୍ଷ ତଳେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ପ୍ରଧାନମନ୍ତ୍ରୀ ଉଦଘାଟିତ କରିଥିଲେ। ଆଉ ଆଜି ସେହି ଦିନରେ ସେ ପୁଣି ଥରେ ଏହି ବିମାନ ବନ୍ଦରରେ ଓଲ୍ହାଇ ଯୁବ ସମାବେଶରେ ଯୋଗ ଦେଉଛନ୍ତି। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଝାରସୁଗୁଡା ଏୟାରପୋର୍ଟ ଓଡ଼ିଶାକୁ ବିଶେଷକରି ପଶ୍ଚିମ ଓଡ଼ିଶାର ବିକାଶର ଗତିକୁ ତ୍ୱରାନ୍ୱିତ କରିଛି। ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ସେ ପ୍ରେରଣାର ସ୍ରୋତ। ଦେଶର ବିକାଶ ପାଇଁ ସେ ଯେଉଁ ଚାରି ବର୍ଗଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି, ସେଥିରେ ଯୁବବର୍ଗଙ୍କ ପାଇଁ ଏକ ବିଶେଷ ସ୍ଥାନ ରହିଛି। 'ଅପରେସନ ସିନ୍ଦୁର' ସହିତ ଦେଶର ସୁରକ୍ଷାକୁ ନେଇ ସେ ଯେଉଁ 'ଲକ୍ଷ୍ମଣ ରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କର ମନପ୍ରାଣରେ ଏକ ନୂତନ ଉତ୍ସାହ ଭରି ଦେଇଛି। ପହଲଗାମର ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶ କରି ଆତଙ୍କବାଦୀ ଏବଂ ସେମାନଙ୍କର ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁ ଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ। ଚଳିତ ବର୍ଷ ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ରେ, 'ଏକ ପେଡ୍ ମା' କେ ନାମ୍ ୨.୦' ଅଭିଯାନରେ, ଆମେ ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ସଙ୍କଳ୍ପ ନେଇଥିଲୁ। ବର୍ତ୍ତମାନ ଓଡିଶାର ଲୋକମାନେ 'ଜିଏସଟି ବଚତ୍ ଉତ୍ସବ'ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଔର୍ ସବ୍‌କା ପ୍ରୟାସ' ନୀତିକୁ ଆଧାର କରି ଆମେ କୃଷକ, ଗରିବ, ମହିଳା ଏବଂ ଯୁବବର୍ଗଙ୍କର କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ କାମ କରୁଛୁ। ସାମାଜିକ, ରାଜନୈତିକ ଏବଂ ଆର୍ଥିକ ପ୍ରଗତି ସହିତ, 'ଦେଶର ସୁରକ୍ଷାର ଗ୍ୟାରେଣ୍ଟି' ଦିଗରେ ଆମ ଦେଶ ପ୍ରତ୍ୟେକ ଦିନ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛି।

## ରେଳ...

ଏକ ଗୁରୁତ୍ୱପୂର୍ଣ୍ଣ କରିଡର, ବ୍ୟସ୍ତ ସମ୍ବଲପୁର-ଝାରସୁଗୁଡ଼ା ଲାଇନରେ ଟ୍ରେନଗୁଡ଼ିକର ନିରବଚ୍ଛିନ୍ନ ଚଳାଚଳ ସୁନିଶ୍ଚିତ କରିବ। ଏହି ପଦକ୍ଷେପ ସମ୍ବଲପୁର ଏବଂ ସଂଲଗ୍ନ ଅଞ୍ଚଳର ଲୋକମାନଙ୍କୁ ବହୁତ ଲାଭ ଦେବ। ପ୍ରଧାନମନ୍ତ୍ରୀ ଅନେକ ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। କୋରାପୁଟ-ବାଇଗୁଡ଼ା ରେଳ ଲାଇନର ଦୋହରୀକରଣ ଯୋଗୁଁ ଏହି ବିକାଶ ଟ୍ରେନ ପରିଚାଳନାକୁ ସୁଗମ କରିବ, ଖଣିଜ ପଦାର୍ଥ ଏବଂ କୃଷି ଉତ୍ପାଦର ପରିବହନକୁ ସହଜ କରିବ ଏବଂ ସମ୍ପଦ ସମୃଦ୍ଧ କୋରାପୁଟ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିରେ ଯୋଗଦାନ ଦେବ। ମାନବାର-କୋରାପୁଟ-ଗୋରାପୁର ରେଳ ଲାଇନର ଦୋହରୀକରଣ ଏକ ଜାତୀୟ ଗୁରୁତ୍ୱର ପ୍ରକଳ୍ପ, ଏହା ବୈଲାଡିଲା ଖଣିରୁ ସାରା ଭାରତରେ ଇସ୍ପାତ କାରଖାନାକୁ ଲୁହାପଥର ପରିବହନକୁ ଦ୍ରୁତତର କରିବ। ଏହା କୋରାପୁଟ ଏବଂ ବିଶାଖାପାଟଣା ଜିଲ୍ଲାରେ ଯାତ୍ରୀ ଏବଂ ମାଲ ପରିବହନ ସେବାକୁ ମଧ୍ୟ ବୃଦ୍ଧି କରିବ। ଏହା ସହିତ ପ୍ରଧାନମନ୍ତ୍ରୀ ଭିଡିଓ ଲିଙ୍କ୍ ମାଧ୍ୟମରେ ଝାରସୁଗୁଡ଼ାରୁ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅମୃତ ଭାରତ ଏକ୍ସପ୍ରେସ ସୁଲଭତା, ଶକ୍ତି ଦକ୍ଷତା, ସୁରକ୍ଷା ଏବଂ ଯାତ୍ରୀ ଆରାମକୁ କେନ୍ଦ୍ରରେ ରଖି ଡିଜାଇନ୍ କରାଯାଇଥିବା ଏକ ନୂତନ ପିଢ଼ିର ଟ୍ରେନକୁ ପ୍ରତିନିଧିତ୍ୱ କରେ। କମ ଖର୍ଚ୍ଚରେ ଡିଜାଇନ୍ ନୂତନତ୍ୱ ସହିତ ନିର୍ମିତ ଏହି ଟ୍ରେନ୍ ମିତବ୍ୟୟୀ ଭଡ଼ା ପ୍ରଦାନ କରେ, ଯାହା ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଆଧୁନିକ ରେଳ ଯାତ୍ରାକୁ ସୁଲଭ କରିଥାଏ। ଆଧୁନିକ ସୁରକ୍ଷା ପ୍ରଣାଳୀ ଏବଂ ଦୃଢ଼ କୋଚ୍ ଡିଜାଇନ୍ ସହିତ ସଜ୍ଜିତ, ଦୂରଗାମୀ ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରେ।

## ଶୋଭାଯାତ୍ରା...

ଟିଭିକେ ମୁଖ୍ୟ ବିଜୟ କରୁର୍‌ରେ ଏହି ରାଲି ବାହାର କରିଥିଲେ। ସୂଚନା ଅନୁସାରେ ବହୁ ସଂଖ୍ୟାରେ ଲୋକମାନେ ଏଥିରେ ସାମିଲ ହୋଇଥିଲା। ଭିଡ଼ ଏତେ ଅଧିକ ଥିଲା ଯେ, ସେଠାରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଅଧାରୁ ରାଲିକୁ ବନ୍ଦ କରି ବିଜୟଙ୍କୁ ସେହି ସ୍ଥାନ ଛାଡ଼ିବାକୁ ପଡ଼ିଛି। ରାଲିକୁ ଆସିଥିବା ଲୋକଙ୍କୁ ହଟାଇବା ପାଇଁ ପୋଲିସ ଲାଠି ଚାର୍ଜ କରିଛି। ସେପଟେ ଏହି ଘଟଣା ଉପରେ ମୁଖ୍ୟମନ୍ତ୍ରୀ ଏମକେ.ଷ୍ଟାଲିନ ଚିନ୍ତା ପ୍ରକାଶ କରିଛନ୍ତି। ଜନସାଧାରଣଙ୍କୁ ଡାକ୍ତର ଏବଂ ପୋଲିସକୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସେ କରୁରରେ ସ୍ଥିତିକୁ ନିୟନ୍ତ୍ରଣକୁ ଫେରାଇ ଆଣିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଉଚ୍ଚ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ ରବିବାର କରୁର ଗସ୍ତ କରିବେ ବୋଲି ଅନୁମାନ କରାଯାଉଛି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ କହିଛନ୍ତି ଯେ, ବିଜୟଙ୍କ ରାଲିରେ ଦଳାଚକଟା ଏବଂ ଅନେକ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ରିପୋର୍ଟ ମିଳିଛି। କରୁର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଚିନ୍ତାଜନକ। ସ୍ୱାସ୍ଥ୍ୟ ମନ୍ତ୍ରୀ ସୁବ୍ରମଣ୍ୟମ ଏବଂ ଜିଲ୍ଲା କଲେକ୍ଟରଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବାକୁ କୁହାଯାଇଛି। ମନ୍ତ୍ରୀ ଅନବିଲ ମହେଶଙ୍କୁ ମଧ୍ୟ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, "ତାମିଲନାଡୁର କରୁରରେ ଏକ ରାଜନୈତିକ ରାଲି ସମୟରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣା ଅତ୍ୟନ୍ତ ଦୁଃଖଦ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପରିବାର ସହିତ ମୋର ସମବେଦନା। ଏହି କଷ୍ଟକର ସମୟରେ ମୁଁ ସେମାନଙ୍କୁ ଶକ୍ତି ପ୍ରଦାନ ପାଇଁ କାମନା କରୁଛି। ଆହତ ସମସ୍ତ ଲୋକଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।"

## ମାଓବାଦୀଙ୍କ...

ବନ୍ଧୁକ ତିଆରି କରିବା ସାମଗ୍ରୀ ସମେତ ବହୁ ବିସ୍ଫୋରକ ରହିଥିଲା। ସୁକମା ଜିଲ୍ଲା ପୁଲିସ ସମେତ ଡିଆରଜି ଏବଂ କୋବ୍ରା ବାଟାଲିନୟର ଯବାନ ମେଟାଗୁଡା ଅଞ୍ଚଳର ଇରାପଲ୍ଲୀ ଓ କୋଇମେଟା ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ସର୍ଚ୍ଚ ଅପରେସନ ବେଳେ ଯବାନ ଜଙ୍ଗଲ ମଝିରେ ଏକ ବେଆଇନ କାରଖାନା ଦେଖିବାକୁ ପାଇଥିଲେ। ବଡ ସତର୍କତାର ସହ କାରଖାନାରେ ପଶି ଯାଞ୍ଚ କରିଥିଲେ। ଯାହା ଦେଖିଲେ ସେମାନଙ୍କର ହୋସ ଉଡିଯାଇଥିଲା। ତୁରନ୍ତ କାରଖାନାକୁ ଧ୍ୱଂସ କରିଦେଇଥିଲେ। ଲଗାତାର ପୁଲିସକୁ ମାଓ ଦମନରେ ବଡ ସଫଳତା ମିଳିଚାଲିଛି। ଏଠାରେ ହିଁ ବନ୍ଧୁକ ସହ ବୋମା ତିଆରି କରାଯାଉଥିଲା। ଯାହା ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରାଯାଉଥିଲା। ଏହି କାରଖାନାକୁ ଧ୍ୱଂସ କରିବା ପରେ ମାଓବାଦୀଙ୍କର ଅଣ୍ଟା ଭାଙ୍ଗି ଯାଇଥିବା ପୁଲିସ କହିଛି। ସୁକମା ଏସପି କିରଣ ଚୌହାନ ଏହି କାରଖାନାକୁ ଧ୍ୱଂସ କରିବା ପରେ ମାଓବାଦୀ ଏହି ଅଞ୍ଚଳରେ ପଛରେ ପଡିଯାଇଥିବା କହିଥିଲେ। ନଚେତ ଆଗକୁ ବଡ ଧରଣର ହମଲା କରିଥାନ୍ତେ ବୋଲି କୁହାଯାଇଛି।

## ଗୋଟିଏ...

ପୁଅଙ୍କୁ କୌଣସି ପଦ ପଦବୀ ମିଳିନି, ସେମାନେ କିନ୍ତୁ ମୁହଁ ଖୋଲୁନାହାନ୍ତି। ଏମିତି ବି କଂଗ୍ରେସ ଭାବନକୁ ସୁର ରାଉତରାୟ ସବୁବେଳେ ୱେଲକମ। ଭଦ୍ରକରେ ଜିଲ୍ଲା ସଭାପତି ଚୟନରେ ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇଛି। ତେଣୁ ସେ ମଧ୍ୟ ସ୍ୱର ଉଠିବାର ପ୍ରଶ୍ନ ଉଠୁନି। ଆଉ ଜଣେ ବରିଷ୍ଠ ନେତା ହେଲେ ତାରା ବାହିନୀପତି। ତାଙ୍କ ପତ୍ନୀ ଏବେ ମହିଳା କଂଗ୍ରେସ ସଭାପତି ହେଇଥିବାରୁ ଭକ୍ତଙ୍କ ସହ ସ୍ୱାମୀ-ସ୍ତ୍ରୀଙ୍କର ଆଉ ପୂର୍ବଭଳି ତିକ୍ତତା ନାହିଁ।

## ଓଡ଼ିଶାକୁ...

ବ୍ୟୟରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା ହୋଇଛି। ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ। ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦ କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମ୍ପ୍ରସାରଣ ଆଗାମୀ ଚାରି ବର୍ଷ ମଧ୍ୟରେ ୧୦,୦୦୦ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷମତା ସୃଷ୍ଟି କରିବ। ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ଭାରତର ନବସୃଜନ ଇକୋସିଷ୍ଟମ ସୁଦୃଢ଼ ହେବ ଏବଂ ଗବେଷଣା ଓ ବିକାଶକୁ ବଡ଼ ପ୍ରୋତ୍ସାହନ ମିଳିବ।

# 'ଅନ୍ତ୍ୟୋଦୟ'ରେ ସନ୍ତୁଷ୍ଟ ହେଉଛନ୍ତି ହିତାଧିକାରୀ

## 'ଆବାସ' ଟାର୍ଗେଟ କେବେ?



**କାକଟପୁର/ଅସ୍ତରଙ୍ଗ,୨୭।୯ (ସଂଚାର ବ୍ୟୁରୋ):** ଗରିବ ଲୋକଙ୍କୁ ସୁରକ୍ଷିତ ପକ୍କା ଛାତ ଘରଟିଏ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ପ୍ରଣୟନ କରିଛନ୍ତି। ତେବେ ବର୍ଷେ ହେବ ଅସ୍ତରଙ୍ଗ ବ୍ଲକକୁ ଟାର୍ଗେଟ ନ ଆସିବାରୁ ଆବେଦନକାରୀ ନିରାଶ ହେଉଛନ୍ତି। ଏଭଳି ସମୟରେ ଓଡିଶା ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ବ୍ଲକବାସୀଙ୍କୁ କିଛିଟା ସନ୍ତୋଷ ଆଣି ଦେଇଛି।

ଦାରିଦ୍ର୍ୟ ସୀମାରେଖା ତଳେ, କଚ୍ଚା ଘରେ ରହୁଥିବା ପରିବାରଙ୍କୁ ସୁରକ୍ଷିତ ପକ୍କା ଘରଟିଏ ଯୋଗାଇ ଦେବା ପାଇଁ ୨୦୧୫ଜୁନ ୨୫ରୁ ପିଏମଏୱାଇ ପ୍ରଣୟନ କରାଯାଇଥିଲା। ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ପିଏମୱାଇ ଲୋକଙ୍କ ପାଇଁ କାମ କରୁଛି। ଘର ନିର୍ମାଣ ପାଇଁ ହିତାଧିକାରୀଙ୍କୁ ତିନୋଟି ପର୍ଯ୍ୟାୟରେ ମୋଟ ୧ଲକ୍ଷ ୨୦ହଜାର ଟଙ୍କା ମିଳୁଛି। ସରକାରୀ ଅର୍ଥକୁ ଘର କାମରେ ବିନିଯୋଗ କରିବା ପାଇଁ ମଧ ହିତାଧିକାରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଉଛି। ୪ମାସ ଭିତରେ ହିତାଧିକାରୀ ଆବାସ କାମ ଶେଷ କଲେ ଅଧିକ ୨୦ହଜାର ଟଙ୍କା, ୬ମାସ ଭିତରେ ଶେଷ କଲେ ୧୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି।

ଏ ସବୁ ସତ୍ତ୍ୱେ ବର୍ଷେ ହେବ ଅସ୍ତରଙ୍ଗ ବ୍ଲକକୁ ପିଏମଏୱାଇ ଟାର୍ଗେଟ ଆସୁ ନଥିବାରୁ ଆବେଦନକାରୀ ଏହାର ସୁଫଳ ପାଇପାରୁନାହାନ୍ତି। ଏହି ସମୟରେ ୬ହଜାର ୬ଶହ ୭୮ଜଣ ଆବେଦନ କରିଛନ୍ତି। ଏଭଳି ସମୟରେ ରାଜ୍ୟ ସରକାରଙ୍କ ନୂଆ ଯୋଜନା 'ଅନ୍ତ୍ୟୋଦୟ ଗୃହ ଯୋଜନା' ଅସ୍ତରଙ୍ଗ ବ୍ଲକବାସୀଙ୍କ ମନରେ କିଛିଟା ଖୁସି ଦେଇଛି। ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଜଟିଳ ରୋଗରେ ପୀଡିତ ଥିବା ବ୍ୟକ୍ତି, ଭିନ୍ନକ୍ଷମ, ପ୍ରାକୃତିକ ବିପର୍ଯ୍ୟୟରେ ବାସ ହରାଇଥିବା ଲୋକ, ଏଚଆଇଭି ଆକ୍ରାନ୍ତ, ବିଭିନ୍ନ କାରଣ ପାଇଁ ସ୍ଥାନାନ୍ତରଣ ହୋଇଥିବା ଲୋକ, ବିଧବା ମହିଳା (ଯେଉଁ ମାନଙ୍କର ପିଲା ୧୮ବର୍ଷରୁ କମ୍ ହୋଇଥିବେ) ଏହି ଯୋଜନା ଲାଭ ନେଇଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଅସ୍ତରଙ୍ଗ ବ୍ଲକରେ ୧୬୬ଜଣ ଆବେଦନ କରିଛନ୍ତି। କିଛି ବ୍ୟକ୍ତିଙ୍କୁ ପୂର୍ବରୁ ମିଳିଥିବା ବେଳେ ଶନିବାର ଦିନ କିଛି ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଅସ୍ତରଙ୍ଗ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ମୋଟ ୧୨୪ଜଣଙ୍କୁ ପକ୍କାଘର ମିଳିଛି। ଅବଶିଷ୍ଟ ହିତାଧିକାରୀଙ୍କ ଆବେଦନପତ୍ରର ଯାଞ୍ଚ ପ୍ରକ୍ରିୟା ଚାଲିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



## ମା' କରେଇଶୁଣୀ ପୀଠରେ ଜମୁଛି ଭିଡ଼

**ହିଞ୍ଜିଳିକାଟୁ,୨୭।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ବିରାଜମାନ କରିଛି ଅନେକ ଶକ୍ତିପୀଠ। ସେଥିମଧ୍ୟରୁ ହିଂଜିଳି ନିକଟବର୍ତ୍ତୀ ମା' କରେଇଶୁଣୀ ପୀଠ ଅନ୍ୟତମ। ହିଂଜିଳିଠାରୁ ସିକିରି କିମ୍ବା ଖରିଡ଼ା ଗ୍ରାମ ଦେଇ ଯିବାକୁ ହେଲେ ମାତ୍ର ୫ କି.ମି ଦୂରରେ ଅବସ୍ଥିତ ଏହି ପିକନିକ ସ୍ପଟ୍ । ଘରର ଇଷ୍ଟଦେବୀ ରୂପେ ମଧ ମା' ପୂଜା ପାଇଥା'ନ୍ତି । ନିକଟରେ ଋଷିକୂଲ୍ୟା ନଦୀ ବହିଯାଇଛି । ଆଉ ଶୀତଦିନ ଆସିଲା ମାତ୍ରେ ଭକ୍ତ ଓ ପର୍ଯ୍ୟଟକ ଏହାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଛୁଟି ଆସିଥା'ନ୍ତି । ତେବେ ବର୍ତ୍ତମାନ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଲାଗିରହିଛି। ଯେଉଁଥିପାଇଁ ଚଳଚଞ୍ଚଳ ହୋଇପଡିଛି ଶକ୍ତି ପୀଠ। ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଉଛି ପରିବେଶ । ମାଆଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି ।

## ନୂତନ ପଞ୍ଚାୟତ ଗଠନ ଦାବି




**ବାଲିଅନ୍ତା,୨୭।୯ (ସଂଚାର ବ୍ୟୁରୋ):** ବାୟାଁପଦା, ଚଢେଇବର, ସିଙ୍ଗିରିଶାସନ, ପାଣିକଟା ଓ ବିଶୁନିଆପଡା ଏହି ୫ଟି ରାଜସ୍ୱ ଗ୍ରାମକୁ ନେଇ ଏକ ନୂତନ ଗ୍ରାମ ପଂଚାୟତ ଗଠନ ନିମନ୍ତେ ଦାବି ଜୋର ଧରିଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ପାଣିକଟା ଠାରେ ଅନୁଷ୍ଠିତ ହୋଇଯାଇଅଛି। ବରିଷ୍ଠ ନାଗରିକ ଜୟରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଏହି ୫ଟି ରାଜସ୍ୱ ଗ୍ରାମର ଅନେକ ଯୁବକ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଭୌଗଳିକ ସ୍ଥିତିରୁ ଏହି ଗ୍ରାମ ମାନଙ୍କୁ ନେଇ ଏକ ନୂତନ ପଂଚାୟତ ଗଠନ ହେବା ନିହାତି ଆବଶ୍ୟକ ବୋଲି ସମସ୍ତେ ମତ ରଖିଥିଲେ। ଘରେ ଘରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏହି ଦାବିକୁ ଜୋରଦାର କରିବା ସହ ସରକାରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି। ଯୁବନେତା ତଥା ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ।

## 'ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍'ର ଲୋକାର୍ପଣ



**ବ୍ରହ୍ମପୁର,୨୭।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଠାରୁ ଗୁଜରାଟର ସୁରଟ (ଉଦାନ) ଯାତ୍ରା ପାଇଁ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ମୋଦି ଆଜି ଓଡ଼ିଶାର ଝାରସୁଗୁଡାରେ ପହଞ୍ଚି ଭିଡିଓ କନଫେରେନ୍ସ ମାଧମରେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ଲୋକାର୍ପଣ କରିଥିଲେ।

ଏହି ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା, ଲଘୁ ମାଧମ ଉଦ୍ୟୋଗ ଓ ମତ୍ସ୍ୟ, ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ଼ା.ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ସୁଭାଦର୍ଶିନି ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମପୁରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି ବ୍ରହ୍ମପୁର ସାଂସଦ। ଗଞ୍ଜାମ ଜିଲ୍ଲାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଅନେକ ଯୋଜନା ହାତକୁ ନେଇଛନ୍ତି । ଏହା ସହିତ ବର୍ତ୍ତମାନ ଗଞ୍ଜମ ଜିଲ୍ଲା ପାଇଁ ୧୭୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଯାହାକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା।

## ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



**ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ):** ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍) ପକ୍ଷରୁ ଅତ୍ୟନ୍ତ ଉତ୍ସାହର ସହ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ୍‌ର କର୍ମକର୍ତ୍ତାଙ୍କ ପକ୍ଷରୁ ମହତ୍ତ୍ୱପୂର୍ଣ୍ଣ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡ଼ିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ।

ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ'କୁ ନେଇ କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା କରାଯାଇଥିଲା। ଏକ ବାର୍ତ୍ତାରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଫାର୍ମାସିଷ୍ଟମାନଙ୍କ ଭୂମିକା କେବଳ ଔଷଧ ପ୍ରଦାନ ନୁହେଁ ତା'ଠାରୁ ଅଧିକ ବ୍ୟାପକ ବୋଲି କହିଛନ୍ତି। ସେମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଜଣେ ଜଣେ ସହଯୋଗୀ ଯେଉଁମାନେ କି ରୋଗୀ ସେବାର ମୂଳଦୁଆକୁ ସୁଦୃଢ଼ କରିଥାନ୍ତି ବୋଲି ପ୍ରଫେସର ନାୟକ କହିଛନ୍ତି।

## ସୋଆ ଏସ୍‌ପିଏସ୍ ପାଳିଲା ବିଶ୍ୱ ଫାର୍ମାସିଷ୍ଟ ଦିବସ




**ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ):** ରାଲି, ପଥପ୍ରାନ୍ତ ନାଟକ, ଶିକ୍ଷାମୂଳକ ପ୍ରତିଯୋଗିତା ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ବିଶେଷ ଆଲୋକପାତ କରାଯାଇଥିଲା।

ସେହିପରି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ଲୋଗାନ୍, ରଚନା, ପୋଷ୍ଟର, ଲୋଗୋ ପ୍ରସ୍ତୁତି ଓ କୁଇଜ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ବୃତିର ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଏକ ଦିବସୀୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶୈକ୍ଷିକ ଏବଂ ଗବେଷଣା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା।

## କଳିଙ୍ଗ ସାହିତ୍ୟ ମହୋତ୍ସବ ଆୟୋଜିତ




**ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ):** ଭାରତର ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ପ୍ରଚାର, ପ୍ରସାର କରୁଥିବା କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁଶନିବାର ଅପରାହ୍ନ ୫.୦୦ଘଟିକା ସମୟରେ ଭାରତୀୟ ବିଦ୍ୟା ଭବନ ପରିସରରେ ଆୟୋଜିତ ହୋଇଯାଇଛି କଳିଙ୍ଗ ସାହିତ୍ୟ ମହୋତ୍ସବ, ଶାରଦୀୟ। ଉକ୍ତ ସାହିତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ ଓ ବିଶିଷ୍ଟ ସଙ୍ଗୀତ ଗୁରୁ ଶ୍ରୀ ରାମହରି ଦାସ,କାର୍ଯ୍ୟକ୍ରମ ଆରମ୍ଭରେ କେ ଏଲ ଏଫ୍ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଅଶୋକ କୁମାର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ,ପରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ କେ ଏଲ ଏଫ୍ ସଂସ୍କୃତି ଓ ସାହିତ୍ୟ ପ୍ରଚାର କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦେବଦାସ ଛୋଟରାୟ ଙ୍କ ସହ ବ ଆଲୋଚନା କରିଥିଲେ ପ୍ରଫେସର ଯତୀନ ନାୟକ,ପର ପର୍ଯ୍ୟାୟ ରେ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀଯୁକ୍ତ ରାମହରି ଦାସ ଙ୍କ ସହ ଆଲୋଚନା କରିଥିଲେ ବିଶିଷ୍ଟ ଉପସ୍ଥାପକ ଶ୍ରୀଯୁକ୍ତ ବିଜୟ ମଲ୍ଲ ।

ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ କେ ଏଲ ଏଫ୍ ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ପରିଡ଼ା ,କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶ୍ରୀ ବେଦପ୍ରକାଶ ନାୟକ,ଉତ୍ସବ ରେ ସହଯୋଗ କରିଥିଲେ ମାନସୀ ପାଣିଗ୍ରାହୀ, ସନତ କୁମାର।।

## ବିପର୍ଯ୍ୟସ୍ତ ରାସ୍ତା ମରାମତି ନେଇ ବିଭାଗ ଠେଲାପେଲା



**ଯାଜପୁର,୨୭।୯ (ସଂଚାର ବ୍ୟୁରୋ):** ବର୍ତ୍ତମାନ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଚାଲୁଅଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଲୋକାରଣ୍ୟ ହୋଇପଡିଛି ଯାଜପୁର ସହର। ଦୁର୍ଗାପୂଜା ଆରମ୍ଭ ପାଇଁ ହାତରେ କେଇଟା ଦିନ, ତା ପରକୁ ଯାଜପୁରର ଗଣପର୍ବ ମା' କାଳୀଙ୍କ ପୂଜା। ଲକ୍ଷ୍ମୀନାରାୟଣ ପୂଜା ସହରବାସୀଙ୍କ ମନରେ ଖୁସି ରହିବାକୁ ଥିଲେ କଣ ହେବ, ଯାଜପୁରରେ ରାସ୍ତାଘାଟର ଦୟନୀୟ ଅବସ୍ଥା ସେଇ ଖୁସିକୁ ନଷ୍ଟ କରିଦେଲାଣି ।

ଭାଙ୍ଗିରୁଜି ଯାଇଥିବା ରାସ୍ତାଗୁଡିକୁ ସ୍ଥାୟୀ ମରାମତି ନକରି ଅସ୍ଥାୟୀଭାବେ ଡଷ୍ଟ ପକାଇ ଆଖି ଦୃଷ୍ଟିଆ ସମାଧାନ କରି ଦିଆଯାଉଛି। ସାମାନ୍ୟ ବର୍ଷାରେ ପୁଣି ସେଇ ଖାଲଖମା ଦେଖାଯାଉଛି। ଦାୟିତ୍ୱର ଠେଲାଠେଲି ହେଉଥିବା ଏଠାରେ ଦେଖା ଦେଇଛି। ପୂର୍ତ୍ତ ବିଭାଗ, ପୌରସଂସ୍ଥା କେହି ମଧ ନିଜକୁ ଦାୟୀ ମାନିବାକୁ ଇଚ୍ଛୁକ ନୁହନ୍ତି। ସହରର ପ୍ରମୁଖ ରାସ୍ତା ଗୁଡ଼ିକ ସବୁଠାରୁ ଦୟନୀୟ ଅବସ୍ଥା। ଗରିଆପୁର ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଡ୍ରେନରେ ଆଜି ପର୍ଯ୍ୟନ୍ତ ସ୍ଲାବ ପଡିନାହିଁ। ଗରିଆପୁର୍ ଛକ ନିକଟରେ ରାସ୍ତା ପ୍ରଶସ୍ତିକରଣ ପରେ ପୁରୁଣା ଡ୍ରେନକୁ ପୋତା ଯାଇନଥିବାରୁ ତାହା ବିପପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସେଠାରେ ଗାଡ଼ି ଚାଳକମାନେ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ପୂଜା କମିଟିମାନେ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଗତି ଶୂନ୍ୟ ହୋଇପଡିଛି। ବର୍ଷା ଲାଗିରହିଥିବାରୁ ରାସ୍ତା ମରାମତି ସହିତ ଡ୍ରେନେଜର ବ୍ୟବସ୍ଥା ନହେଲେ, ପରିସ୍ଥିତି ଅଧିକ ବିପଦଜନକ ହେବ। ଯାତାୟାତରେ ଜୀବନକୁ ବାଜି ଲଗାଇବାକୁ ପଡୁଛି। ସହରର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟମାନ ଧର୍ମକୁ ଆଖିଠାର ମାରିବା ପରି ଚାଲୁଛି। ଜନଅସନ୍ତୋଷ ଦିନକୁ ଦିନ ବଢୁଥିବା ସ୍ପଷ୍ଟ ଦେଖା ଯାଉଛି।

## ଆସିଲେନି ବିଧାୟକ, ବୈଠକ ବର୍ଜନ କଲେ ଜନପ୍ରତିନିଧି

**ଫୁଲବାଣୀ,୨୭।୯ (ସଂଚାର ବ୍ୟୁରୋ):** କନ୍ଧମାଳ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ଶୁକ୍ରବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ବିଧାୟକ ବୈଠକରେ ଅନୁପସ୍ଥିତି ଓ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି ଯଥା ସମିତି ସଭ୍ୟ, ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟାମାନଙ୍କୁ ବ୍ଲକ ପ୍ରଶାସନର ଅଣଦେଖା ଓ ଅବହେଳା ପ୍ରତିବାଦରେ ଜନ ଜନପ୍ରତିନିଧିମାନେ ସମିତି ବୈଠକକୁ ବର୍ଜନ କରିଥିଲେ। ଯାହାକି ଫିରିଙ୍ଗିଆ ବ୍ଲକରେ ପ୍ରଥମ ଥର ପାଇଁ ଏଭଳି ହୋଇଥିବ ଜଣାପଡିଛି।

ଶୁକ୍ରବାର ଦିନ ଫିରିଙ୍ଗିଆ ପଞ୍ଚାୟତ ସମିତି ସଭା ଗୃହରେ ବର୍ଷର ଏଗାରତମ ସମିତି ବୈଠକ ଦିନ ଦଶଟା ସମୟରେ ବ୍ଲକ ଅଧକ୍ଷା ନମିତା କହଁରଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା। ବ୍ଲକ ଅଧୀନରେ ଥିବା ୨୪ଟି ପଞ୍ଚାୟତର ସମସ୍ତ ସମିତି ସଭ୍ୟସଭ୍ୟା, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଫୁଲବାଣୀ ବିଧାୟକ ଉମାଚାରଣ ମଲ୍ଲିକ ଆସିନଥିଲେ ଏହାକୁ ନେଇ ବୈଠକରେ

**ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନର ଅଣଦେଖା ଅଭିଯୋଗ**

ନିର୍ବାଚିତ ପ୍ରତିନିଧିମାନେ ହୋ ହାଲ୍ଲା କରିବା ସହ ବୈଠକକୁ ବର୍ଜନ କରି ବ୍ଲକ ସମ୍ମୁଖରେ ପ୍ରତିବାଦ କରିଥିଲେ।

ସେପଟେ ବ୍ଲକ ପ୍ରଶାସନ ତରଫରୁ ବାରମ୍ବାର ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବା ସହ ରାଜ୍ୟ ସରକାରଙ୍କ ତରଫରୁ ସମିତି ଫଣ୍ଡକୁ ଆସୁଥିବା ଅର୍ଥ ବ୍ଲକର କୌଣସି ସମିତି ସଭ୍ୟ କିମ୍ବା ସରପଞ୍ଚ ମାନଙ୍କୁ କୌଣସି ସୂଚନା ନଦେଇ ବ୍ଲକ ପ୍ରଶାସନ ମନଇଚ୍ଛା ଖର୍ଚ୍ଚ କରୁଥିବା ଅଭିଯୋଗ କରିଥିଲେ ବ୍ଲକର ବରିଷ୍ଠ ସରପଞ୍ଚ ରୋହିତ କହଁର। ଏହାସହ ବିଧାୟକ କିମ୍ବା ତାଙ୍କର କୌଣସି ପ୍ରତିନିଧି ବୈଠକରେ ଉପସ୍ଥିତ ନଥିବାରୁ ବିଧାୟକଙ୍କ ଉପରେ ମଧ ଅସନ୍ତୋଷ ବ୍ୟକ୍ତ କରିଥିଲେ ରୋହିତ କହଁରଙ୍କ ସହ ସମସ୍ତ ଜନ ପ୍ରତିନିଧି। ଏନେଇ ସ୍ଥାନୀୟ ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ବିଧାୟକଙ୍କ ଅନୁମତି ନେଇ ବୈଠକ ଡକାଯାଇଥିଲା। କିନ୍ତୁ ପ୍ରଧାନ ମନ୍ତ୍ରୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ପାଇଁ ବିଧାୟକ ସମୟ ଦେଇ ପାରିନଥିବା କହିଛନ୍ତି।

ଅନ୍ୟପଟେ ଆଗାମୀ ଦିନରେ ଏହି ପଂଚାୟତ ସ୍ତରୀୟ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଗଲେ ଆନ୍ଦୋଳନ ଜୋରଦାର କରାହେବ ବୋଲି କହିଛନ୍ତି ଜନ ପ୍ରତିନିଧି ମାନେ ।

## ଯୁବକଙ୍କ ଶବ ମିଳିବା ମାମଲାରେ ୨ ଗିରଫ



**ହିଞ୍ଜିଳିକାଟୁ,୨୭।୯ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟ ବର୍ତ୍ତୀ ଖରିଡ଼ା ଗ୍ରାମ ଶ୍ମଶାନ କାଜୁ ତୋଟାରୁ ନିଖୋଜ ଯୁବକଙ୍କ ଗଳିତ ଶବ ଉଦ୍ଧାର ଘଟଣାରେ ପରଦା ହଟିଛି। ଉକ୍ତ ଘଟଣାରେ ଇଟାଭାଟି ଓ ଜମି ମାଲିକ ଦାମୋଦର ପାଣିଗ୍ରାହୀ(୪୫) ଓ ଚୌକିଦାର ସଞ୍ଜୟ ରେଡ୍ଡୀ (୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ପ୍ରକାରେ, ବିଳମ୍ବିତ ରାତିରେ ଖରିଡ଼ା ଗ୍ରାମର ମୃତ ଶ୍ରୀକାନ୍ତ ସେଠୀଙ୍କ ସମେତ ୩ ଜଣ ସାଙ୍ଗ ଖରିଡ଼ା ଇଟାଭାଟି ନିକଟକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ଜମି ମାଲିକ ଦାମୋଦର ପାଣିଗ୍ରାହୀ ବାରହା କବଳରୁ ମୁକ୍ତି ପାଇଁ ବିଦ୍ୟୁତ ତାର ନିଜ ବିଲରେ ବିଛାଇ ଥିଲେ। ପରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରୀକାନ୍ତଙ୍କ ସେଠାରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ୩ ସାଙ୍ଗଙ୍କୁ ଘରୁ ଉଠାଇ ଆଣି ପୁଲିସ ଆରମ୍ଭ କରିଥିଲା ତା'ର ତଦନ୍ତ ପ୍ରକ୍ରିୟା। ଆଉ ପୁଲିସ ଆଗରେ ସାଙ୍ଗ ମାନେ ସତ ମାନି ଯାଇଥିଲେ

## ଯୁବ ଆଇନ୍‌ଜୀବୀଙ୍କ ସ୍ମୃତିରେ ଚାରା ରୋପଣ

**ଯାଜପୁର,୨୭।୯ (ସଂଚାର ବ୍ୟୁରୋ):** ବିରଜା ଆଇନ୍ ମହାବିଦ୍ୟାଳୟ ପରିସରରେ ସ୍ୱର୍ଗତ ଯୁବ ଆଇନଜୀବୀ ସରୋଜ କୁମାର ସ୍ୱାଇଁଙ୍କ ସ୍ମୃତିରେ ବୃକ୍ଷ ରୋପଣ କରାଯାଇଛି। ଏହି ଅବସରରେ ବିରଜା ଆଇନ୍ ମହାବିଦ୍ୟାଳୟର ଅଧକ୍ଷ୍ୟ ସୁଦର୍ଶନ ବେହେରା, କାମାକ୍ଷା ପ୍ରସାଦ ନନ୍ଦ, ତପନ କୁମାର ସାହୁ, ହେମନ୍ତ କୁମାର ନନ୍ଦ ସହିତ ସ୍ୱର୍ଗତ ସରୋଜଙ୍କ ସାଥୀ ମାନସ, ସଞ୍ଜୀବ, ସନ୍ଦୀପ, ଲିପ୍ସିତା, ଅକ୍ଷୟ, ପ୍ରଜ୍ଞା, ହୃଦା, ଅନିରୁଦ୍ଧ, ନିହାର, ବର୍ଷା, ଅନୁରାଗ, ଅବିନାଶ ଆଦି ଉପସ୍ଥିତ ଥିଲେ। ବୃକ୍ଷରୋପଣ ପରେ ସ୍ୱର୍ଗତ ସରୋଜଙ୍କ ସ୍ମୃତିରେ ସ୍ମୃତିଚାରଣ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ସରୋଜଙ୍କ ସେବାଭାବ, ସହଜ ସ୍ୱଭାବ ଓ ଯୁବାବସ୍ଥାରେ ତାଙ୍କ ବିୟୋଗକୁ ବଡ଼ କ୍ଷତି ବୋଲି କହିଥିଲେ।



## ଥୋଡ଼ ଧାନକୁ ଗୁଣ୍ଡି ପୋକ ବିପଦ, ଚିନ୍ତାରେ ଚାଷୀ



**କାକଟପୁର/ଅସ୍ତରଙ୍ଗ,୨୭।୯ (ସଂଚାର ବ୍ୟୁରୋ):** ଆଗରୁ ପଙ୍ଗପାଳ ଧାନ କିଆରୀରେ ମାଡି ଯାଉଥିଲେ। ଏବେ ପଙ୍ଗପାଳ ଭଳି ବଡ଼ ବଡ଼ ଝିଂଟିକା ଥୋଡ ଧାନରେ ବସି କାଟିବା ଆରମ୍ଭ କଲେଣି। ଏବେ ଗୁଣ୍ଡିପୋକ ଏବଂ ଦିଆଲି ପୋକ କଳା ରୁଆ ଧାନରେ ବ୍ୟାପି ଗଲେଣି। ଆଉ ୩ ମାସ ପରେ ଧାନ କାଟିବାକୁ ଆଶା ରଖିଥିବା ଚାଷୀକୂଳ ଗତ କିଛି ଦିନ ହେବ ଥୋଡ ଧାନ କିଆରୀରେ ପୋକଙ୍କ ଉପଦ୍ରବ ଦେଖି ଆବାକ ହୋଇପଡିଛନ୍ତି।

ଏହି ଗୁଣ୍ଡି ପୋକ ପାଇଁ କୃଷି ବିଭାଗ ତତ୍ପର ନ ହେଲେ ଅସ୍ତରଙ୍ଗ ବ୍ଲକ ଅଂଚଳର ଖରିଫ ଧାନ ଉଜୁଡିଯିବ। ବହୁ ପରିଶ୍ରମରେ ଧାନ ଚାଷ କରି ଚଢ଼ା ଦାମରେ ବିହନ, ଔଷଧ, ସାର, କୀଟନାଶକ ଓ ମଜୁରୀ ଖର୍ଚ୍ଚ କରି ନୟାନ୍ତ ହୋଇଥିବା ଚାଷୀକୁଳ ପାଇଁ ଏବେ ପୋକ ଉପଦ୍ରବ ଚିନ୍ତାର କାରଣ ସାଜିଛି। ଗର୍ଭଣା ସଂକ୍ରାନ୍ତି ପୂର୍ବରୁ ନିଜ କ୍ଷେତରେ ଚାଷୀ ଦେଖୁଛନ୍ତି ଚାରିଆଡ଼େ ପୋକ ଲାଗିଛନ୍ତି। ଏନେଇ ଚାଷୀମାନେ କୃଷି ବିଭାଗ କର୍ମଚାରୀଙ୍କୁ ଜଣାଇବା ପରେ କୃଷି କର୍ମଚାରୀ କିଛି ବିଚାର ନ କରି ଉପର ଠାଉରିଆ ଢଙ୍ଗରେ ଉତ୍ତର ଦେଉଥିବାରୁ ଚାଷୀ ଭରସା ଶୂନ୍ୟ ହୋଇ ପଡୁଛନ୍ତି। ପ୍ରତିକୂଳ ପାଣିପାଗରେ ଚଳିତ ଥର ଧାନ ଚାଷ ହୋଇଥିବା ବେଳେ ଏହି ଅଂଚଳ ପାଇଁ ଥୋଡ ଧାନରେ ହଳଦୀ ଗୁଣ୍ଡି ପୋକ ଲାଗିବା ଚାରିଆଡ଼େ ଆତଙ୍କ ଖେଳାଇ ଦେଇଛି।

ଧାନ ଗଛରେ ଚେର ପଚିଯିବା ସହ ପତ୍ର ସବୁ ଝଡି ପଡ଼ି ଗଲେ ହଳଦିଆ ହୋଇ ମୁଣ୍ଡା ମାରି ରହିଥିବାରୁ ଥୋଡ ବାହାରି ନ ପାରିବା କଥା ଜାଣି କେହି କେହି ଚାଷୀ ନିଜେ ବିଭିନ୍ନ ଔଷଧ ପକାଇବାକୁ ଆରମ୍ଭ କରିଛନ୍ତି। ଅତ୍ୟଧିକ ବର୍ଷା ଓ ଜମିରେ ପାଣି ବୁଡି ରହିବା କାରଣରୁ ଏଭଳି ପରିସ୍ଥିତି ହୋଇଥିବା ପୁରୁଖା ଚାଷୀ ଅନୁମାନ କରୁଛନ୍ତି।

ବିଶେଷ କରି ଅସ୍ତରଙ୍ଗ ବ୍ଲକର ଥୋଡ ଧାନର ଏଭଳି ଅବସ୍ଥା ଦେଖା ଦେଇଥିବାରୁ ନଈଗୁଆଁ, ନଗର, ଆଳଙ୍ଗପୁର, ନୂଆଗଡ ଆଦି ଅଂଚଳରେ ସ୍ୱର୍ଣ୍ଣ ୧୦୦୧, ରାଣୀ ୧୦୦୯, ଡେରାଡୁନ ଆଦି କିସମର ଧାନରେ ଥୋଡ ବାହାରିବାକୁ ନେଇ ସନ୍ଦେହ ଦେଖାଦେଇଛି।



# ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ସବୁଠି ଉତ୍ସାହ














## ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ



**ପୁରୀ,୨୭।୯(ସଂଚାର ବ୍ୟୁରୋ):** ପୁରୀରୁ ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ ହୋଇଛି। ପୁରୀ ସଦର ଥାନା ପୁଲିସ ପ୍ରାୟ ୨ ଶହ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଏହି ମାମଲା ସହ ଜଡ଼ିତ ୨ ଜଣ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଉଛନ୍ତି ପୁରୀ ନୀଳଚକ୍ର ନଗରର ସୁକାନ୍ତି ପଣ୍ଡା ଓ ଜଳେଶ୍ୱର ଅଞ୍ଚଳର ମହମ୍ମଦ ସଜାଦ୍। ଏଥିସହ ଅଭିଯୁକ୍ତଙ୍କଠାରୁ ପୁଲିସ ନଗଦ ୫ ହଜାର ୨ ଶହ ଟଙ୍କା, ଗୋଟିଏ ଚାରିଚକିଆ ଯାନ ଓ ଦୁଇଟି ମୋବାଇଲ୍ ଜବତ କରିଛି। ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏଥିସହ ପୁଲିସର ସୂଚନା ଅନୁଯାୟୀ, ପୁରୀରେ ପୁଲିସ ପକ୍ଷରୁ ଅପରେସନ ଚକ୍ର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ପୁଲିସ ଅନେକ ଅପରାଧୀଙ୍କୁ ଗିରଫ କରିବା ସହ ନିଶା କାରବାର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ତେବେ ନୀଳଚକ୍ର ନଗରରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଟିମ୍ ଚଢ଼ାଉ କରିଥିଲା। ଆଗକୁ ମଧ୍ୟ ପୁଲିସର ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି।

## ଟ୍ରକ୍ ଚାପାରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

● ଦଶହରା ଛୁଟିରେ ଘରକୁ ଫେରୁଥିବା ବେଳେ ଅଘଟଣ



**ରାୟଗଡ଼ା,୨୭।୯(ସଂଚାର ବ୍ୟୁରୋ):** ଟ୍ରକ୍ ତଳେ ଚାପି ହୋଇ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ମୃତ୍ୟୁବରଣ କରିଛନ୍ତି। ମୃତକ ଜଣଙ୍କ କାଶୀପୁର ବ୍ଲକ ସିନ୍ଦୂରଘାଟି ପଞ୍ଚାୟତ ଡେରାକଣା ଗ୍ରାମର ରାହୁଲ ନାଏକ ବୋଲି ଜଣାପଡ଼ିଛି। ରାହୁଲ ରାୟଗଡା ବ୍ଲକ ପେନିକଣା ଆଶ୍ରମ ବିଦ୍ୟାଳୟରେ ରହି ପଢୁଥିବା ବେଳେ ଆଜି ଦଶହରା ପାଇଁ ଛୁଟି ହୋଇଥିଲା। ସେ ତାଙ୍କ ସମ୍ପର୍କୀୟ ଭାଇ ଲୋଚନ ନାଏକଙ୍କ ସହ ସ୍କୁଲରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତେବେ ଏହି ସମୟରେ ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡା ଅଡିଟୋରିୟମ୍ ସାମ୍ନାରେ ଏକ ବାଇକ ସହ ତାଙ୍କ ବାଇକ ଧକ୍କା ହୋଇଥିଲା। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଚକା ତଳେ ରାହୁଲ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷରେ ଲୋଚନ ଏବେ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଚାନ୍ଦିଲି ଥାନା ପୁଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପୁରୀ ମୁଖ୍ୟ କେନାଲକୁ ଓଲଟିଲା ଆମ୍ବୁଲାନ୍ସ



**ବାରଙ୍ଗ,୨୭।୯(ସଂଚାର ବ୍ୟୁରୋ):** ପୁରୀ କେନାଲ ରୋଡ଼ରେ ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ଗାଡ଼ି ମାଲିକ। ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ବେଳେ ଘଟିଛି ଦୁର୍ଘଟଣା । ଘରୋଇ ଆମ୍ବୁଲାନ୍ସଟି ବୁର୍ଲା ମେଡିକାଲରୁ ରୋଗୀ ନେଇ ଭୁବନେଶ୍ୱର ଏମ୍ସ ଆସିଥିବା ବେଳେ ରୋଗୀ ଛାଡ଼ି ସମ୍ବଲପୁର ଫେରୁଥିଲା । ଏହି ସମୟରେ ବାରଙ୍ଗ ପୁରୀ କେନାଲ ରୋଡ଼ର ଶଣ୍ଢପୁର ଗ୍ରାମ ନିକଟରେ ଡ୍ରାଇଭର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଛି ଆମ୍ବୁଲାନ୍ସ । ଆମ୍ବୁଲାନ୍ସ ଡ୍ରାଇଭର ଓ ମାଲିକ କୌଶଳ କ୍ରମେ ଗାଡି ଭିତରୁ ବାହାରକୁ ଆସିଛନ୍ତି। ଖବର ଲେଖା ହେବା ଯାଏ ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ବିଲରେ କାମ କରୁଥିବା ବେଳେ କାମୁଡ଼ିଲା ସାପ, ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର,୨୭।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସାହସପୁରରେ ବିଲରେ କାମ କରୁଥିବା ବେଳେ ସର୍ପ ଦଂଶନରେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୁନ୍ତଳା ରାଉଳ । କୁନ୍ତଳା ବିଲକୁ କାମ କରିବାକୁ ଯାଇଥିବା ବେଳେ ସର୍ପ ଦଂଶନ କରିଥିଲା । ସଙ୍ଗେ ସଙ୍ଗେ ଦିଗପହଣ୍ଡି ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା, କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏଫଏମଟି ବିଭାଗକୁ ପଠାଇଛି।

## ଯାଜପୁରରେ ଚୂନା ହେଉଛି ବବିଙ୍କ ସ୍ୱପ୍ନ



■ କୋରେଇ ବିଜେପିରେ ପୁଣି ଏକ ମିଶ୍ରଣ ପର୍ବ

■ କଟାଘା'ରେ ଚୂନ ଦେଉଛି ଆକାଶଙ୍କ ଗୋଟିଚାଳନା

**ଯାଜପୁର ରୋଡ଼,୨୭।୯(ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନମଣ୍ଡଳୀକୁ ପୁଣିଥରେ ଦଖଲ କରିବା ଆଶାରେ ନିକଟରେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଜେଡିର ପ୍ରମୁଖ ନେତା ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଏଥିରେ କୋରେଇବାସୀ ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବା ନେଇ ବବି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ତାଙ୍କୁ ବିଧାୟକ ଆକାଶ ଦାସ ନାୟକ କଡ଼ା ଜବାବ ଦେଇଥିଲେ। ଏହାପରେ ବିଜେପି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବରେ ଜିଲ୍ଲା ବିଜେଡିର କେତେକ ପ୍ରମୁଖ ନେତା ଡିଆଁ ମାରିଥିଲେ। ଏବେ ପୁଣି ବିଧାୟକ ଆକାଶ ଦାସ ନାୟକଙ୍କ ଆଉ ଏକ ମିଶ୍ରଣ ପର୍ବ ବବିଙ୍କ କଟାଘା'ରେ ଚୂନ ସଦୃଶ ହୋଇଛି। ବିଧାୟକଙ୍କ ଗୋଟି ଚାଳନାରେ କୋରେଇ ବିଜେପିର ଗୋଟିଏ ପରେ ଗୋଟିଏ ମିଶ୍ରଣ ପର୍ବ ବବିଙ୍କ କୋରେଇ ଦଖଲ ଆଶାକୁ ଚେକ୍ ଦେଇଚାଲିଛି। ଏହି କ୍ରମରେ ଆଜି ଏଠାରେ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି, ଯେଉଁଥିରେ ଶାସକ ଦଳର ସୁଶାସନ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିର କେତେକ ପଞ୍ଚାୟତ ପ୍ରତିନିଧି ଓ କର୍ମୀ ସାମିଲ୍ ହୋଇଛନ୍ତି। ବ୍ୟାସନଗର ପୌରାଞ୍ଚଳସ୍ଥିତ ଟାଉନ ହଲ୍‌ଠାରେ ଉକ୍ତ ମିଶ୍ରଣ ପର୍ବ କୋରୋଇ ବିଧାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କୋରେଇ ବ୍ଲକ୍‌ର ମୂଳାପାଳ, ଗୌରପୁର, ପାଟରଙ୍ଗା ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ଓ ସର୍ବୋପରି କୋରେଇର ବିଧାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ବିଧାୟକ ନିଜେ ସେମାନଙ୍କୁ ଦଳୀୟ ଟୋପି ସହ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଜେପିରେ ସାମିଲ୍ ହୋଇଥିବା ବିଜେଡି ନେତା ଓ କର୍ମୀମାନେ ଆଗାମୀ ଦିନରେ ଦଳକୁ ସଶକ୍ତ କରିବା ଦିଗରେ ସମସ୍ତ ପଦକ୍ଷେପ ନେବା ସହ ବିଧାୟକଙ୍କ ହାତମୁଠାକୁ ଟାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଏହି ମିଶ୍ରଣ ପର୍ବ ମୂଳାପାଳ, ଗୌରପୁର, ପାଟରଙ୍ଗା ପଞ୍ଚାୟତରେ ବିଜେଡି ପାଇଁ ଶକ୍ତ ଝଟ୍‌କା ସଦୃଶ। ଏହି ମିଶ୍ରଣ ପର୍ବରେ କୋରେଇ ବିଜେପିର ଟାଣୁଆ ନେତା ପ୍ରକାଶ ଧଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି।

## ସ୍କୁଲରେ ତାଲା ପକାଇଲେ ଜମି ମାଲିକ

। ବର୍ଷାରେ ଭିଜିଲେ ଛାତ୍ରୀଛାତ୍ର ।



**ଦାରିଙ୍ଗବାଡି, ୨୭।୯ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ କିସୁବାଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖାଯାଇଛି ଜମି ବିବାଦ। ଜଣେ ବ୍ୟକ୍ତିଗତ ଲୋକଙ୍କ ଜମିରେ ସରକାରୀ ବିଦ୍ୟାଳୟ ନିର୍ମାଣ କରାଯାଇ ପିଲାଙ୍କୁ ଶିକ୍ଷାଦାନ କରାଯାଉଥିଲା ଶନିବାର ଜମି ମାଲିକ ଉକ୍ତ ବିଦ୍ୟାଳୟକୁ ତାଲା ପକାଇଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ସାନମାଳୀ ପ୍ରଧାନ ଗତ ୨୦୧୮ ମସିହାରେ ଜମି ଡିମାରକେସନ କରାଇବାବେଳେ ତାଙ୍କ ଜମିରେ ସରକାରୀ ବିଦ୍ୟାଳୟ ଖୋଲାଯାଇଥିବା ଜାଣିଥିଲେ। ସେ ଏନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତେବେ କୋଭିଡ ଯୋଗୁ ଜମି ମାଲିକ ନୀରବ ରହିଥିଲେ। ପୁଣି ୨୦୨୨ଠାରୁ ସେ ତାଙ୍କ ଜମି ପାଇବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଓ ଗତବର୍ଷ ଅକ୍ଟୋବରରେ ସେ ତାଙ୍କ ଜମି ପାଇବା ପାଇଁ ସ୍ୱତନ୍ତ୍ର କୋର୍ଟରୁ ନିର୍ଦ୍ଦେଶ ପାଇଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ପାଇ ନ ଥିଲେ। ଫଳରେ ଜମି ମାଲିକ ଶନିବାର ସକାଳ ୬ଟାରେ ପହଞ୍ଚିଥିଲେ। ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କୁ ବାହାରକୁ ବାହାର କରିବାକୁ କହିଥିଲେ। କୋର୍ଟର ନିର୍ଦ୍ଦେଶ ଦେଖି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ବିଦ୍ୟାଳୟ ଛାଡି ବାହାରକୁ ବାହାରିଥିଲେ ଓ ଜମି ମାଲିକ ଏହାକୁ ତାଲା ପକାଇଥିଲେ। ଖବର ଲେଖିବା ସୁଦ୍ଧା କୌଣସି ଅଧିକାରୀ କିସୁବାଡ଼ିରେ ପହଞ୍ଚି ନ ଥିବା ଜଣାପଡିଛି। ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ରୋଷେୟା ତାଙ୍କ ଘରକୁ ନେଇ ସେଠାରେ ପାଠ ପଡିବା ବ୍ୟବସ୍ଥା କରାଇଛନ୍ତି।

### ହଷ୍ଟେଲ୍ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ତାତିଲେ ଗ୍ରାମବାସୀ, ପ୍ରଧାନଶିକ୍ଷକ ନିଲମ୍ବିତ

**ନବରଙ୍ଗପୁର,୨୭।୯(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତୁରୁଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ ଛାତ୍ର ଜଣଙ୍କ ମୃତ୍ୟୁବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିବା ଫଳରେ ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତ ଛାତ୍ର ଜଣଙ୍କ ମଙ୍ଗଳ ସିଂ ଗଣ୍ଡ (୧୩) ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଓଡ଼ଣ୍ଡି ଗ୍ରାମର ବାଲସାଇ ଗଣ୍ଡଙ୍କ ପୁଅ ମଙ୍ଗଳ ରାଇଘର ବ୍ଲକ ତୁରୁଡିହି (ଆଦିବାସୀ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢିଆସୁଥିଲେ। ତେବେ ଗତକାଲି ରାତିରେ ମଙ୍ଗଳଙ୍କ ଶରୀର ଅସୁସ୍ଥ ହୋଇଥିଲା। ପ୍ରଧାନଶିକ୍ଷକ ହଷ୍ଟେଲରେ ରହୁ ନ ଥିବାରୁ ମଙ୍ଗଳଙ୍କୁ ହଷ୍ଟେଲ୍‌ର ରୋଷେୟା ଜଣେ କ୍ୱାକ୍‌ଙ୍କ ପାଖକୁ ନେଇଥିଲେ। ପରେ ସେଠାରୁ ଅସୁସ୍ଥ ଅବସ୍ଥାରେ ରୋଷେୟା ଜଣଙ୍କ ମଙ୍ଗଳଙ୍କୁ ନିଜ ଘର ଓଡ଼ଣ୍ଡିକୁ ନେଇ ସେଠାରୁ ତାଙ୍କ ବାପାଙ୍କ ସହ ହାଟଭରଣ୍ଡି ମେଡିକାଲକୁ ନେଇଥିଲେ। କିନ୍ତୁ ମଙ୍ଗଳଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ଯୋଗୁଁ ତାଙ୍କୁ ଉମରକୋଟ ସ୍ଥାନାନ୍ତର କରିବା ସମୟରେ ବାଟରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳଙ୍କ ମୃତ୍ୟୁ ପାଇଁ ହଷ୍ଟେଲ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ନନି ଗୋପାଳ ବିଶ୍ୱାସଙ୍କ ପରିଚାଳନାରେ ତ୍ରୁଟି ଓ ମୃତ ଛାତ୍ରଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ କରି ଆଜି ସକାଳୁ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ। ଏପରିକି ତଦନ୍ତ ପାଇଁ ଆସିଥିବା ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ମଧ୍ୟ ସେମାନେ ଏକ ରୁମ୍ ଭିତରେ ପୂରାଇ ବାହାରୁ ତାଲା ପକାଇଦେଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ସେହିପରି ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ନବୀନା ନାୟକ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ମଧ୍ୟ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଏହି ମାମଲାରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ନେଇ ବିଇଓ ସୂଚନା ଦେବା ପରେ ଗ୍ରାମବାସୀ ଶାନ୍ତ ହୋଇଥିଲେ। ଉମରକୋଟ ମେଡିକାଲ୍‌ରେ ବ୍ୟବଚ୍ଛେଦ ପରେ ଉକ୍ତ ଛାତ୍ରଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବା ସହ ଅତିରିକ୍ତ ତହସିଲଦାର ମୌସୁମୀ ସଜନ୍ ପରିବାର ଲୋକଙ୍କୁ ରେଡକ୍ରସ୍‌ରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନା ସହାୟତା ବାବଦରେ ୩ ହଜାର ଟଙ୍କା ପ୍ରଦାନ କରିଥିଲେ।





ପରିବାରକୁ ସହାୟତା ପ୍ରଦାନ

● ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ


**କନ୍ଧମାଳ,୨୭।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନାଞ୍ଚଳରେ ଜନୈକା ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲାରେ ଆଜି ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ରାୟ ଶୁଣାଇଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଅଭିଯୁକ୍ତ ଅନନ୍ତ କୁଦେଇ (୩୧)କୁ ବିଚାରପତି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଠାରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ପୀଡ଼ିତାକୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ସକାଶେ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୧୬ ଅପରାହ୍ନରେ ଅଭିଯୁକ୍ତ ଅନନ୍ତ ଉକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସଂକ୍ରାନ୍ତରେ ଖବର ପାଇ ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅନନ୍ତକୁ କାବୁ କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୁଲିସ ତାକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ତେବେ ମାତ୍ର ୨ ମାସ ୫ ଦିନ ମଧ୍ୟରେ ସମସ୍ତ ସାକ୍ଷୀ, ବୟାନ, ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। କନ୍ଧମାଳ ଏସପି ବିସି ହରିଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲା ପରିଚାଳିତ ହୋଇଥିଲା। ସରକାରୀ ଓକିଲ ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରିଥିବା ବେଳେ ସବଇନ୍ସପେକ୍ଟର ଚିରଞ୍ଜୀବ ବେହେରା ତଦନ୍ତ କରୁଥିଲେ।

### ଭାରତ ସାମୁଦ୍ରିକ ସପ୍ତାହ ପାଇଁ ପ୍ରସ୍ତୁତି ବୈଠକ

## ବ୍ୟବସାୟର ପ୍ରବେଶ ଦ୍ୱାର ହେବ ଓଡ଼ିଶା ଉପକୂଳ

**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ ଅବସରରେ ଓଡ଼ିଶାର ଅଂଶଗ୍ରହଣ ନେଇ ଏକ ପ୍ରସ୍ତୁତି ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଛି। ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ସୁବର୍ଣ୍ଣରେଖା ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗ ଓ ଏଜେନ୍ସିର ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀମତୀ ପାଢ଼ୀ ଏକ ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଭାବେ ଭାରତ ସାମୁଦ୍ରିକ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏହା ରାଜ୍ୟର ସାମୁଦ୍ରିକ ଶକ୍ତି, ନିବେଶ ସମ୍ଭାବନା ଏବଂ ନୀତିଗତ ପଦକ୍ଷେପ ପ୍ରଦର୍ଶନ କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପ୍ରଦାନ କରିଛି। ବିସ୍ତୀର୍ଣ୍ଣ ସମୁଦ୍ର କୂଳ ଓ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ସହ ଓଡ଼ିଶା ପୂର୍ବ ଉପକୂଳରେ ବାଣିଜ୍ୟ ଓ ବ୍ୟବସାୟର ପ୍ରବେଶ ଦ୍ୱାର ଭାବେ ଉଭା ହେବା ପାଇଁ ରଣନୈତିକ ସ୍ଥିତିରେ ରହିଛି ବୋଲି ଶ୍ରୀମତୀ ପାଢ଼ୀ ଦର୍ଶାଇଛନ୍ତି।

ବୈଠକରେ ପ୍ରସ୍ତୁତି କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା କରାଯାଇଥିଲା, ଯେଉଁଥିରେ ପ୍ରଦର୍ଶନୀ ଓ ବିଷୟବସ୍ତୁ ଅଧିବେଶନରେ ଓଡ଼ିଶାର ଅଂଶଗ୍ରହଣ ଅନ୍ତର୍ଭୁକ୍ତ ଥିଲା। ରାଜ୍ୟର ସାମୁଦ୍ରିକ ପଦକ୍ଷେପ ଓ ଭବିଷ୍ୟତର ନିବେଶ ସୁଯୋଗର ଉପସ୍ଥାପନା, ବନ୍ଦର, ଜାହାଜ ଚଳାଚଳ ଲାଇନ ଓ ଆନୁଷଙ୍ଗିକ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଲଜିଷ୍ଟିକ୍ସ ଓ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। ବନ୍ଦରଭିତ୍ତିକ ଅଭିବୃଦ୍ଧି ଉପରେ ଆଲୋକପାତ କରୁଥିବା କ୍ଷେତ୍ରୀୟ ରିପୋର୍ଟ ଓ ଯୋଗାଯୋଗ ସାମଗ୍ରୀ ପ୍ରସ୍ତୁତି ସହ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାକୁ ଥିବା ପ୍ରମୁଖ ଭିତ୍ତିଭୂମି ଓ ନୀତିଗତ ସଫଳତାର ଚିହ୍ନଟ ନେଇ ମଧ୍ୟ ଆଲୋଚନା ହୋଇଛି।



ସମସ୍ତ ବନ୍ଦର ଓ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ଭିତ୍ତିଭୂମି ପ୍ରସ୍ତୁତି, ଅଂଶୀଦାରଙ୍କ ଅଂଶଗ୍ରହଣ ଏବଂ ନିବେଶକ ତଥା ଶିଳ୍ପ ନେତୃବର୍ଗଙ୍କ ନିକଟରେ ପହଞ୍ଚିବା ପାଇଁ ସ୍ପଷ୍ଟ ସମୟସୀମା ସହ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ କେବଳ ଓଡ଼ିଶାର ବର୍ତ୍ତମାନର ବନ୍ଦର ଭିତ୍ତିଭୂମି ଉପରେ ଆଲୋକପାତ କରିବ ନାହିଁ ବରଂ ରାଜ୍ୟକୁ ଜାହାଜ ନିର୍ମାଣ, ଉପକୂଳୀୟ ଜାହାଜ ଚଳାଚଳ, ଆଭ୍ୟନ୍ତରୀଣ ଜଳପଥ ଓ ନୀଳ ଅର୍ଥନୀତି ପଦକ୍ଷେପ ପାଇଁ ଏକ ହବ୍ ଭାବେ ସ୍ଥାନିତ କରିବ। ଶ୍ରୀମତୀ ପାଢ଼ୀ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ରେ ଓଡ଼ିଶାର ଉପସ୍ଥିତି ପ୍ରଭାବଶାଳୀ, ଉତ୍ତମ ପ୍ରତିନିଧିତ୍ୱ ଓ ନିରନ୍ତର ସାମୁଦ୍ରିକ ବିକାଶ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ସୁସଙ୍ଗତ ହେବା ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସମସ୍ତ ହିତାଧିକାରୀଙ୍କୁ ନିବେଦନ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




### ଇରାନ ଓ ଭେନିଜୁଏଲାରୁ ତେଲ କିଣାକୁ ଅନୁମତି ଦିଆଗଲେ

# ରୁଷିଆରୁ ତେଲ କିଣିବା ବନ୍ଦ କରିବ ଭାରତ

ନୂଆଦିଲ୍ଲୀ, ୨୭।୯: ରୁଷରୁ ତେଲ କିଣାକୁ ନେଇ ଆମେରିକା ଭାରତ ଉପରେ ଚାପ ପ୍ରୟୋଗ କରିଚାଲିଥିବାବେଳେ ଭାରତ ଉପରେ ବିପୁଳ ପରିମାଣରେ ଶୁଳକ ବସାଇଛି। ଏବେ ଭାରତ କହିଛି ଯେ ଯଦି ଇରାନ ଓ ଭେନିଜୁଏଲାରୁ ତେଲ କିଣାକୁ ଅନୁମତି ଦିଆଯାଏ, ତେବେ ରୁଷରୁ ତେଲ କିଣା ବନ୍ଦ କରିବାକୁ ବିଚାର କରାଯିବ। ଭାରତ ବର୍ତ୍ତମାନ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଅଧୀନରେ ଅଛି। ଏଥିରେ ୨୫ ପ୍ରତିଶତ ମୂଳ ଶୁଳ୍କ ଏବଂ ରୁଷୀୟ ତେଲ କିଣିବା ପାଇଁ ଅତିରିକ୍ତ ୨୫ ପ୍ରତିଶତ ଜରିମାନା ଅନ୍ତର୍ଭୁକ୍ତ। ଭାରତ ଆମେରିକାକୁ କହିଛି ଯେ ଯଦି ନୂଆଦିଲ୍ଲୀ ଇରାନ ଏବଂ ଭେନେଜୁଏଲାରୁ ତୈଳ ଆମଦାନୀକୁ ଅନୁମତି ଦିଏ, ତେବେ ଏହା ରୁଷରୁ ତେଲ କିଣିବା ବନ୍ଦ କରିଦେବ। ଟ୍ରମ୍ପ ପ୍ରଶାସନର ପ୍ରଥମ କାର୍ଯ୍ୟକାଳ



ସମୟରେ ଇରାନ ଉପରେ କଟକଣା ଲଗାଯାଇଥିଲା। ଏହା ପରେ ଭାରତ ଇରାନରୁ ତେଲ କ୍ରୟ ହ୍ରାସ କରିଦେଇଥିଲା। ଇରାନ ଭାରତର ନିକଟରେ ରହିଥିବାରୁ ସେଠାରୁ ତୈଳ ଆମଦାନି ଭାରତ ପାଇଁ ସୁବିଧାଜନକ ଓ ଶସ୍ତା ହୋଇଥାଏ।

ୟୁକ୍ରେନ ଯୁଦ୍ଧ ମଧ୍ୟରେ ଅନ୍ତର୍ଜାତୀୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇ, ରୁଷ ଶସ୍ତା ତେଲ ପ୍ରଦାନ କରିବା ଆରମ୍ଭ କରିଛି। ଭାରତ ଏହାର ତେଲ ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଆମଦାନୀ କରେ। ତେଣୁ, ରୁଷରୁ କମ୍ ମୂଲ୍ୟରେ ତେଲ କିଣିବା ଭାରତକୁ ଏହାର ଆମଦାନୀ ବିଲ୍ ହ୍ରାସ କରିବାରେ ସାହାଯ୍ୟ କରିଛି।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ପ୍ରଶାସନର ପ୍ରଥମ କାର୍ଯ୍ୟକାଳ ସମୟରେ ଇରାନ ଉପରେ କଟକଣା ଲଗାଯାଇଥିଲା। ଏହା ପରେ ଭାରତ ଇରାନରୁ ତେଲ କ୍ରୟ ହ୍ରାସ କରିଦେଇଥିଲା। ଇରାନ ଭାରତର ନିକଟରେ ରହିଥିବାରୁ ସେଠାରୁ ତୈଳ ଆମଦାନି ଭାରତ ପାଇଁ ସୁବିଧାଜନକ ଓ ଶସ୍ତା ହୋଇଥାଏ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୫,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୫,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୫,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୫,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୬,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୬,୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୬,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୫,୪୮୦ ଓ ୧,୦୫,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୯,୦୦୦ ଟଙ୍କା ହୋଇଛି।

## ଆଇଫୋନ୍-୧୭ ପାଇଁ ଅତିରିକ୍ତ ଦେୟ ଦେଉଛନ୍ତି ଗ୍ରାହକ

ନୂଆଦିଲ୍ଲୀ, ୨୭।୯: ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଆଇଫୋନ୍-୧୭ ଲଞ୍ଚ୍ ହୋଇସାରିଛି। ଏହି ଭାରିଆଣ୍ଟର କମଳା ରଂଗ ପାଲଟିଛି ସଭିଙ୍କ ପ୍ରିୟ। ଯୁବପିଢ଼ିକୁ ବାୟା କରିଛି କମଳା ରଂଗ। କମଳା ରଂଗ ଏତେ ଘାରିଛି ଯେ ଏହି ଫୋନ୍ ପାଇଁ ଗ୍ରାହକ କଳା ବଜାରୀ କରିବାକୁ ବି ପଛାଉ ନାହାନ୍ତି। ଅର୍ଥାତ ବ୍ଲାକ୍‌ରେ ବିକ୍ରି ହେଉଛି 'ଆଇଫୋନ୍-୧୭'। 'ଆଇଫୋନ୍-୧୭' ପ୍ରେମୀମାନେ ଏହି ରଂଗକୁ "ଭଗୱା" ବୋଲି ବି କହୁଛନ୍ତି। କମଳା ରଂଗରେ ଦୁଇଟି ଆଇଫୋନ୍ ଏବେ ବଜାରରେ ଉପଲବ୍ଧ। ଗୋଟାଏ ହେଉଛି 'ଆଇଫୋନ୍-୧୭ ପ୍ରୋ' ଏବଂ ଅନ୍ୟଟି ହେଉଛି 'ଆଇଫୋନ୍-୧୭ ପ୍ରୋ ମାକ୍ସ'। ବଜାରରୁ ଉଭୟ ଫୋନ୍‌ର ଷ୍ଟକ୍ ସରିଯାଉଛି। ଷ୍ଟକ୍ ସରିଯାଉଛିର ମାନେ ନୁହେଁ ଯେ ଉପଲବ୍ଧ ନୁହେଁ। ଫୋନ୍‌ଟି ଉପଲବ୍ଧ ରହୁଛି। ମାତ୍ର ତାହାକୁ ପାଇବାକୁ ହେଲେ କ୍ରେତାଙ୍କୁ ଦେବାକୁ ପଡ଼ିବ ଅଧିକ ଦେୟ।



### କଳା ବଜାରରେ କମଳା ଫୋନ୍

ସେଗୁଡ଼ିକୁ ଫୋନ୍ ଡିଲର୍ ଦ୍ୱାରା ଗଚ୍ଛିତ କରାଯାଉଛି। ଯେଉଁ ଗ୍ରାହକମାନେ ତୁରନ୍ତ "ଭଗୱା ଆଇଫୋନ୍" ଚାହାଁନ୍ତି ସେମାନେ ଅତିରିକ୍ତ ଦେୟ ଦେଇ ନେଉଛନ୍ତି। ଏହା ଏକ ପ୍ରକାରର କଳାବଜାରୀ।

ଆଇଫୋନ ପ୍ରେମରେ ପଡିଥିବା ଯୁବପିଢ଼ିଙ୍କ ଭିତରେ ମୋବାଇଲକୁ ନେଇ ଏତେ କ୍ରେଜ ଦେଖିବାକୁ ମିଳିଅଛି କି ସେମାନେ ଆଇଫୋନ୍-୧୭ କିଣିବାକୁ ଲଞ୍ଚ୍ ହେବାର ପୂର୍ବ ରାତିରୁ ମଲ ଆଗରେ ଲମ୍ବା ଲାଇନ ଲଗାଇ ଥିବାର ଖବର ବି ଆସିଥିଲା। ତେବେ ନୂଆ ଲଞ୍ଚ ହୋଇଥିବା ଆଇଫୋନ୍-୧୭ରେ ଭିନ୍ନ ଭିନ୍ନ ଫିଚର ଥିବା ଗ୍ରାହକ କହିଛନ୍ତି। ବ୍ୟାଟେରୀ ଏବଂ କ୍ୟାମେରାରେ ପୂର୍ବ ଭର୍ସନ ଠାରୁ ଅନେକ ଫରକ ଥିବା କହିଛନ୍ତି।

## ୟୁନିୟନ୍ ବ୍ୟାଙ୍କର ୱାକାଥନ୍

ଭୁବନେଶ୍ୱର, ୨୭।୯: ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ ୱାକାଥନ୍ ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କର ମୁମ୍ବାଇ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ସତର୍କତା ଅଧିକାରୀ ଅଜୟ କୁମାର ସିଂହ, ଭୁବନେଶ୍ୱରର ଅଞ୍ଚଳ ମୁଖ୍ୟ ଏଚ କେ ଦାସ, କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ୱାକାଥନ ରୁପାଲି ଛକରୁ ଆରମ୍ଭ ହୋଇ ରାମମନ୍ଦିର ପର୍ଯ୍ୟନ୍ତ ଯାଇ ପୁଣି ରୁପାଲି ଛକ ଫେରିଥିଲା।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି।କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ।ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।



## ବନ୍ଦେ ଭାରତ ଟ୍ରେନ ପାଇଁ କୋଟି କୋଟି ଟଙ୍କା ଭଡ଼ା ଗଣୁଛି ରେଳବାଇ

ନୂଆଦିଲ୍ଲୀ ୨୭।୯: ଦେଶରେ ଟ୍ରେନ ସଞ୍ଚାଳନର ଦାୟିତ୍ୱ ସମ୍ଭାଳୁଛନ୍ତି ଭାରତୀୟ ରେଳବାଇ। ଟ୍ରେନ, ରେଳ ଷ୍ଟେସନ ଆଦିର ଦାୟିତ୍ୱ ଓ ମାଲିକାନା ମଧ ରେଳବାଇଙ୍କର, ହେଲେ କ୍ୱଚିତ ଜାଣିଥିବେ ଦେଶରେ ଦ୍ରୁତଗାମୀ ଟ୍ରେନ 'ବନ୍ଦେ ଭାରତ ଏକ୍ସପ୍ରେସ୍'ର ମାଲିକାନା ହକ୍ କିନ୍ତୁ ରେଳବାଇଙ୍କ ନିକଟରେ ନାହିଁ। ଏଥି ପାଇଁ ରେଳବାଇ ବାର୍ଷିକ କୋଟିକୋଟି ଟଙ୍କା ଭଡ଼ା ଗଣୁଛନ୍ତି। ତେବେ ଆସନ୍ତୁ ଜାଣିବା ବନ୍ଦେ ଭାରତର ଅସଲ ମାଲିକ କିଏ?

ବନ୍ଦେ ଭାରତର ଅସଲି ମାଲିକ ହେଉଛନ୍ତି ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେସନ (ଆଇଆରଏଫସି)। କେବଳ ବନ୍ଦେ ଭାରତ ନୁହେଁ ଶତାବ୍ଦୀ, ରାଜଧାନୀ ଓ ଗତିମାନ ଏକ୍ସପ୍ରେସ୍ ଭଳି ଟ୍ରେନ ମଧ ଆଇଆରଏଫସିଙ୍କ ନାମରେ ରେଜିଷ୍ଟର୍ଡ ଅଛନ୍ତି। ୧୯୮୬ ମସିହାରେ ସ୍ଥାପିତ ଆଇଆରଏଫସି ରେଳବାଇଙ୍କ ନିମନ୍ତେ ପାଣ୍ଠି ଜୁଟାନ୍ତି ଓ ନୂଆ ନୂଆ ଟ୍ରେନ କିଣି ରେଳବାଇଙ୍କୁ ଲିଜରେ ଦିଅନ୍ତି। ଏଥି ପାଇଁ ଆଇଆରଏଫସି ରେଳବାଇଙ୍କଠାରୁ ମୋଟା ରକମର ଭଡ଼ା ମଧ ଅସୁଲ କରନ୍ତି। ରେଳବାଇଙ୍କ ୮୦% ଟ୍ରେନଙ୍କ ମାଲିକ ଆଇଆରଏଫସି ଅଟନ୍ତି। ରେଳବାଇଙ୍କୁ ଆଇଆରଏଫସି ଟ୍ରେନ ୩୦ ବର୍ଷିଆ ଲିଜରେ ଦିଅନ୍ତି। ଏହା ବଦଳେ




ରେଳବାଇ ପାଖାପାଖି ୨୦,୦୦୦ କୋଟି ଟଙ୍କା ଭଡ଼ା ପୈଠ କରନ୍ତି। ଆଇଆରଏଫସିଙ୍କ ରେଭିନ୍ୟୁର ଏକ ବଡ଼ ଅଂଶ ରେଳବାଇଙ୍କୁ ଦିଆଯାଇଥିବା ଟ୍ରେନ ଭଡ଼ାରୁ ଆସିଥାଏ। ବନ୍ଦେ ଭାରତ ଏକ୍ସପ୍ରେସର କୋଚ୍ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ)ରେ ନିର୍ମିତ ହୋଇଥାଏ। ରେଳବାଇ ଲିଜ ମଡେଲରେ ଏହି ଟ୍ରେନ ସଞ୍ଚାଳନ କରନ୍ତି। ଲିଜ ମଡେଲ ଯୋଗୁ ରେଳବାଇ ବିନା ବୋଝରେ ହାଇ-ସ୍ପିଡ ନେଟୱାର୍କର ସମ୍ପ୍ରସାରଣ କରିପାରୁଛନ୍ତି।

ବନ୍ଦେ ଭାରତ ଟ୍ରେନ ନିର୍ମାଣ ନିମନ୍ତେ ବିପୁଳ ବ୍ୟୟ ହେଉଛି। ଏପରି ଟ୍ରେନ ନିର୍ମାଣ ପାଇଁ ରେଳବାଇଙ୍କ ନିକଟରେ ଏକକାଳୀନ ପଇସା ଦେବା ସମ୍ଭବ ନୁହେଁ। ଏଣୁ ସେ ଖୋଲା ବଜାରରୁ ପଇସା ଉଠାଇଥାନ୍ତି। ଏଥି ପାଇଁ ରେଳବାଇଙ୍କ କମ୍ପାନୀ ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେସନ (ଆଇଆରଏଫସି) ଗଠନ କରାଯାଇଛି।

## ଖୁବ୍‌ଶୀଘ୍ର ଭାରତ-ରୁଷିଆ ମେଗା ଚୁକ୍ତି



ନୂଆଦିଲ୍ଲୀ,୨୭।୯: ରୁଷ ସହ ଏକ ବଡ଼ ଚୁକ୍ତି କରିବାକୁ ଯାଉଛି ଭାରତ। ଆମେରିକା ସହ ବିବାଦ ମଧ୍ୟରେ ଏହା ଅନେକ ମାତ୍ରାରେ ଗୁରୁତ୍ୱ ବହନ କରୁଛି। କୃଷି ଏବଂ ସାର କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବାକୁ ଚିନ୍ତା କରୁଛନ୍ତି ଭାରତ ଏବଂ ରୁଷ। ପ୍ରକ୍ରିୟା ସହ ଜଡ଼ିତ ଜଣେ ବ୍ୟକ୍ତି ଏହି ସୂଚନା ଦେଇଛନ୍ତି। ବ୍ୟକ୍ତିଜଣକ କହିଛନ୍ତି ଯେ, ରୁଷ ସାର ଏବଂ କୃଷି ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ଏକ ବଡ଼ ଖେଳାଳୀ। ଭାରତ ଏବଂ ରୁଷ ମଧ୍ୟରେ ଏ କ୍ଷେତ୍ରରେ ସହଯୋଗିତା ହେଲେ ଏହା ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବ। ଏହି ସହଯୋଗିତା କେବଳ କ୍ରୟ ଏବଂ ବିକ୍ରୟ ମଧ୍ୟରେ ସୀମିତ ରହିବ ନାହିଁ। ରୁଷର ଉପ-ପ୍ରଧାନମନ୍ତ୍ରୀ ଦିମିତ୍ରୀ ପାଟ୍ରୁଶେଭ ଭାରତରେ ଆୟୋଜିତ ୱାର୍ଲଡ ଫୁଡ୍ ଇଣ୍ଡିଆ ଏକ୍ସପୋରେ ଭାଗ ନେଇ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ତାଙ୍କ ସହ ରୁଷ୍‌ର ଏକ ବଡ଼ ପ୍ରତିନିଧିଦଳ ଏଥିରେ ଯୋଗ ଦେଇଛନ୍ତି। ଭାରତରୁ ରୁଷକୁ ଚିଙ୍ଗୁଡି ରପ୍ତାନି ଯୋଜନାକୁ ଆଗକୁ ବଢ଼ାଇବାରେ ଏହି ଆଲୋଚନା ସହାୟକ ହେବ।

ପ୍ରକାଶଯୋଗ୍ୟ, ଭାରତରୁ ଆସୁଥିବା ଚିଙ୍ଗୁଡ଼ି ଉପରେ ଆମେରିକା ୫୦% ଟିକସ ଲଗାଇଛି। ଏଭଳି କ୍ଷେତ୍ରରେ ରୁଷ ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀଙ୍କ ପାଇଁ ଉତ୍ତମ ବଜାର ପାଲଟିପାରେ। ଉଭୟ ଦେଶ କୃଷି ଏବଂ ସାର ସମ୍ବନ୍ଧୀୟ କ୍ଷେତ୍ରରେ ଯୌଥ ଉଦ୍ୟୋଗ ସ୍ଥାପନ ଉପରେ ବିଚାର କରୁଥିବା ଜଣାପଡ଼ିଛି। ଆମେରିକା ଭାରତରୁ ଚିଙ୍ଗୁଡ଼ି କ୍ରୟ କରୁଥିବା ସର୍ବବୃହତ୍ ରାଷ୍ଟ୍ର। ଏଠାକୁ ପ୍ରତିବର୍ଷ ବହୁ କୋଟି ଡଲାରର ଚିଙ୍ଗୁଡ଼ି ଭାରତରୁ ଯାଇଥାଏ। କିନ୍ତୁ ଆମେରିକା ଭାରତ ଉପରେ ଅନେକ ପ୍ରକାର ଶୁଳ୍କ ଲାଗୁ କରିଛି। ଏଥିରେ ଆଣ୍ଟି-ସବ୍‌ସିଡି ଡ୍ୟୁଟି ଏବଂ ଆଣ୍ଟି-ଡମ୍ପିଂ ଡ୍ୟୁଟି ସାମିଲ। ଫଳରେ ଭାରତୀୟ ଚିଙ୍ଗୁଡ଼ି ଉପରେ ମୋଟ ଟିକସ ୫୮%ରୁ ଅଧିକ ହେବା ସମ୍ଭାବନା ରହିଛି। ଫଳରେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀ ଇକ୍ୱେଡର, ଇଣ୍ଡୋନେସିଆ, ଭିଏତ୍‌ନାମ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ସହ ମୁକାବିଲା କରିପାରିବେ ନାହିଁ। ଉଚ୍ଚ ଟାରିଫ୍ ଯୋଗୁ ଦେଶର ବହୁ କୋଟି ଡଲାରର ରପ୍ତାନି ବ୍ୟାହତ ହୋଇଛି।

ସୂତ୍ର ଅନୁସାରେ, ରୁଷର ବଜାର ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀଙ୍କୁ ଆଶ୍ୱସ୍ତି ଦେଇପାରେ। ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍ ସହ ଭାରତର ବ୍ୟାପାରକୁ ସମାଲୋଚନା କରିଆସୁଛନ୍ତି ଭାରତ ଏହାକୁ ଖାତିର କରୁନାହିଁ। ଏହାମଧ୍ୟରେ ରୁଷ ଭାରତକୁ ସାର ରପ୍ତାନି ୨୦% ବଢ଼ାଇଛି। ଏ ବର୍ଷ ପ୍ରଥମ ୬ ମାସରେ ଏହା ୨୫ ଲକ୍ଷ ଟନ୍ ପର୍ଯ୍ୟନ୍ତ ପହଞ୍ଚିଛି।

## ଓସିଏସ୍‌ରେ ଆପ୍ଟିପ୍ଲସ୍‌ର ବାଜିମାତ୍

ଭୁବନେଶ୍ୱର, ୨୭।୯: ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଆପ୍ଟିପ୍ଲସ୍ ଏକାଡେମୀ ଫର୍ ସିଭିଲ୍ ସର୍ଭିସେସ୍ ଶୀର୍ଷରେ ରହିଛି। ଆପ୍ଟିପ୍ଲସ୍‌ର ବିଭିନ୍ନ ଗାଇଡାନ୍ସ ପ୍ରୋଗ୍ରାମ ନେଇ ପ୍ରଥମ ୨୦ଜଣଙ୍କ ମଧ୍ୟରେ ୧୨ଜଣ ସ୍ଥାନ ପାଇଛନ୍ତି। ୪ ନମ୍ବର ରାଙ୍କ୍‌ରେ ମିର୍ଜା ଫୈଜ ଅହମଦ୍ ଥିବା ବେଳେ ୬ରେ ଅନ୍ତିମ୍ ସ୍ୱାଇଁ, ୭ରେ ଶୈଳେଶ କୁମାର ଭୋଇ, ୮ରେ ମହମ୍ମଦ ନାଜିଫ୍ ହବିଫ୍, ୧୨ରେ ସ୍ୱରୂପିଣୀ ପଟ୍ଟନାୟକ, ୧୩ରେ କ୍ରିଷ୍ଣ ଗୋପାଳ ସ୍ୱାଇଁ, ୧୪ରେ ସ୍ନେହା ଦାସ ମହାପାତ୍ର, ୧୫ରେ ଆଶୁତୋଷ ଶତପଥୀ, ୧୬ରେ ଦୀପ୍ସିତା ବେହେରା, ୧୭ରେ ସୁପ୍ରିୟା ମିଶ୍ର, ୧୮ରେ ଅସୀମା ଅନ୍ୱେଷା ଓ ୧୯ତମ ସ୍ଥାନରେ ସୁବର୍ଣ୍ଣ ମହାନ୍ତି ରହିଛନ୍ତି। ପ୍ରଥମ ୧୦୦ ଜଣଙ୍କ ମଧ୍ୟରେ ୭୬ରୁ ଅଧିକ ଛାତ୍ରଛାତ୍ରୀ ରହିଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଆପ୍ଟିପ୍ଲସ୍ ନିର୍ଦ୍ଦେଶକ ସୁସିଜୀତ୍ ସାହୁ କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରିବାକୁ ସର୍ବଦା ପ୍ରୟାସ ଜାରି ରଖିଛି। ଜାତୀୟ ସ୍ତରରେ ନାମ କରିଥିବା ଅଧ୍ୟାପକ ଅଧ୍ୟାପିକାମାନେ ଏଠାକୁ ଆସି ପିଲାଙ୍କୁ ଶିକ୍ଷା ପ୍ରଦାନ କରିଥାନ୍ତି। ଯେଉଁଥିପାଇଁ ପ୍ରତିଟି ପରୀକ୍ଷାରେ ଆପ୍ଟିପ୍ଲସର ପିଲା ସଫଳତା ଦୋହରାଉଛନ୍ତି। ଏହି ଧାରା ଜାରି ରଖିବାକୁ ଆପ୍ଟିପ୍ଲସ୍ ଦୃଢ଼ ସଂକଳ୍ପବଦ୍ଧ। ୨୦୨୫-୨୬ରେ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଫାଉଣ୍ଡେସନ ସହ ଆଡଭାନ୍ସ ଲେବୁଲ୍ ପାଠ୍ୟକ୍ରମ ଦିଆଯାଉଛି। ସମସ୍ତ ପ୍ରକାର ପାଠ୍ୟପୁସ୍ତକ ସହ ଲାଇବ୍ରେରି ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ପ୍ରତିଦିନ କ୍ଲାସ୍ ଟେଷ୍ଟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ପରୀକ୍ଷଣ ହେଉଛି।




## ବୁଲେଟକୁ ଟକ୍କର ଦେବ ହୋଣ୍ଡାର ନୂଆ ବାଇକ୍

ଭୁବନେଶ୍ୱର, ୨୭।୯: ବଜାରରେ ଅନେକ ପ୍ରକାରର ବାଇକ ଅଛି। କିନ୍ତୁ ଯୁବପିଢ଼ିଙ୍କ ମଧ୍ୟରେ ରୟାଲ ଏନଫିଲଡ ବା ବୁଲେଟର ଚାହିଦା ନିଆରା। ବିଗତ ଅନେକ ଦଶନ୍ଧି ଧରି ଏହା ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଏବେ ହୋଣ୍ଡା କମ୍ପାନି ବୁଲେଟକୁ ଟକ୍କର ଦେବାକୁ ଏକ ନୂଆ ବାଇକ୍ ବଜାରକୁ ଛାଡ଼ିଛି। ତାହାର ଡିଜାଇନ ଠିକ ବୁଲେଟ ପରି। ହୋଣ୍ଡା ପକ୍ଷରୁ ଲଞ୍ଚ୍ କରାଯାଇଥିବା ଏହି ରେଟ୍ରୋ କ୍ଲାସିକ୍ ବାଇକର ନାଁ ହେଉଛି ସିବି୩୫୦ସି ସ୍ପେଶାଲ ଏଡିସନ। ଅକ୍ଟୋବର ପ୍ରଥମ ସପ୍ତାହରୁ ଏହା ହୋଣ୍ଡା ବିଗଓ୍ୱିଙ୍ଗ୍ ସୋରୁମ ଗୁଡ଼ିକରେ ଉପଲବ୍ଧ ହେବ। ଏହାର ମୂଲ୍ୟ ରହିଛି ୨ ଲକ୍ଷ ୧ ହଜାର ୯୦୦ ଟଙ୍କା। ବୁଲେଟ ସହ ଏହି ବାଇକର ଡିଜାଇନରେ ଅନେକ ସାମଞ୍ଜସ୍ୟ ରହିଛି। ଏହି ବାଇକରେ ରହିଛି ୩୫୦ ସିସି ( ୩୪୮.୩୬ ସିସି) ଏୟାର କୁଲଡ୍ ଫୋର ଷ୍ଟ୍ରୋକ୍ ସିଙ୍ଗଲ ସିଲିଣ୍ଡର ଇଂଜିନ। ଏହି ବାଇକଟି ୨ଟି ରଂଗରେ ଉପଲବ୍ଧ- ରିବେଲ ରେଡ୍ ମେଟାଲିକ ଓ ମାଟ ଡ୍ୟୁନ ବ୍ରାଉନ।



# ବିଦ୍ୟାଳୟରେ ଗଣ୍ଡ ଚିତ୍ରକଳା କର୍ମଶାଳା

**ସୁନ୍ଦରଗଡ଼,୨୭।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନକତୁରାରେ ସେପ୍ଟେମ୍ବର ୨୬ ଓ ୨୭ ତାରିଖରେ (ଶୁକ୍ରବାର ଓ ଶନିବାର ଦିନ) ୨ ଦିନିଆ ଧନ୍ଦାମୂଳକ କାର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତେଜରାମ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ଏଚ. କେ. ପି. ଆର୍ଟ ଆଣ୍ଡ କ୍ରାଫ୍ଟ ଇନଷ୍ଟିଚ୍ୟୁଟର ତାଲିମ ଦାତା ହରେକୃଷ୍ଣ ପଟେଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଲୁପ୍ତ ହୋଇ ଯାଉଥିବା ବିଭିନ୍ନ ଆଦିବାସୀ ଚିତ୍ରକଳା ବିଷୟ ରେ ଅବଗତ କରାଇବା ସହ ଆଦିବାସୀ ଗଣ୍ଡ ଚିତ୍ରକଳାର ତାଲିମ୍ ଦେଇଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନେ ଶ୍ରୀ ପଟେଲଙ୍କ ତତ୍ତ୍ୱାବଧାନରେ ଗୋଟିଏ ଲେଖାଏଁ ଚିତ୍ର ଅଙ୍କନ କରିଥିଲେ। ପାଠପଢ଼ି ସରିବା ପରେ କୌଣସି ସ୍ଥାନରେ ଚାକିରି ନ ପାଇଲେ ଏହି ଚିତ୍ରକଳାର ଉପଯୋଗ କରି କିପରି ରୋଜଗାରକ୍ଷମ ହୋଇପାରିବେ ତାହାର ସୁକ୍ଷ୍ମ ବିବରଣୀ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବିଦ୍ୟାଳୟର ୬୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅନ୍ତିମ ଦିନ ସମାପନ ସମାରୋହ କରି ତାଲିମ ନେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ରୀତାରାଣୀ ନାଏକ, ରୋଜାଲିନ ଶତପଥୀ, ଯାଜ୍ଞସେନୀ ସା, ପ୍ରଶାନ୍ତ ସାହୁ, ସଚ୍ଚିଦାନନ୍ଦ ମିଶ୍ର, ସୁଶୀଲ ପୋଢ଼, ହିମାନୀ କୁଅଁର, ସୁଷମା ଭୋଇ, ରାଜେଶ୍ୱରୀ ସୁନାନୀ, ପ୍ରତିଭା ତନ୍ତି, ଗୋବିନ୍ଦ ରଣା, ନନ୍ଦିତା ମାଝୀ, ସଞ୍ଜୟ ସାହୁ ଏହି କର୍ମଶାଳା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପିକ୍ଅପ୍‌ରେ ଯାଉଥିଲା ସାର

# ଚାଲାଣ ହେବାବେଳେ ଧରିଲେ ଚାଷୀ

**ବଲାଙ୍ଗିର,୨୬।୯ (ସଂଚାର ବ୍ୟୁରୋ):** ସାର ଚୋରା ଚାଲାଣ ହେଉଥିବା ହୋଇଛି ଅଭିଯୋଗ । ଚୋରା ଚାଲାଣ ବେଳେ ଧରିଲେ ଚାଷୀ । ଏକ ପିକଅପ୍ ଗାଡ଼ିରେ ସାର ଲୋଡ୍ ହୋଇ ଯାଉଥିବା ବେଳେ ଧରିଛନ୍ତି ଚାଷୀ । ୟୁରିଆ ସାରକୁ ନେଇ ଚାଷୀ ହଇରାଣ ହେଉଥିବାବେଳେ ବଲାଙ୍ଗିର ଜିଲ୍ଲାର ସଇଁତଳା କୃଷି ସମବାୟ ସମିତିରୁ ସାର ଚୋରା ଚାଲାଣ



ହେଉଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ପାଇଁ ଆସିଥିବା ସାରକୁ ଚାଷୀଙ୍କୁ ଠିକ ଭାବରେ ବଣ୍ଟନ ନକରି ଅନ୍ୟ ଏକ ଗାଡ଼ିରେ ଲୋଡ କରି ନେଉଥିବା ବେଳେ ପେକ୍ସ ଆଗରେ ଧରିଛନ୍ତି ଚାଷୀ। ସଇଁତଳା ପେକ୍ସରେ କୌଣସି ଗୋଦାମ ଘର ନଥିବା ବେଳେ ସାରକୁ ଜାମପଦରରେ ଥିବା ଗୋଦାମକୁ ନିଆଯାଉଥିବା କହିବାରୁ ଚାଷୀଙ୍କ ସନ୍ଦେହ କରି ଗାଡ଼ି ଅଟକ ରଖିଥିଲେ । ତେବେ ସାରକୁ ନେଇ ପେକ୍ସ ସମ୍ପାଦକ ମୁଁହ ଖୋଲୁ ନଥିବାର ଚାଷୀ ଅଭିଯୋଗ କରୁଛନ୍ତି। ପୂର୍ବରୁ ମଧ ଏହି ପେକ୍ସରେ ଏକ୍ସପାରୀ ଡେଟ ଯାଇଥିବା ନାନୋ ୟୁରିଆ ସାର ବିକ୍ରି ହୋଇଥିଲା। ତେବେ ପ୍ରଶାସନ ଏନେଇ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି ।

## ଜନ ସଂପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

**ନୀଳଗିରି,୨୬।୯ (ସଂଚାର ବ୍ୟୁରୋ):** ନୀଳଗିରି ବିଜୁ ଜନତା କାର୍ଯ୍ୟାଳୟ ରେ ଆଗାମୀ ଦିନରେ ବିଜେଡିର ଜନ ସଂପର୍କ ପଦଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଅଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଙ୍କ ନେତୃତ୍ୱରେ ଆଜିର ଏହି ବୈଠକରେ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ପାଳନ ଓ ସଂକଳ୍ପ ଦିବସ ପାଳନ, ଅକ୍ଟୋବର ୧୫ ତାରିଖରେ ଔପଦା ବ୍ଲକରେ ଜନ ସଂପର୍କ ପଦଯାତ୍ରା ପାଳନ, ଅକ୍ଟୋବର ୧୬ ରେ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଜନ୍ମ ଦିନ ପାଳନ ଅବସରରେ ଏକ ରକ୍ତଦାନ ଶିବିର



ଆୟୋଜନ ଏବଂ ଅକ୍ଟୋବର ୨୨ ରେ ନୀଳଗିରି ବ୍ଲକରେ ଜନ ସଂପର୍କ ପଦଯାତ୍ରା କିଭଳି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଶୁଭଲକ୍ଷ୍ମୀ ମାଝି, ଉପେନ୍ଦ୍ର ଦାସ, ରାଜୀବ ଦାସ ବାବୁ, ଗଙ୍ଗାଧର ମିଶ୍ର, ରବିନ୍ଦ୍ର ପରିଡା, ସଞ୍ଜୟ କୁମାର ସିଂ, କୁଳମଣି ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପାତ୍ର, ଜୟନ୍ତ କୁମାର ପୁଟି ସମେତ ଏକ ଶହରୁ ଅଧିକ କର୍ମୀ ଉପସ୍ଥିତ ଥିଲେ।

## ବିଜେପିର ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ


**ତୁମୁଡ଼ିବନ୍ଧ, ୨୬।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ଅନ୍ତର୍ଗତ କୁର୍ତମଗଡ଼ ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ଲକ ସ୍ତରୀୟ କର୍ମଶାଳା ଆତ୍ମ




ନିର୍ଭର ଭାରତ ସଂକଳ୍ପ ଅଭିଜାନ ସଭା ଆୟୋଜନ କରାଯାଇଥିଲା ଉକ୍ତ ସଭା ଟିକୁ ବ୍ଲକ୍ ସଭାପତି ସର୍ମେଶ୍ୱର୍ ମାଝୀ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଥିଲା ଉକ୍ତ ସଭା ରେ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଢ଼ି, ପୂର୍ବତନ ବ୍ଲକ ସଭାପତି ରବିଚନ୍ଦ୍ର ପାତ୍ର, ଗରିଷ୍ଟ ବିଜେପି ନେତା ଶ୍ରୀଚନ୍ଦ୍ର ପରାସେଟ, ବିଜେପି ଯୁବ ନେତା ବବ୍ଲୁ ବଡ଼ସେଟ ଏବଂ ତୁମୁଡ଼ିବନ୍ଧ ବ୍ଲକ ର ୧୧ଗୋଟି ପଞ୍ଚାୟତର ସଭାପତି ତଥା ଲଙ୍କାଗଡ଼ ସରପଞ୍ଚ ସସ୍ମିତା ପାତ୍ର ଓ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ମଲ୍ଲିକ ଏବଂ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତି ରେ ଆତ୍ମ ନିର୍ଭର ଭାରତର ସଂକଳ୍ପ ଅଭିଜାନ ବିଷୟରେ ପଦାଧିକାରୀ ମାନେ ସୁଚାର ରୂପେ ବୁଝେଇଛନ୍ତି ଉପସ୍ଥିତ ଥିବା କର୍ମଚାରୀ ମାନଙ୍କୁ ବିଜେପି ସଙ୍ଗଠନ ମଜବୁତ ସୁଦୃଢ଼ କିପରି କରିବା ସେହି ବିଷୟରେ ଆଲୋଚନା ହୋଇଥିଲା ଶେଷରେ ବ୍ଲକ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାଟିକୁ ସାଙ୍ଗ କରିଥିଲେ।

# 'ସୁସ୍ଥ ନାରୀ ସଶକ୍ତ ପରିବାର' ସ୍ୱାସ୍ଥ୍ୟ ଶିବିର

**ଭବାନୀପାଟଣା,୨୬।୯ (ସଂଚାର ବ୍ୟୁରୋ):** ସାରା ଦେଶରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଙ୍କ ଜନ୍ମ ଦିବସ ୧୭ ସେପ୍ଟେମ୍ବର ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ଅବସରରେ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଆୟୋଜିତ କରାଯାଉଛି।



ଏହି ପରିପ୍ରେକ୍ଷୀରେ ଆଜି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ତୁଡୁକାଠେଙ୍ଗା ପଞ୍ଚାୟତ ଦର୍ଲିପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜେପି ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆମପାଣି ର ମିଳିତ ଆୟୋଜନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଙ୍କ ନିର୍ଦ୍ଦେଶ କ୍ରମେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର କୁ ଆନୁଷ୍ଠାନିକ ଭାବେ ବିଧାୟକ ପ୍ରତିନିଧି ଭାବେ ହିମାଂଶୁ କୁମାର ପଣ୍ଡା, କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼.ତତ୍ତ୍ୱଦର୍ଶୀ ଦାସ, ଜିଲ୍ଲା ଉପ ସଭାପତି ମୁକେଶ ଅଗ୍ରୱାଲ, ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ବରିଷ୍ଠ ନେତା ତ୍ରିନାଥ ଶବର, ଗରୁଡ଼ଧ୍ୱଜ ମାଝୀ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ଆମପାଣି ଯୋନ ଅଧିନସ୍ଥ ୮ ପଞ୍ଚାୟତ ର ଶତାଧିକ ମହିଳା, ପୁରୁଷ ଓ ଶିଶୁ ରୋଗୀ ମାନେ ପହଞ୍ଚି ସେମାନଙ୍କ ନାମ ପଞ୍ଜିକରଣ କରିବା ସହ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ନେଇଥିଲେ। ଏହି ଶିବିରରେ ଧର୍ମଗଡ଼ ଜଗନ୍ନାଥ ସେବା ସମିତି ପକ୍ଷରୁ ରୋଗୀ ଙ୍କୁ ନିଶୁଳ୍କ ରେ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ରେ ଭାଜପା ର ଧର୍ମଗଡ଼ ନଗର ସଭାପତି ସୌରଭ ମିତ୍ତଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ ମାଝୀ, ରାଜ୍ୟ ପରିଷଦ ସଦସ୍ୟ ଅପ୍ରେସ ସ୍ୱାଇଁ, ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ମନୀନ୍ଦ୍ର ଭୂଷଣ ପାତ୍ର, ପରିଚାଳନା ରେ ସହଯୋଗ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର

**କଣାସ,୨୬।୯ (ସଂଚାର ବ୍ୟୁରୋ):** କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆରମ୍ଭ ହୋଇଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ ଉଦ୍ଘାଟନ କରିଥିଲେ। ପୁରୀ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୀପକ କୁମାର ସାହୁଙ୍କ



ପ୍ରତ୍ୟେକ୍ଷ ତତ୍ୱବିଧାନରେ ଆଜି ଏକଚାଳିଶି ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜଣେ ଦିବ୍ୟାଙ୍ଗ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ସତେଇଶି ସ୍ୱେଚ୍ଛାସେବୀ ଏବଂ, ତିନିଜଣ ଆଶା ଦିଦି ସମେତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମଳ କର୍ମଚାରୀ, ସୁରକ୍ଷା କର୍ମୀ ଆଦି ଚଉଦଜଣ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଅଧିକ୍ଷକ ଡାକ୍ତର କ୍ଷମାନିଧି ସେଠୀ ଏହି କାର୍ଯ୍ୟକ୍ରମରେ କଣାସର ସମସ୍ତ ଟେଇଶିଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅନ୍ତର୍ଗତ ପ୍ରତ୍ୟେକ ଗାଁରେ ଏବଂ ଗଡ଼ିଶାଗଡା, ନନ୍ଦିଗଡା, ସାହୁପଡା, ହରଚଣ୍ଡୀପ୍ରସାଦ ଓ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳାମାନଙ୍କର ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ, ଓ ସଚେତନତା କାର୍ଯ୍ୟକ୍ରମର ଚାଲୁ ରହିଥିବା କଥା ପ୍ରକାଶ କରିଥିଲେ। କଣାସରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ଆଜିସୁଧା ୭୬ ହଜାର ୨ଶହ ୪୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ଜଣାପଡ଼ିଛି। ଡାକ୍ତର କ୍ଷମାନିଧି ସେଠୀ, ଡାକ୍ତର ସବ୍ୟସାଚୀ ମହାପାତ୍ର, ଡାକ୍ତର ବିବେକ ଅନୁରାଗ, ଡାକ୍ତର ସୌମ୍ୟ ରଞ୍ଜନ ସେଠୀ, ଡାକ୍ତର ବିଶ୍ୱରଜନ ଜେନା, ସ୍ୱର୍ଣ୍ଣଲତା ରଥ, ଧନେଶ୍ୱର ସ୍ୱାଇଁ, କଳିଙ୍ଗ କୁମାର ଉପାଧ୍ୟାୟ, ଅନ୍ତର୍ଜାମୀ ମହାପାତ୍ର, ତପନ ଚୌଧୁରୀ, ଲୋକନାଥ ଦଳେଇ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତେ ଆଜିର କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ।

## ସତ୍ୟଶିବ କଂଗ୍ରେସ ଜିଲ୍ଲା ସଭାପତି

**ନୀଳଗିରି,୨୬।୯ (ସଂଚାର ବ୍ୟୁରୋ):** ଏ ଆଇ ଆଇ ସି ସି ପକ୍ଷରୁ ଓଡ଼ିଶା ର ସମସ୍ତ ଜିଲ୍ଲା ସଭାପତି ଙ୍କୁ ନୂତନ ଭାବେ ନିଯୁକ୍ତି ମିଳିଛି। ସେହି କ୍ରମରେ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସ



ଙ୍କୁ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳିଥିବାରୁ ନୀଳଗିରି କଂଗ୍ରେସ ମହଲ ରେ ଖୁସି ର ଲହରୀ ଦେଖିବାକୁ ମିଳିଛି। ନୀଳଗିରି ର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଯୁବନେତା ଆଶିଷ ପଟ୍ଟନାୟକ, ତପନ ରାଉତ, ସୁରେନ୍ଦ୍ର ଦାସ, ଯୋଗେଶ୍ୱର ବେହେରା, ବିଶ୍ୱନାଥ ଦାସ, ସଦାଶିବ ରଥ, ସମରେନ୍ଦ୍ର ଦାସ, ଯୁବ ନେତା ଦିବ୍ୟଜ୍ୟୋତି ଆଚାର୍ଯ୍ୟ ପ୍ରମୁଖ ଶତାଧିକ ନେତା ତଥା ପଞ୍ଚାୟତ ସ୍ତରୀୟ ପୂର୍ବତନ ସରପଞ୍ଚ, ନେତା ଓ କର୍ମୀ ମାନେ ଶ୍ରୀ ଦାସ ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ନିଜ ନିଜର ଖୁସୀ ବ୍ୟକ୍ତ କରିଛନ୍ତି। କଂଗ୍ରେସ ନୀଳଗିରି ମିଡିଆ କୋଡ଼ିନେଟର ପ୍ରଫୁଲ୍ଲ କୁମାର ମହାନ୍ତି ଶ୍ରୀ ଦାସ ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ନୀଳଗିରି କଂଗ୍ରେସ ନିଶ୍ଚିତ ସଂଗଠିତ ଭାବେ କାର୍ଯ୍ୟ କରିବା ନେଇ ଆଶା ପ୍ରକଟ କରିଛନ୍ତି।

## ତୀରନ୍ଦାଜୀ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ଶ୍ରେଷ୍ଠ ପ୍ରଦର୍ଶନ




**ଭବାନୀପାଟଣା,୨୭।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରିଯୋଗିତାରେ କଳାହାଣ୍ଡି ଜିଲ୍ଲା ର ଛାତ୍ରଛାତ୍ରୀ ଶ୍ରେଷ୍ଠ ପ୍ରଦର୍ଶନ କରି ୮ ଗୋଟି ସ୍ୱର୍ଣ୍ଣ, ୩ଗୋଟି ରୋପ୍ୟ, ଗୋଟିଏ କାଂସ୍ୟ ପଦକ ହାସଲ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏଥିରେ ଲାଞ୍ଜିଗଡ଼ ଉଚ୍ଚବିଦ୍ୟାଳୟ ର ତରୁଣ କୁମାର ମାଝୀ, ତିନୋଟି ସ୍ୱର୍ଣ୍ଣ ପଦକ, ଲୀନ ମାଝୀ, ତିନୋଟି ସ୍ୱର୍ଣ୍ଣ ପଦକ, ରୋହିତ କୁମାର ମାଝୀ, ତିନୋଟି ରୋପ୍ୟ, ଗାୟତ୍ରୀ ମାଝୀ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ କାଂସ୍ୟ ପଦକ ହାସଲ କରି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ସମସ୍ତ ଙ୍କୁ ଉତ୍ସାହିତ କରିବା ସହିତ ସମ୍ବର୍ଦ୍ଧିତ କରି ପୁରସ୍କାର ସ୍ୱରୂପ ପ୍ରତି ସ୍ୱର୍ଣ୍ଣ ପଦକ କୁ ଏକ ହଜାର, ରୋପ୍ୟ ପଦକ କୁ ପାଞ୍ଚଶହ ଟଙ୍କା ପ୍ରଦାନ କରି ସମସ୍ତ ପଦକ ବିଜେତା ଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ, ଜିଲ୍ଲା ଶିକ୍ଷା ବିଭାଗ ର ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

## ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି



**ବୁଗୁଡ଼ା,୨୭।୯(ସଂଚାର ବ୍ୟୁରୋ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି କରଡାବାଡି ସେବା ସମବାୟ ସମିତି ଆଗରେ ସାର ପାଇଁ ରାତି ୨ଟାରୁ ଚାଷୀଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଚାଷ ଜମିରେ ରୁଆ ସରିବା ପରେ ସାରର ଆବଶ୍ୟକତା ଥିବା ବେଳେ ଚାଷୀଙ୍କୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସେବା ସମବାୟ ସମିତିରୁ ସାରା ନ ମିଳିବାରୁ ବିଭିନ୍ନ ପ୍ରତିବାଦ ହୋଇ ଖବରକାଗଜରେ ପ୍ରକାଶିତ ହୋଇଥିଲା। ସେହିପରି ସାର ପାଇଁ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବୁଗୁଡ଼ା ବ୍ଲକ ଓ ତହସିଲଦାର ଜରିଆରେ ମୁଖ୍ୟମନ୍ତ୍ରୀ ଉଦେଶ୍ୟରେ ଏକ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯାହାକୁ ନେଇ ରାତି ୨ଟାରୁ ବି କରଡାବାଡି ସେବା ସମବାୟ ସମିତି ଆଗରେ, ସମିତି ଅଧୀନରେ ଥିବା ବିଭିନ୍ନ ଗ୍ରାମର ୫୦୦ରୁ ଉଦ୍ଧର୍ବ ଚାଷୀ ବର୍ଷାରେ ଭିଜି ଭିଜି ସାର ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ସାର ନେଉଥିବା ଦେଖିବାକୁ ମିଳିଛି।

# ଭଙ୍ଗା କୁଡ଼ିଆରେ କଟୁଛି ଜୀବନ

**କନ୍ଧମାଳ,୨୭।୯(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗବରନଳା ଗ୍ରାମର ଗରିବ ବିକାଶର ନଗ୍ନଚିତ୍ର ଗରିବଙ୍କ ପାଇଁ ସରକାରୀ ଯୋଜନା ନାମକୁ ମାତ୍ର ଗରିବ କେବଳ ସରକାରୀଙ୍କ ପାଇଁ ଭୋଟ ବ୍ୟାଙ୍କ୍ ପ୍ରକୃତ ଗରିବର ଭରସା ପଲଟିଛି ଜରିପାଲ ଟଣା ଭଙ୍ଗା କୁଡ଼ିଆ ନା ଅଛି ଭଲ ଘର ନା ଅଛି ଶାନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଞ୍ଚାୟତ ପାହିରାଜୁ ଗବରନଳା ଗ୍ରାମ ଡିଗେରିସୁଗା ସାହିର ଏହି ଭଙ୍ଗା ଘରେ ତିନି ଜଣ ସଦସ୍ୟ ବର୍ଷା ଖରା ଭଙ୍ଗା କୁଡ଼ିଆରେ ବାସ କରି ଆସୁଥିଲେ ମଧ୍ୟ ଭଲ ଘର ଖଣ୍ଡିଏ ତିଆରି କରିବା ପାଇଁ ପରିବାର ପକ୍ଷରୁ ସମ୍ଭବ ନୁହେଁ ବୋଲି ରିପୁ କହଁର ଓ ପାଲେଶ୍ୱର କହଁର କହିଛନ୍ତି ଦିନ ମଜୁରି ଯାଇ ଯାହାବି ମିଳୁଛି ସେତିକିରେ ପରିବାର ଚଳିବା ବହୁତ କଷ୍ଟକର କେନ୍ଦ୍ର ଓ ରାଜ୍ୟ ସରକାର ମାଳ ମାଳ ଯୋଜନା ପ୍ରସ୍ତୁତ



କରି ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଥିବା ବେଳେ ସଠିକ୍ ଗରିବ ହିତାଧିକାରୀଙ୍କୁ ମିଳି ପାରିନାହିଁ ଆବାସ ଘର ଖଣ୍ଡିଏ ଫଳରେ ଆବାସ ଯୋଜନା ଘର ଖଣ୍ଡିଏ ପାଇଁ ଗୁହାରୀ ପରେ ଗୁହାରୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇଁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି କହିଛନ୍ତି ସରକାର ଗରିବ ହିତାଧିକାରୀ ଙ୍କ ପାଇଁ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଥିବା ବେଳେ ସଠିକ୍ ହିତାଧିକାରୀ ଙ୍କ ପାଖକୁ ପହଞ୍ଚିବା ଆଗରୁ ବାଟବଣା ହୋଇ ଯାଉଥିବା ଆପଣ ଘର ଦେଖି ବୁଝି ପାରୁଥିବେ ତେଣୁ ପ୍ରଶାସନ ଏଥିପ୍ରତି ସଠିକ୍ ଦୃଷ୍ଟି ଆକର୍ଷଣ କରିବା ସହ କିଭଳି ତୁରନ୍ତ ଘର ଖଣ୍ଡିଏ ମିଳି ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ରିପୁ କହଁର ଓ ପାଲେଶ୍ୱର କହଁର କହିଛନ୍ତି ଏହି ବିଷୟରେ ନାଇବ ସରପଞ୍ଚ ଏବଂ ୱାର୍ଡ ମେମ୍ବର ଙ୍କୁ ପଚାରିବାରୁ କହିଛନ୍ତି କିଭଳି ଘର ଖଣ୍ଡିଏ ପାଇ ପାରିବେ ସେଥି ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

# ଡାହିବାଡି ଆଦର୍ଶ ହାଟକୁ ନାହିଁ ଭଲ ରାସ୍ତା

**ବୈଶିଙ୍ଗା,୨୭।୯(ସଂଚାର ବ୍ୟୁରୋ):** ଶହେ ବର୍ଷରୁ ଉର୍ଦ୍ଧ୍ୱ ବୈଶିଙ୍ଗା ପଞ୍ଚାୟତର ଡାହିବାଡି ସାପ୍ତାହିକ ହାଟ ଏକ ପ୍ରସିଦ୍ଧ ହାଟ ଭାବେ ପରିଚିତ। ସପ୍ତାହର ବୁଧବାର ଓ ଶନିବାର ହାଟକୁ ପଡୋଶୀ ବାଲେଶ୍ୱର, ଜଳେଶ୍ୱର, ବାରିପଦା ଆଦି ଅଞ୍ଚଳ ରୁ ବ୍ୟବସାୟୀ ମାନେ ଏହି ହାଟରେ ବ୍ୟବସାୟ କରିଥାନ୍ତି। ୧୮ନଂ ଜାତୀୟ ରାଜପଥ ଏବଂ ବୈଶିଙ୍ଗା -ରୁସ୍ପା ରାସ୍ତା ପାର୍ଶ୍ୱରେ ଏହି ହାଟ ଅବସ୍ଥିତ ଥିବାରୁ ଯୋଗାଯୋଗ ସୁବିଧା ପାଇଁ ହାଟ ଉପରେ ହଜାର ହଜାର ଗ୍ରାହକ ଙ୍କ ଭିଡ ଜମିଥାଏ। ମାତ୍ର ହାଟ ଭିତରକୁ ଯିବା ପାଇଁ ମୂଖ୍ୟ ରାସ୍ତାରୁ ହାଟ ଭିତରକୁ ସଂଯୋଗ କରୁଥିବା ରାସ୍ତା ର ଅବସ୍ଥା କହିଲେ ନ ସରେ। ଗ୍ରାହକ ମାନେ ବାଧ୍ୟ ହୋଇ ମୂଖ୍ୟ ରାସ୍ତା ଉପରେ ବାଇକ, ସାଇକେଲ ରଖି ଚାଲି ଚାଲି ହାଟ ଭିତରକୁ ଆଣ୍ଠୁଏ କାଦରେ ଯାଇଥାନ୍ତି। ଚାଷୀ ମାନେ ମୁଣ୍ଡରେ ମୁଣ୍ଡାଇ ପରିବା ବୋଝ ନେଇ ବିକ୍ରୀ କରିବା ପାଇଁ ହାଟ ଭିତରକୁ ଯାଇଥାନ୍ତି।ଏହି ଅସୁବିଧା ପାଇଁ ପ୍ରଶାସନ



ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନରେ ଏହି ଡାହିବାଡି ଥିଲେ ମଧ୍ୟ ଆର.ଏମ.ସି ର ଭାଗିଦାରୀ ପାଇଁ। ମାହାସୁଲ ଆଦାୟ ରେ ଭାଗ ହୋଇ ଯାଉଛି। ଫଳରେ ପଞ୍ଚାୟତ କିମ୍ବା ଆର.ଏମ.ସି. କେହି ହାଟର ଉନ୍ନତି କଥା ଚିନ୍ତା କରୁନାହାନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏହି ହାଟକୁ ଆଦର୍ଶ ହାଟରେ ପରିଣତ କରିବା ପାଇଁ ମନରେଗା ଯୋଜନା ରେ ୪୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରି କେବଳ ୫ଟି ପିଣ୍ଡି ନିର୍ମାଣ କରିବାକୁ ଯୋଜନା କରୁଥିଲେ ମଧ୍ୟ ହାଟକୁ ଯିବା ପାଇଁ ମୂଖ୍ୟ ରାସ୍ତା କେତେ ଦୟନୀୟ ତା ପ୍ରତି ବିଭାଗ ର କୌଣସି ନିଘା ନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ର ଜିଲ୍ଲାଧିକାରୀଙ୍କୁ ଦେଖା କରିବାରୁ ଯାଇ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଏବଂ ସ୍ୱରୂପ ପଟ୍ଟନାୟକ ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିବା ପରେ ସେ ଖୁବ ଶୀଘ୍ର ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ।ଏ ଭିତରେ ତିନି ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ କିମ୍ବା ୪୫ ଲକ୍ଷ ଟଙ୍କାର ପିଣ୍ଡି ମଧ୍ୟ ନିର୍ମାଣ ହୋଇ ପାରୁ ନାହିଁ। ଫଳରେ ହାଟକୁ ଆସୁଥିବା ବ୍ୟବସାୟୀ ସହିତ ଗ୍ରାହକ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ଆଗକୁ ବିଧାୟକ ଘୋଷଣା କରିଥିବା ଆଦର୍ଶ ହାଟକୁ ଆଦର୍ଶ ରାସ୍ତା କେବେ ନିର୍ମାଣ ହେବ ଦେଖିବାକୁ ବାକି ରହିଲା।

# ଚାକିରି ଦେବାକୁ କହି ଦେଢ଼ ଲକ୍ଷ ଠକେଇ, ଯୁବକ ଗିରଫ

**କଳିଙ୍ଗନଗର,୨୭।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଟାଟା କମ୍ପାନୀ ରେ ଚାକିରୀ କରାଇଦେବା ପାଇଁ କହି ବିପୁଳ ଟଙ୍କା ଠକି ନେଇ ଠକ ଯୁବକ ଗିରଫ ହେବା ଘଟଣା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଜିର ଶିକ୍ଷିତ ଯୁବକ ମାନେ କିପରି ଏପରି ଠକଙ୍କ ମିଛ ଜାଲରେ ଫସି ଯାଉଛନ୍ତି ତାହା ପିତାମାତା ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଖବର ମତେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର



ଦ୍ୱିତିକୃଷ୍ଣ ଜେନା ଙ୍କ ଲିଖିତ ଅଭିଯୋଗ କରିଥିଲେ ଯେ,କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମପୁର ଗାଁର ବୈକୁଣ୍ଠନାଥ ସ୍ୱାଇଁ ଙ୍କ ପୁଅ ଶାନ୍ତନୁ କୁମାର ସ୍ୱାଇଁ ଟାଟା କମ୍ପାନୀ ରେ ଚାକିରୀ କରାଇ ଦେବା ପାଇଁ ଅଭିଯୋଗକାରୀ ଯୁବକ ଦ୍ୱିତିକୃଷ୍ଣ ଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଠକି ନେଇଥିଲା। ଚାକରି ଆଜି ହେବ କାଲି ହେବ କହି ଦିନ ଗଡ଼ାଇ ଠକି ଚାଲିଥିଲା। ବାରମ୍ବାର ମିଛ ପ୍ରତିଶୃତି ପାଇ ପାଇ ଶେଷରେ ନିରାଶ ହୋଇ ଦ୍ୱିତିକୃଷ୍ଣ ଥାନାରେ ଅଭିଯୋଗ କରିଥିଲେ, ପୋଲିସ କେନ୍ଦ୍ରାପଡ଼ା ସଦର ଥାନା ସହଯୋଗ ରେ ଠକ ଯୁବକ ଶାନ୍ତନୁ କୁ

## ବାରିପଦା କଳାକାର ସଂଘ ତରଫରୁ ଓଡିଶା ନାଟ୍ୟ ସଂଘ ଦିବସ ପାଳିତ

**ବାରିପଦା,୨୭।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ସଙ୍ଘ ତରଫରୁ ୩୮ତମ ଓଡିଶା ନାଟ୍ୟ ସଙ୍ଘ ଦିବସ ପାଳିତ ହୋଇଯାଇଛି । ଓଡିଶା ନାଟ୍ୟ ସଙ୍ଘର ଉତ୍ତର ଓଡିଶା ଜୋନର ଉପସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଓ୍ୱମ୍‌ଂ ନାଟ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା ଅତିଥି ଭାବେ ଯୋଗ ଦେଇ ମଞ୍ଚ ନାଟକ ପ୍ରତି ନାଟ୍ୟ ସଙ୍ଘର ଭୂମିକାକୁ ବେଶ ପ୍ରଶଂସା କରିଥିଲେ । ଶ୍ରୀ ବେହେରା ଓଡିଶା ନାଟ୍ୟ ସଙ୍ଘ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରରେ ସୂଚନା ଦେଇଥିଲେ । ନୁପୁର ନାଟ୍ୟ ସଂସ୍ଥାର ମୁଖ୍ୟ ତଥା ବରିଷ୍ଠ ନିର୍ଦ୍ଦେଶକ ଓ ନାଟ୍ୟକାର ଡ଼ କୁମରମଣି ନାୟକ ନାଟକ ପ୍ରତି ନିଷ୍ଠାବାନ ହେବା ପାଇଁ ଯୁବ କଳାକାରଙ୍କୁ ଆହ୍ୱାନ ଦେଇଥିଲେ। ବାରିପଦା କଳାକାର ପରିବାର ଖୁବ ଶୀଘ୍ର ଓଡିଶା ନାଟ୍ୟ ସଂଘର ସଦସ୍ୟତା ପାଇବାକୁ ଯାଉଛି ବୋଲି ଶ୍ରୀ ବଶା ପ୍ରକାଶ କରିଥିଲେ । ସଂଯୋଜକ ବ୍ରିଜେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାରିପଦା କଳାକାର ପରିବାର ଏକ ସାଧାରଣ ପରିଷଦ ବୈଠକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଓ ଉପସଭାପତି ଅନଦା ଶଙ୍କର ଦାଶ ଓ ପ୍ରକାଶ ଚନ୍ଦ୍ର ଦାଶ ତଥା ପୂର୍ବତନ ସଭାପତି ଧୀର ବଶା ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିନ୍ମୟ ଦାସ ପଟ୍ଟନାୟକ ଓ କ୍ଷୀରୋଦ ବିହାରୀ ସିଟ ନିଜର ମତ ଉପସ୍ଥାପନ କରିଥିଲେ ।

SANCHAR
ସଂଚାର ରବିବାର ୨୮ ସେପ୍ଟେମ୍ବର ୨୦୨୫




# ସ୍ୱାସ୍ଥ୍ୟ

# ଫଳ ଖାଇଲେ ଶରୀର ସୁସ୍ଥ ରୁହେ



ଆଜିକାଲି ଦୁନିଆରେ ସମସ୍ତେ ବ୍ୟସ୍ତ। ଆଉ ଏହି ବ୍ୟସ୍ତ ବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ସବୁଠାରୁ ବଡ଼ ଚାଲେଞ୍ଜ। କାରଣ ଏବେ ଘରେ ଘରେ ରୋଗ, ଘରେ ଘରେ ରୋଗୀ। ଏମିତି ଗୋଟେ ବି ପରିବାର ନାହିଁ ଯାହା ଘରେ ରୋଗୀ ନଥିବେ। ତେଣୁ ଏସବୁ ପରିସ୍ଥିତିର ମୁକାବିଲା ପାଇଁ, ନିଜକୁ ସୁସ୍ଥ ରଖିବା ପାଇଁ କଣ ଖାଇବା ଦରକାର.. କେମିତି ନିଜ ଦେହର ଯତ୍ନ ନେବା ଦରକାର ବୋଲି ପ୍ରଶ୍ନ ଆସେ। ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ। ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ ,ଛିଙ୍କ ଭଳି ସମସ୍ୟା ଲାଗିରହିଥିବ। ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ। ଯଦି ଆପଣଙ୍କ ମଧରେ ମଧ ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ।

ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ। ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ। ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ। ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ ନିହାତି ଜରୁରୀ। ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ। ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ। କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ। ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ ନିୟନ୍ତ୍ରଣରେ ରଖେ।

# କିଡନୀ ଷ୍ଟୋନ ସମସ୍ୟା ଦୂରକରେ ମେହେନ୍ଦୀ ପତ୍ର

ସାଧାରଣତଃ ଝିଅମାନେ ନିଜ କେଶକୁ ସୁନ୍ଦର, ମଜଭୁତ ଓ ଚମକଦାର କରିବା ପାଇଁ ଏଥିରେ ମେହେନ୍ଦୀ ଲଗାଇଥାଆନ୍ତି। ହେଲେ ଆପଣ ଜାଣନ୍ତି କି, ମେହେନ୍ଦୀ ପତ୍ର ଅନେକ ଔଷଧୀୟ ଗୁଣର ସମାହାର। ଏହି ପତ୍ରରେ ଟ୍ୟାନିନ୍, ବାସୋନ୍ ମ୍ୟାଲିକ ଏସିଡ, ଗ୍ଲୁକୋଜ, ମ୍ୟାଲିଟୋଲ ପରି ତତ୍ତ୍ୱ ରହିଛି। ତେବେ ଆସନ୍ତୁ ଜାଣିବା ମେହେନ୍ଦୀ ପତ୍ରରୁ ଆମକୁ କ'ଣ ଫାଇଦା ମିଳିଥାଏ। ଆଜିକାଲି ମୁଣ୍ଡରେ ରୂପି ହେବା ଏକ ସାଧାରଣ କଥା ହୋଇଗଲାଣି। ପ୍ରାୟ ଲୋକଙ୍କ ପାଖରେ ଏହି ସମସ୍ୟା ଦେଖାଯାଏ। ଏହାର ନିରାକରଣ ପାଇଁ ବଜାରରେ ଭିନ୍ନ ଭିନ୍ନ ପ୍ରକାରର ପ୍ରଡକ୍ଟ ମଧ ମିଳୁଛି। ତେବେ ଦାମୀ ଦାମୀ ପ୍ରଡକ୍ଟ ପଛରେ ଟଙ୍କା ନଷ୍ଟ ନକରି ଆପଣ ମେହେନ୍ଦୀ ପତ୍ର ବ୍ୟବହାର କରି ଏହି ସମସ୍ୟାର ସମାଧାନ କରିପାରିବେ। ମେହେନ୍ଦୀ ପତ୍ରକୁ ବାଟି କିମ୍ବା ଗୁଣ୍ଡ କରି ଏଥିରେ ଲେମ୍ବୁ ଓ ଦହି ମିଶାଇ ଚୁଟିରେ ଲଗାନ୍ତୁ। ଏହି ଦୁଇଟି ଯାକ ଜିନିଷରେ ଏସିଡ ରହିଥାଏ, ଯାହା ରୂପି ସହ ମୁଣ୍ଡ କୁଣ୍ଡେଇ ହେବା ସମସ୍ୟା ମଧ ଦୂର କରିଥାଏ। ସପ୍ତାହରେ ଥରେ ମେହେନ୍ଦୀ ଲଗାନ୍ତୁ, ଦେଖିବେ ଭଲ ଫଳ ମିଳିବ।

ସେହିପରି ଆଜିକାଲି ପ୍ରାୟ ସମସ୍ତଙ୍କ ଠାରେ ତ୍ୱଚା ଜନିତ ସମସ୍ୟା ଦେଖା ଦେଉଛି। ବାହାରର ଟାଣ ଖରା ଓ ପ୍ରଦୂଷଣ ଯୋଗୁଁ ତ୍ୱଚାରେ ପ୍ରାୟ ଇନଫେକନ ହୋଇଥାଏ। ବିଶେଷ କରି ଟିନଏଜର ପିଲାମାନଙ୍କ ଠାରେ ଏହି ସମସ୍ୟା ଦେଖା ଦେଖାଦେଇଥାଏ। ତେବେ ମେହେନ୍ଦୀ ଏହି ସମସ୍ୟା ଦୂର କରିବାରେ ଆପଣଙ୍କ ସହାୟତା କରିବ। ଏଥିରେ ଅଧିକ ମାତ୍ରାରେ ଟ୍ୟାନିନ୍ ଓ ହେନୋଟ୍ୟାନିକ୍ ଏସିଡ ଥିବାରୁ ଏହା ତ୍ୱଚାରେ ମୃତ କୋଷିକାକୁ ଦୂର କରିଥାଏ। ଏଥିପାଇଁ ଆପଣଙ୍କୁ ମେହେନ୍ଦୀ ଗଛର ଛାଲକୁ ପାଣିରେ ଫୁଟାଇ କାଢ଼ା ବନେଇ ପିଇବାକୁ ହେବ। ଏହି କାଢ଼ା ପିଉଥିଲେ ମୁହଁରେ ସାବୁନର ବ୍ୟବହାର ଆଦୌ କରିବେ ନାହିଁ।

ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ ପ୍ରାୟ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରୁ ନାହାନ୍ତି। ତେଣୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଉଛି। ସେଥିମଧ୍ୟରୁ କିଡନୀ ଷ୍ଟୋନ ଅନ୍ୟତମ। ତେବେ ମେହେନ୍ଦୀ ଦ୍ୱାରା ଏହାକୁ ଭଲ କରିହେବ। ଏଥିପାଇଁ ଆପଣଙ୍କୁ ଅଧାଲିଟର ପାଣିରେ ୫୦ ଗ୍ରାମ ମେହେନ୍ଦୀ ପତ୍ରକୁ ପେଶି ଏହାକୁ ଭଲ ଭାବେ ଫୁଟାଇ ପିଅନ୍ତୁ। ମେହେନ୍ଦୀ ସାଧାରଣତଃ ଥଣ୍ଡା ହୋଇଥାଏ। ତେଣୁ ଏହାକୁ ରାତିରେ କିମ୍ବା ଶରୀରରେ ଯଦି ଇଶନଫୁଲିଆ କିମ୍ବା ଥାଇରଏଡ ଥାଏ, ତେବେ ଏହାକୁ ବ୍ୟବହାର କରିବାକୁ ମନା କରିଯାଏ। ଯଦି ଆପଣଙ୍କୁ କେଉଁଠି ମାଡ ହୋଇ ବଥା ବା ଯନ୍ତ୍ରଣା ହେଉଛି, ବରଫ ବଦଳରେ ସେହି ସ୍ଥାନରେ ମେହେନ୍ଦୀ ପତ୍ରକୁ ବାଟି ଲଗାନ୍ତୁ।



# ଋତୁସ୍ରାବ ଯନ୍ତ୍ରଣା କମ୍ କରେ ଅଦା ପାଣି



ଅଦାରେ ଅନେକ ଔଷଧୀୟ ଗୁଣ ରହିଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଦାକୁ ଅନେକ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ଜିଞ୍ଜେରୋଲ, ଫାଇବର, କ୍ୟାଲସିୟମ, ପୋଟାସିୟମ ଓ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯେଉଁଥିରୁ ଅନେକ ସ୍ୱାସ୍ଥ୍ୟ ଜନିତ ଉପକାର ମିଳେ। ତା'ହେଲେ ଆସନ୍ତୁ ଜାଣିବା ଅଦା ଖାଇଲେ କେଉଁ ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ।

- ❑ ଅଦା ରସ ମିଶା ପାଣି ପିଇଲେ ପାଚନ କ୍ରିୟା ଠିକ୍ ହୋଇଥାଏ। ତା'ସହିତ ଗ୍ୟାସ ଜନିତ ଜଳାପୋଡା ମଧ ଦୂର ହୋଇଥାଏ।
- ❑ ଅଦାରେ ଥିବା ଜିଙ୍କ ତତ୍ତ୍ୱ ଯୋଗୁଁ ଶରୀରରେ ଇନସୁଲିନ୍ ବୃଦ୍ଧି ପାଇଥାଏ। ଫଳରେ ଡାଇବେଟିସ ରୋଗୀଙ୍କ ବ୍ଲଡ ସୁଗାର ସ୍ତର ନିୟନ୍ତ୍ରିତ ହୁଏ।
- ❑ ଅଦା ଖାଇଲେ ଶରରୀରୁ ଅତିରିକ୍ତ ଫ୍ୟାଟ ବାହାରିଯାଏ। ତେଣୁ ଓଜନ କମ୍ ହୋଇଥାଏ। ଅଦାରେ ଜିରୋ କ୍ୟାଲୋରୀ ରହିଛି।
- ❑ ଗବେଷଣାରୁ ଜଣାପଡ଼ିଛି ଯେ ମାସିକ ଋତୁସ୍ରାବ ସମୟରେ ମହିଳାମାନେ ହାଲକା ଅଦା ରସ ମମିଶା ଉଷୁମ ପାଣି ପିଇଲେ ଭଲ। ଏହାଦ୍ୱାରା ପେଟ ଯନ୍ତ୍ରଣା କମ୍ ହୋଇଥାଏ। ଅଦାରେ ଥିବା ଆଣ୍ଟି-ଇନଫ୍ଲୋମେଣ୍ଟାରୀ ଗୁଣ ଆରାମମ ପ୍ରଦାନ କରିଥାଏ।
- ❑ ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହେଲେ ଅଦା ରସ ମିଶା ପାଣି ପିଅନ୍ତୁ। ଏହା ମାଂସପେଶୀକୁ ଆରାମମ ଦେଇଥାଏ।
- ❑ ସକାଳଲୁ ଉଠିବା ପରେ ଦୁର୍ବଳ ଲାଗୁଥିଲେ ଅଦା ରସ ମିଶା ପାଣି ପିଇବା ଅଭ୍ୟାସ କରନ୍ତୁ। ଏପରିକି ଆପଣ ବାନ୍ତି ଲାଗିବା ସମୟରେ ମଧ ଅଦା ପାଣି ପିଇପାରିବେ।

କଞ୍ଚାଲଙ୍କା ବିନା ଖାଇବା ଅଧୁରା ରହିଥାଏ। ଘରେ ଯେତେ ପ୍ରକାର ବ୍ୟନ ରୋଷେଇ ହୋଇଥିଲେ ମଧ କଞ୍ଚାଲଙ୍କା ବିନା ଖାଇବାର ସ୍ୱାଦ ନଥାଏ। ଅଧିକାଂଶ ଘରେ ଶୁଖିଲା ଲଙ୍କା ପେଟ ପରିବର୍ତ୍ତେ କଞ୍ଚାଲଙ୍କାକୁ ବାଟି ତରକାରୀ କରିବାକୁ ପସନ୍ଦ କରିଥାନ୍ତି। ଏହାର କାରଣ ଶୁଖିଲା ଲଙ୍କା ପେଟ ପାଇଁ ଖରାପ। କିନ୍ତୁ କଞ୍ଚା ଲଙ୍କାରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏଥିରେ ଭିଟାମିନ୍ ଏ, ବି, ୬, ଆଇରନ୍, ପୋଟାସିୟମ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ହୃଦଘାତ ଓ ପେଟଜନିତ ସମସ୍ୟାକୁ ଦୂର କରିଥାଏ। ତେବେ ଏଥିପାଇଁ ଏହାକୁ ସେମିତି କଞ୍ଚା ଖାଇଲେ ଭଲ। ତା'ହେଲେ ଆସନ୍ତୁ ଜାଣିବା କଞ୍ଚାଲଙ୍କା ଖାଇଲେ କେଉଁସବୁ ସ୍ୱାସ୍ଥ୍ୟ ଲାଭ ମିଳିଥାଏ।

# କ୍ୟାନସରରୁ ରକ୍ଷା କରିଥାଏ କଞ୍ଚାଲଙ୍କା

- କଞ୍ଚାଳଙ୍କାରେ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି। ତେଣୁ ପ୍ରତିଦିନ କଞ୍ଚାଲଙ୍କା ଖାଇଲେ ପ୍ରୋଷ୍ଟେଟ ବା ମୂତ୍ରାଶୟ ଜନିତ ସମସ୍ୟା ହୋଇନଥାଏ।
- ଏଥିରେ ଥିବା ଭିଟାମିନ ସି ଓ ବିଟା- କେରାଟିନ୍ ତତ୍ତ୍ୱ ଆଖି, ତ୍ୱଚା ଓ ଇମ୍ୟୁନୋ ସିଷ୍ଟମକୁ ଠିକ୍ ରଖିଥାଏ।
- କଞ୍ଚାଲଙ୍କା ରକ୍ତରେ ସୁଗାରର ସ୍ତରକୁ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ଡାଇବେଟିସ ରୋଗୀ ପ୍ରତ୍ୟେକ ଦିନ କଞ୍ଚାଲଙ୍କା ଖାଇଲେ ଭଲ।
- ଆହୁରି ମଧ କଞ୍ଚାଲଙ୍କାରେ ଫାଇବରର ମାତ୍ରା ଅଧିକ ରହିଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।
- ଯଦି ଆପଣ ସବୁଦିନ କଞ୍ଚାଲଙ୍କା ଖାଉଛନ୍ତି, ତେବେ ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ଓ ଆଣ୍ଟି-ଅକ୍ସିଡାଣ୍ଟ ମୁହଁ, ଗଳା, ଫୁସଫୁସ ଓ କୋଲୋନ୍ କ୍ୟାନସରରୁ ରକ୍ଷା କରିଥାଏ।
- ରାତିରେ ଶୋଇବା ପୂର୍ବରୁ ୩ରୁ୪ ଟି କଞ୍ଚାଲଙ୍କାକୁ ଧୋଇ ମଝିରୁ କାଟି ଦିଅନ୍ତୁ। ଗୋଟିଏ ଗ୍ଲାସ ପାଣିରେ ଏହି କଟା କଞ୍ଚାଲଙ୍କା ଗୁଡିକୁ ପକାଇ ରଖନ୍ତୁ। ସକାଳେ ଉଠି ଖାଲି ପେଟରେ କେବଳ ଉକ୍ତ ପାଣି ପିଅନ୍ତୁ। ଏପରି କରିବା ଦ୍ୱାରା ପେଟଜନିତ ସମସ୍ୟା ଦୂର ହେବ।



# ଆତ ଖାଇଲେ ଦୂର ହୁଏ ଶ୍ୱାସ ରୋଗ



ଆତ ଖାଇବାକୁ ଭାରି ସ୍ୱାଦିଷ୍ଟ ଲାଗିଥାଏ। ଏଥିରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ସହିତ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ମଧ ରହିଛି। ଏହାକୁ ଖାଇଲେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଏପରିକି ଆୟୁର୍ବେଦରେ ଆତ ପତ୍ରକୁ ମଧ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ତା'ହେଲେ ଆସନ୍ତୁ ଜାଣିବା, ଆତ ଖାଇଲେ କେଉଁ ସବୁ ରୋଗୀଙ୍କ ପାଇଁ ଭଲ।

- ✪ ଆତରେ ଭିଟାମିନ 'ବି୬' ରହିଛି। ଏହାକୁ ଖାଇଲେ ଶ୍ୱାସ ରୋଗ ଭଲ ହୋଇଥାଏ।
- ✪ ଏଥିରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍ ହୃଦଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିଥାଏ। ଏଥିପାଇଁ ହୃଦରୋଗୀଙ୍କୁ ନିୟମିତ ଆତ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି।
- ✪ ଆତରେ ଭିଟାମିନ ଏ, ଭିଟାମିନ ସି ଓ ରିବୋଫ୍ଲାବିନ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।
- ✪ ଏଥିରେ ଥିବା କପର୍ ଓ ଆଇରନ୍ ଗର୍ଭବତୀଙ୍କ ପାଇଁ ବେଶ ଭଲ। ଗର୍ଭାବସ୍ଥାରେ ଆତ ଖାଇଲେ ଗର୍ଭଜନିତ କଷ୍ଟ ଅନେକାଂଶରେ ଦୂର ହୋଇଥାଏ।
- ✪ ଆତରେ ଥିବା ଫାଇବର କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ ଏବଂ ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ।
- ✪ ଏଥିରେ ଆଇରନ ଓ କପର ଥିବା ଯୋଗୁଁ ଏହା ରକ୍ତହୀନତା ସମସ୍ୟାକୁ ଦୂର କରିଥାଏ।
- ✪ ଆତ ଖାଇଲେ ବ୍ଲଡ ପ୍ରେସର କମ୍ ହୋଇଥାଏ।

# ସୋରିଷ ତେଲ ରୋଷେଇ ପାଇଁ ଭଲ

ରୋଷେଇ ଘରେ ଖାଇବା ତେଲ ବା କୁକିଙ୍ଗ୍ ଅଏଲ୍ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଡାଲି ହେଉ କିମ୍ବା ତାରକାରୀ ସବୁଥି ପାଇଁ ତେଲ ଜରୁରୀ। ନହେଲେ ଖାଦ୍ୟ ପ୍ରସ୍ତୁତି ହୋଇପାରିବ ନାହିଁ। ତେବେ କେଉଁ ତେଲ ଶରୀର ପାଇଁ ଭଲ ?ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରୋଷେଇ ପାଇଁ ଅଲିଭ ଓ ଆବାକଡୁ ତେଲ ସବୁଠୁ ଭଲ। କିନ୍ତୁ ଅଧିକାଂଶ ଲୋକେ ରିଫାଇଣ୍ଡ ଅଏଲ୍ ବ୍ୟବହାର କରିଥାନ୍ତି। ରିଫାଇଣ୍ଡ ଅଏଲ୍ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ତେଲକୁ ଉଚ୍ଚ ତାପମାତ୍ରାରେ ତିଆରି କରାଯାଏ। ତେଣୁ ଏଥିରେ ନ୍ୟୁଟ୍ରିସନ୍ସ କମ୍ ରହିଥାଏ। ତେଣୁ ରିଫାଇଣ୍ଡ ତେଲରେ ଟ୍ରାନ୍ସ ଫ୍ୟାଟ ଅଧିକ ରହିଛି, ଯାହା ଶରୀରକୁ କ୍ଷତି ପହଞ୍ଚାଇଥାଏ। ଯଦି ପାରୁଛନ୍ତି ରୋଷେଇରେ ସୋରିଷ ତେଲ ବ୍ୟବହାର କରନ୍ତୁ। ଏଥିରେ ଆଣ୍ଟି- ବ୍ୟାକ୍ଟେରିଆ ଗୁଣ ରହିଛି, ଯାହା ରୋଗ ପ୍ରତିରେରାଧକ ଶକ୍ତି ବଢ଼ାଇଥାଏ। ସୋରିଷ ତେଲକୁ ଆପଣ ତରକାରୀ, ଡାଲି ଓ ଭଜା କରିବା ପାଇଁ ବ୍ୟବହାର କରିପାରିବେ। ସେହିପରି ପାରମ୍ପାରିକ ଶୈଳୀରେ ପ୍ରସ୍ତୁତ ହେଉଥିବା ବା ପେଡ଼ା ହେଉଥିବା ଯେକୌଣସି ଖାଇବା ତେଲ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ। ତେବେ ଯେକୌଣସି ଖାଇବା ତେଲକୁ କମ୍ ବ୍ୟବହାର କଲେ ଭଲ। ମାତ୍ରାଧିକ ମସଲା ଭଳି ମାତ୍ରାଧିକ ତେଲ ବି ଶରୀର ପାଇଁ ଭଲ ନୁହେଁ।



# ଭୁଶୁଡ଼ିଲା ରେତ ଡ୍ୟାମ ମୁଖ୍ୟ କେନାଲ

## ଚାଷ ଜମି ଜଳମଗ୍ନ



**ଭବାନିପାଟଣା,୨୭।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଦେପୁର ନିକଟର ରେତ ଡ୍ୟାମ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି। ଦୁଇ ଦିନ ଧରି ଲଗାଣ ବର୍ଷା ଲାଗିରହିଛି ।

ଯାହାଫଳରେ କଳାହାଣ୍ଡି ଜିଲ୍ଲା ରେତ ଡ୍ୟାମର ଦେପୁର ନିକଟ ରେ ମୁଖ୍ୟ କେନାଲ ଭାଙ୍ଗି ୬୦ ହେକ୍ଟର ରୁ ଉର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହେବା ସହ କ୍ଷତିଗ୍ରସ୍ତ ହୋଇଛି। ସକାଳୁ କେନାଲ ଭାଙ୍ଗିଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଚାଷୀ ମାନେ ଜଣେଇଥିଲା ପରେ ରେତ କର୍ତ୍ତୃପକ୍ଷ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଲଗାଣ ବର୍ଷା ଯୋଗୁଁ କେନାଲ ବନ୍ଧ କରିବାପାଇଁ ଚାଷୀ ମାନେ ଅନୁରୋଧ କରିଥିଲେ, ହେଲେ କେହି କର୍ଣ୍ଣପାତ କରିନଥିଲେ। ପୂର୍ବରୁ ମଧ୍ୟ ନିମ୍ନମାନର କାମ କରିଥିବା ଯୋଗୁଁ କେନାଲ ରେ ୨୦ଫୁଟ ର ବଡ ଘାଇ ସୃଷ୍ଟି ହୋଇଥିଲା । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦାରଖ ଆରମ୍ଭ କରିଥିବାବେଳେ, କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ଦାବି କରିଛନ୍ତି।

# ଗୋଷ୍ଠୀ ଶୌଚାଳୟରେ ତାଲା

## ଲୋକ ବ୍ୟବହାର କରୁଛନ୍ତି ଖୋଲା ପଡ଼ିଆ !

**ଦେବଗଡ଼,୨୭।୯(ସଂଚାର ବ୍ୟୁରୋ):** ୨୦୧୭ରେ ଦେବଗଡ଼ ଜିଲ୍ଲା ଓ ୨୦୧୮ରେ ଦେବଗଡ଼ ପୌରାଞ୍ଚଳକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କଲେ କେନ୍ଦ୍ର ସରକାର। ସରକାର ପାଣି ଭଳିଆ ଟଙ୍କା ଖର୍ଚ୍ଚ କରି ଗୋଷ୍ଠୀ ଶୌଚାଳୟ ନିର୍ମାଣ କଲେ। ହେଲେ ବ୍ୟବହାରର ଦିନ କେଇଟା ପରେ ସେଗୁଡ଼ିକରେ ଝୁଲୁଛି ତାଲା। ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଜନ କଲ୍ୟାଣକାରୀ ଯୋଜନା ବାଟବଣା ହୋଇଥିବା ଆସିଛି ଅଭିଯୋଗ। ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନିର୍ମିତ ଆମ ଗୋଷ୍ଠୀ ଶୌଚାଳୟ। ଲୋକଙ୍କ ସୁବିଧା ପାଇଁ ନିର୍ମିତ ଏହି ଶୌଚାଳୟ ଏବେ ଅଦରକାରୀ । ବଣବୁଦାରେ ଭର୍ତ୍ତି ହୋଇ ଜଙ୍ଗଲ ହୋଇଗଲାଣି। କେଉଁଠି ପାଣି ଟାଙ୍କି ନାହିଁ । ଆଉ କେଉଁଠି ପାଣି ପମ୍ପ ନାହିଁ । ଆଉ କିଛିରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଛି। ଆଜକୁ ୭ ବର୍ଷ ହେଲା ଶୌଚାଳୟ ଗୁଡ଼ିକ ଅକାମି ହୋଇପଡ଼ିଥିବା ବେଳେ ଲୋକେ ଶୌଚ ହେବାକୁ ବିଲ ଓ ଖୋଲା ପଡ଼ିଆକୁ ବ୍ୟବହାର କରୁଥିବା ଅଭିଯୋଗ ଆସିଛି। ୨୦୧୭-୧୮ରେ ସ୍ୱଚ୍ଛ ଭାରତ ମିସନ ଯୋଜନାରେ ୱାର୍ଡ ବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା ଆମ ଗୋଷ୍ଠୀ ଶୌଚାଳୟ। ରାଜ୍ୟ ରାଜକୋଷରୁ ଏଥିପାଇଁ ଖର୍ଚ୍ଚ ହୋଇଛି ୪୦ ଲକ୍ଷ ଟଙ୍କା। ହେଲେ ପୌର ପରିଷଦର ଅବହେଳା କାରଣରୁ ଆଜି ତାହା ଜରାଜୀର୍ଣ୍ଣ । ଅନ୍ୟପଟେ ଗୋଷ୍ଠୀ ଶୌଚାଳୟକୁ ଗୋଦାମ ଗୃହ ଭାବେ



ବ୍ୟବହାର କରାଯାଉଥିବା ନେଇ ଆସିଛି ସଙ୍ଗନ ଅଭିଯୋଗ। ତୁରନ୍ତ ଶୌଚାଳୟର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପୌର ପରିଷଦର ନିର୍ବାହୀ ଅଧିକାରୀ । ତୁରନ୍ତ ଏହି ଗୋଷ୍ଠୀ ଶୌଚାଳୟ ଗୁଡ଼ିକୁ କାର୍ଯ୍ୟକ୍ଷମ କରି ସ୍ୱଚ୍ଛତା ଉପରେ ଧ୍ୟାନ ଦେଲେ ଲୋକ

# କୂଳ ଖାଉଛି ସୁବର୍ଣ୍ଣରେଖା ; ନାହିଁ ପଥରବନ୍ଧ



**ଜଳେଶ୍ୱର,୨୭।୯(ସଂଚାର ବ୍ୟୁରୋ):** କୂଳ ଖାଇ ଗାଁ ମୁହାଁ ହେଉଛି ସୁବର୍ଣ୍ଣରେଖା ନଦୀ । ପଥରବନ୍ଧ ନଥିବାରୁ ବିପଦ ମୁହଁରେ ପଡ଼ିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ପାଇକଶିଦା ପଞ୍ଚାୟତର ଅନେକ ଗାଁ । ଯାହାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି ନଈକୂଳିଆ ବାସିନ୍ଦା ।

ଗତିପଥ ବଦଳାଇ ଗାଁ ଆଡ଼କୁ ମାଡ଼ିଆସୁଛି ସୁବର୍ଣ୍ଣରେଖା ନଦୀ। ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଛନ୍ତି ଜଳେଶ୍ୱର ବ୍ଲକ ପାଇକଶିଦା ପଞ୍ଚାୟତର ଚିଟିମିଶ୍ରା ଗାଁ ସହ ଆଖପାଖ ୫ଖଣ୍ଡ ଗାଁ । ଚିଟିମିଶ୍ରା ଗାଁଟି ନଦୀ କୂଳରେ ରହିଛି । ଏହାର ସୁରକ୍ଷା ପାଇଁ ୨୫ ବର୍ଷ ତଳେ ୩ଟି ସ୍ପର ନିର୍ମାଣ କରାଯାଇଥିଲା । ହେଲେ ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ୬ ଥର ବନ୍ୟା ଆସି ଏଗୁଡ଼ିକ ନଷ୍ଟ ହୋଇଯାଇଛି। ପାଖାପାଖି ୧୦୦ ମିଟର କୂଳ ଖାଇ ଗାଁ ଆଡ଼କୁ ମାଡ଼ିଆସିଛି ସୁବର୍ଣ୍ଣରେଖା। ପୂର୍ବରୁ ଚିଟିମିଶ୍ରା ଗାଁର ୧୫ରୁ ଅଧିକ ଘର ନଦୀ ଗର୍ଭରେ ହଜିଯାଇଛି। ଲୋକେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି। ନଦୀ ଯେଉଁ ଭଳି କୂଳ ଖାଉଛି ଗୋଟିଏ କି ୨ ବର୍ଷ ମଧ୍ୟରେ ଏହା ନଦୀବନ୍ଧ ଭାଙ୍ଗି ଗାଁ ଭିତରକୁ ଚାଲିଆସିବ। ଖାଲି ଏହି ଗୋଟିଏ ଗାଁ ନୁହେଁ, ପାଇକଶିଦା ପଞ୍ଚାୟତର ଅନେକ ଗାଁ କ୍ଷତିଗ୍ରସ୍ତ ହେବ। ତେଣୁ ନଦୀ କୂଳରେ ସ୍ପର ସହ ପଥରବନ୍ଧ ନିର୍ମାଣ ପାଇଁ ହୋଇଛି ଦାବି ।

ବସ୍ତା ବ୍ଲକର ଚୋରା ଠାରୁ ବାଲିଆପାଳ ବ୍ଲକର ଚଢ଼ପାଳପଡ଼ା ପର୍ଯ୍ୟନ୍ତ ପାଖାପାଖି ୩ କିଲୋମିଟର ନଦୀ କୂଳ ଖାଇ ସାରିଲାଣି। ତୁରନ୍ତ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଜରୁରୀ ।


# ୮ ଦଫା ଦାବି ନେଇ ଗାଁ ସାଥୀ ସଂଘର ଚେତାବନୀ

**ଦେବଗଡ,୨୭।୯(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ କାମ କରୁଥିବା ଗାଁସାଥୀ(ମେଟ) ମାନଙ୍କର ବିଭିନ୍ନ ସମସ୍ୟା ସମ୍ବଳିତ ୮ ଦଫା ଦାବିରେ ଓଡିଶା ପ୍ରଦେଶ ଗାଁସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଦେବଗଡ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଓଡିଶା ପ୍ରଦେଶ ଗାଁ ସାଥୀ ସଂଘ ମିଳିତ କ୍ରୀୟାନୁଷ୍ଠାନ କମିଟି, ଦେବଗଡ ଜିଲା ସଂଯୋଜକ ଯୁଗଳ କିଶୋର ନାୟକ, ତିଲେଇବଣି ବ୍ଲକ ସଂଯୋଜକ ଇନ୍ଦ୍ରମଣି ସାହୁ,ରିଆମାଳ ବ୍ଲକ ସଂଯୋଜକ ତିଲେଶ୍ୱର ବେହେରା ବାରକୋଟ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ବହୁ ସଦସ୍ୟ ସଦସ୍ୟା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି । ଗାଁ ସାଥୀମାନଙ୍କର ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ସେମାନଙ୍କୁ ୨୦୦୮ ମସିହାରୁ ଗାଁ ସାଥୀ ପଦବୀରେ ନିଯୁକ୍ତି ଦେଇ ସେମାନଙ୍କ



ନିମନ୍ତେ ବିଭିନ୍ନ ସମୟରେ ସରକାରୀ ଚିଠି କରୁଛନ୍ତି। ମାତ୍ର ଦେବଗଡ ଜିଲାରେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ । ଏହି କ୍ରମରେ ସରକାର ଗାଁ ସାଥୀମାନଙ୍କର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କ ସମ୍ବନ୍ଧୀୟ ନିର୍ଭୁଲ ଡାଟାବେସ ପ୍ରସ୍ତୁତ କରି ପଠାଇବା ନିମନ୍ତେ ତିନୋଟି ଯାକ ବ୍ଲକର ବିଡିଓ ମାନଙ୍କୁ ଚିଠି ଲେଖିଥିଲେ । ମାତ୍ର ଦୁଃଖର ବିଷୟ ଏହା ଯେ, କୌଣସି ବିଡିଓ ବର୍ତ୍ତମାନ ପର୍ଯ୍ୟନ୍ତ ଗାଁ ସାଥୀଙ୍କ ସମ୍ବନ୍ଧୀୟ ଡାଟାବେଶ ସରକାରଙ୍କ ନିକଟକୁ ପଠାଇ ନାହାନ୍ତି । ଅନ୍ୟପକ୍ଷରେ ଜିଲାର ଯେଉଁ ଯେଉଁ ଗ୍ରାମ ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ(ଜିଆରଏସ) ନାହାନ୍ତି ସେହି ଗ୍ରାମ ପଞ୍ଚାୟତରେ ଜିଓ ଟ୍ୟାଗ କରିବା ପାଇଁ ସରକାର ପତ୍ର ମାଧ୍ୟମରେ ଜଣାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ । ଏଣୁ ତୁରନ୍ତ ଜିଓ ଟ୍ୟାଗ କାର୍ଯ୍ୟରେ ଗାଁ ସାଥୀମାନଙ୍କୁ ନିୟୋଜିତ କରିବା, ସିଧା ଶଳଖ ବାବେ ଗାଁ ସାଥୀମାନଙ୍କ ନାମରେ ବିଭିନ୍ନ ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ, ଗାଁ ସାଥୀମାନେ ଯେଭଳି ସମସ୍ତ ଲାଇନ ଡିପାର୍ଟମେଂଟର କାର୍ଯ୍ୟ କରିପାରିବେ।


# ଦବିଲା ତୁର୍କେଲ ବ୍ରିଜ, ଭବାନୀପାଟଣା ଓ ନୂଆପଡ଼ା ମଧ୍ୟରେ ଯାତାୟାତ ଠପ୍



**କଳାହାଣ୍ଡି,୨୭।୯(ସଂଚାର ବ୍ୟୁରୋ):** ତୁର୍କେଲ ବ୍ରିଜରେ ଫାଟ୍। ଦବିଲା ସେତୁ ରାସ୍ତା। ଭବାନୀପାଟଣା ନୂଆପଡ଼ା ମଧ୍ୟରେ ଯାତାୟତ ଠପ୍। ଘଟଣାସ୍ଥଳ ରେ ସ୍ଥାନୀୟ ପୁଲିସ ପହଞ୍ଚି ଲୋକଙ୍କୁ ସତର୍କ କରୁଥିବା ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ଯାଏ କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନଥିବା ଜଣାପଡିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଜାତୀୟ ରାଜପଥ ୧୬ ତୁର୍କେଲ ତେଲନଦୀ ଉପରେ ଥିବା ବ୍ରିଜରେ ଏକାଧିକ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ବ୍ରିଜ୍ ସାମନ୍ୟ ଦବି ଯାଇଛି। ଏଥି ସହିତ ଖାଲଖମାରେ ଭର୍ତ୍ତି ହେଇଛି ବ୍ରିଜ। ଫଳରେ ବାନୀପାଟଣା ନୂଆପଡ଼ା ମଧ୍ୟରେ ଯାତାୟତ ବନ୍ଦ ଥିବାରୁ ଉଭୟ ପାଶ୍ୱର୍ରେ ଯାନବାହାନ ଅଟକି ରହିଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ସତର୍କ କରୁଥିବା ବେଳେ ବର୍ତ୍ତମାନ୍ ସୁଦ୍ଧା କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନଥିବା ଜଣାପଡିଛି ।

# ରୋଗ ଉଜାଡ଼ିଛି ସୁନାସଂସାର

**ମୟୂରଭଞ୍ଜ,୨୭।୯(ସଂଚାର ବ୍ୟୁରୋ):** ରୋଗ ଉଜାଡ଼ିଦେଇଛି ସୁନାସଂସାର। ବେସାହାରା ହୋଇଯାଇଛି ଗୋଟେ ପରିବାର। ସ୍ତ୍ରୀ ଚାଲିବାକୁ ସକ୍ଷମ ହେଉନି, ସ୍ୱାମୀକୁ କଷ୍ଟ ଦେଉଛି ପେଟ ଯନ୍ତ୍ରଣା। ଆର୍ଥିକ ଅଭାବରେ



ଘାଣ୍ଟି ହୋଇ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ମୟୂରଭଞ୍ଜ ଜିଲ୍ଲା ବାଛୁରୀପଡ଼ା ଗାଁର ସୁରେଶ ବରଜ। ଗୋଟିଏ ପଟେ ଦାରିଦ୍ର୍ୟ । ଆଉ ଗୋଟିଏ ପଟେ ରୋଗ । ନିୟତିର ନିଷ୍ଠୁରତା ଆଗରେ ହାର ମାନିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବାଛୁରୀପଡ଼ା ଗାଁର ସୁରେଶ ବରଜଙ୍କ ପରିବାର । ଏ ଘଟଣା ହିଁ ଏମାନଙ୍କ ଅସହାୟତା ଏବଂ ଦୁଃଖ ବଖାଣୁଛି । ୫ ବର୍ଷ ହେଲାଣି ସ୍ତ୍ରୀ ଅଜଣା ରୋଗରେ ପୀଡ଼ିତ। ଦୁଇ ଗୋଡ଼ ହାତରୁ ପୁଳା ପୁଳା ମାଂସ ଖସୁଛି । ସ୍ତ୍ରୀର ଚିକିତ୍ସା କଥା ବୁଝୁବୁଝୁ ଜାଣିଲେ ନିଜର ୨ଟି ଯାକ କିଡ୍‌ନି ନଷ୍ଟ ହୋଇଯାଇଛି । ଦୁଃଖର ପାହାଡ଼ ତଳେ ଦବି ହୋଇ ବଞ୍ଚିବାର ରାହା ଖୋଜୁଛି ପରିବାର । ଘରେ ରୋଜଗାର କରିବାକୁ କେହିନାହାଁ। ସୁରେଶ ପର ଘରେ ପାଇଟି କରି ଝିଅକୁ କଷ୍ଟେମଷ୍ଟେ ବାହା ଦେଇଥିଲେ। ଏବେ ପୁଅ ପଢ଼ା ଛାଡ଼ି ଗୋରୁ ଚରାଉଛି। ଯେଉଁଠି ପେଟକୁ ମୁଠାଏ ଦାନା ପାଇଁ ସଂଘର୍ଷ କରିବାକୁ ପଡୁଛି, ସେଠି ଘର କଥା କ'ଣ ବା ବୁଝିବେ। ପଲିଥିନ ଟଣା ଦଦରା କୁଡ଼ିଆରେ ରହୁଛନ୍ତି ୩ ପ୍ରାଣୀ କୁଟୁମ୍ବ। ଏଭଳି ପରିସ୍ଥିତିରେ କେବଳ ସରକାରୀ ସହାୟତା ହିଁ ଏହି ପରବାରର ଏକମାତ୍ର ସାହା ଓ ଭରସା । ସ୍ଥାନୀୟ ପ୍ରଶାସନ ଯଦି ଏହି ପରିବାରକୁ ସହାୟ ନହେବେ ତାହେଲେ ଉଜୁଡିଯିବ ଏହି ରୋଗିଣା ଦମ୍ପତିଙ୍କ ପରିବାର। ଅନ୍ଧକାର ହୋଇଯିବ ଗୋଟେ ପୁଅର ଭବିଷ୍ୟତ ।

# ବିଦ୍ୟା ମନ୍ଦିରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ

**ବେତନଟୀ,୨୭।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ଦେବବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୦୧ ମସିହା ପାଖରୁ ଏହି ବେତନଟୀ ଶିଶୁ ମନ୍ଦିର ହଜାର ହଜାର ଶିଶୁ ଭାଇଭଉଣୀ ମାନଙ୍କୁ ଶିକ୍ଷାଦାନ କରିଆସୁଅଛି। ବେତନଟୀ ପ୍ରଧାନଆଚାର୍ଯ୍ୟା ତଥା ବେତନଟୀ ସଂକୁଳ ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ବିଭାଗ ନୀରିକ୍ଷକ ବିଜନ କୁମାର ଜେନା, ପୂର୍ବୋତ୍ତର ସମ୍ଭାଗ ର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ବେତନଟୀ ସଂକୁଳ ପ୍ରମୁଖ ଶଶିଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂର୍ବ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟାଙ୍କ ସହିତ ନୂତନ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ। ପ୍ରଥମେ ଓଁ ଧ୍ୱନୀ ଉଚ୍ଚାରଣ କରି ଉକ୍ତ ବୈଠକ ଆରମ୍ଭ ହୋଇଥିଲା। ଶିକ୍ଷା ବିକାଶ ସମିତି ର ସ୍ୱିକୃତୀ ଅନୁଯାୟୀ ନୂତନ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ପରିଚାଳନା କମିଟିର ସଭାପତି ଭାବେ ସମାଜସେବୀ ପ୍ରକାଶ ବେହେରା, ଉପସଭାପତି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ, ସମ୍ପାଦକ ଭାବେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର କାର୍ଯ୍ୟ କାରୀ ସଭାପତି ଶାନ୍ତନୁ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଇକୋ କ୍ଲବର ମାଷ୍ଟର ଟ୍ରେନର ରମାକାନ୍ତ ମହାନ୍ତ, କୋଷାଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଡାକ ବିଭାଗର ବରିଷ୍ଠ ଅଧିକାରୀ ସୁଶେନ କୁମାର ମହାନ୍ତ, ସଦସ୍ୟା ପୁଷ୍ପଲତା ମହାର୍ଣ୍ଣା, ଚମ୍ପାବତୀ ମାଝୀ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ।

# ମା' ସମଲେଶ୍ୱରୀଙ୍କ କାତ୍ୟାୟନୀ ବେଶ, ଦର୍ଶନ ପାଇଁ ଭିଡ଼

**ବରଗଡ଼,୨୭।୯ (ସଂଚାର ବ୍ୟୁରୋ):** ଶାରଦୀୟ ପୂଜନୋତ୍ସବରେ ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶରୀ ଶନିବାର କାତ୍ୟାୟନୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ବେଶରେ ଦେବୀଙ୍କ ଦର୍ଶନ ପାଇଁ ସ୍ଥାନୀୟ




ସମଲେଶରୀ ମନ୍ଦିରରେ ଭକ୍ତଙ୍କ ଭିଡ ହୋଇଛି । ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ଆସି ଦେବୀଙ୍କୁ ଦର୍ଶନ କରୁଛନ୍ତି । ଭକ୍ତମାନଙ୍କ ସମସ୍ତ ସୁବିଧା ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

# ୪ ଜିଲ୍ଲା ପରିଷଦମାନଙ୍କ ସମୀକ୍ଷା ବୈଠକ

## ପଡିରହିଥିବା ପ୍ରକଳ୍ପ ନଭେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

**ଅନୁଗୋଳ,୨୭।୯(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲା ପ୍ରଦକ୍ଷଣ ଗୃହ (ସର୍କିଟ ହାଉସ) ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ କ୍ରମେ ଚାରି ଗୋଟି ଜିଲା ଯଥା କଟକ, ଢେଙ୍କାନାଳ ଦେବଗଡ଼, ଅନୁଗୋଳର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦମାନଙ୍କର ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଗିରିଶ ଏସ. ଏନ, ଆୟୁକ୍ତ ତଥା ଶାସନ ସଚିବ ଅଧ୍ୟକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ



ପଞ୍ଚାୟତିରାଜ ଯୋଗଦେଇ ବିଭିନ୍ନ ଯୋଜନା ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା (ମନରେଗା), ଗ୍ରାମୀଣ ଗୃହ ନିର୍ମାଣ, ବିକଶିତ ଗାଁ ଓ ବିକଶିତ ଓଡ଼ଶା ଇତ୍ୟାଦି ଯୋଜନାର ସମୀକ୍ଷା କରାଯାଇଥିଲା। ବୈଠକରେ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ଅନ୍ତୋଦୟ ଗୃହ ଯୋଜନା ଅଗ୍ରଗତି ଉପରେ ଆଲୋଚନା କରି ଅସମ୍ପୂର୍ଣ୍ଣ ଗୃହଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ଜିଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି।

# ସବସିଡି ଲୋନ ନାମରେ ଲକ୍ଷାଧିକ ଠକେଇ

**ମାଲକାନଗିରି,୨୬।୯(ସଂଚାର ବ୍ୟୁରୋ):** ସବସିଡ଼ ଲୋନ କରିଦେବା ନାମରେ ଲକ୍ଷାଧିକ ଟଙ୍କା ଠକାଇ ଅଭିଯୋଗରେ ମହିଳା ବ୍ୟାଙ୍କ ମିତ୍ରଙ୍କୁ ମୋଟୁ ଜେଏମସି କୋର୍ଟ ପକ୍ଷରୁ ତିନିବର୍ଷ କରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି।




ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲା ମୋଟୁସ୍ଥ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟ କରୁଥିବା ଶ୍ରୀମତୀ ଶାରଳା ମଣ୍ଡଳ ନାମକ ଜଣେ ମହିଳା ଏମଭି ୭୯, ମୋଟୁ, ଅଞ୍ଚଳର ଅନେକ ଲୋକଙ୍କୁ ସବସିଡ ଲୋନ କରାଇଦେୱା ପାଇଁ ୨୦୨୪ ମସିହାରେ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବାରୁ ଉକ୍ତ ମହିଳା ଫେରାର ହୋଇଯାଇଥିଲେ। ତେବେ ତାଙ୍କୁ ପୋଲିସ ଆନ୍ଧ୍ରପ୍ରଦେଶରୁ ଗିରଫ କରି କୋର୍ଟ ପଠାଇଥିଲେ।

ଶୁକ୍ରବାର ସେହି କେସର ଶୁଣାଣି ମୋଟୁ ଜେଏମସି କୋର୍ଟରେ ଥିଲା। ମୋଟୁ ଜେଏମସି ଜଜ ଅଂଶୁମାନ ଦାଶ ସାକ୍ଷୀ ପ୍ରମାଣକୁ ଆଧାର କରି ବ୍ୟାଙ୍କ ମିତ୍ର ମହିଳା ଶାରଳା ମଣ୍ଡଳଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ତିନିମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ନିର୍ଦ୍ଦେଶ ରହିଛି। ଏହି କେସଟିକୁ ସରକାରୀ ଓକିଲ ତାପସ କୁମାର ନାଥ ପରିଚାଳନା କରିଥିଲେ।

# ବିରଳ ବଜ୍ରକାପ୍ତା ଉଦ୍ଧାର

**ଖଲ୍ଲିକୋଟ,୨୬।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଖୋଜାପଲ୍ଲୀ ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର। ଖଲ୍ଲିକୋଟ ବନ କର୍ମଚାରୀମାନେ ବଜ୍ରକାପ୍ତାଟିକୁ ଉଦ୍ଧାର କରି ଖଲ୍ଲିକୋଟ ବନାଞ୍ଚଳର ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଛନ୍ତି। ଏହାର ଓଜନ ପ୍ରାୟ ୩ କିଲୋ ହୋଇଥିବା ବେଳେ ଲମ୍ବ ଦୁଇ ଫୁଟ ହେବ ବୋଲି ଜଣାପଡିଛି।



ଶୁକ୍ରବାର ବିଳମ୍ୱିତ ରାତି ପ୍ରାୟ ଗୋଟାଏ ବେଳେ ଖୋଜାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଏକ ବଜ୍ରକାପ୍ତା ପଶି ଯାଇଥିଲା। ଏହା ଦେଖି ଘର ପରିବାର ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଖଲ୍ଲିକୋଟ ବନ କର୍ମଚାରୀମାନେ ପହଞ୍ଚି ବଜ୍ରକାପ୍ତାଟିକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଆଜି ଭୋର ପ୍ରାୟ ୪ ଟା ସମୟରେ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦିବ୍ୟ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ନୀଳମାଧବ ଜେନା, ସନ୍ତୋଷ ବେହେରା, ସନ୍ତୋଷ ମଲ୍ଲିକ ଓ ଫରେଷ୍ଟ ଗାର୍ଡ ରଜେଶ୍ୱର ବେହେରା ପ୍ରମୁଖ ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟିକୁ ଖଲ୍ଲିକୋଟ ବନାଞ୍ଚଳର ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ତେବେ ଉଦ୍ଧାର ବଜ୍ରକାପ୍ତାଟିର ଓଜନ ପ୍ରାୟ ୩ କିଲୋ ହୋଇଥିବା ବେଳେ ଲମ୍ବ ଦୁଇ ଫୁଟ ହେବ ବୋଲି ଜଣାପଡିଛି।

# ପୁତୁରାକୁ ପିଟି ପିଟି ମାରିଲା ଦାଦା, ପୁଲିସ ତଦନ୍ତ ଜାରି

**ବନ୍ତଳା,୨୬।୯(ସଂଚାର ବ୍ୟୁରୋ):** ପୁତୁରାକୁ ପିଟି ପିଟି ମାରିଦେଲା ଦାଦା। ମୃତକ ହେଉଛନ୍ତି ବଡ଼ କଞ୍ଜିନି ଗାଁର ସୁଦର୍ଶନ ଦାସ। ଅନୁଗୁଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ




ବଡ଼ କଞ୍ଜିନି ଗାଁରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ସୁଦର୍ଶନଙ୍କ ଦାଦା ବସନ୍ତ ଦାସ ଜଣେ ମାନସିକ ରୋଗୀ । ସେ ଗାଁଠାରୁ ଦୂରରେ ଥିବା ମଶାଣି ନିକଟରେ ରୁହନ୍ତି। ଗତକାଲି ରାତିରେ ବସନ୍ତଙ୍କ ପାଇଁ ସୁଦର୍ଶନ ଖାଇବା ନେଇ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ସୁଦର୍ଶନ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଦୀର୍ଘ ସମୟ ଧରି ଖୋଜିଥିଲେ । ପରେ ସୁଦର୍ଶନଙ୍କ ମୃତ ଶରୀର ମଶାଣି ନିକଟରେ ପଡିଥିବାର ଦେଖିବାକୁ ପାଇଥିଲେ। ତାଙ୍କ ଦାଦା ବସନ୍ତ ସୁଦର୍ଶନଙ୍କୁ ପିଟି ପିଟି ମାରିଦେଇ ଥିବା ଜଣା ପଡ଼ିଥିଲା। ପରେ ଗ୍ରାମବାସୀ ବସନ୍ତଙ୍କୁ କାବୁ କରି ଏକ ଗଛରେ ବାନ୍ଧି ଦେଇଥିଲେ। ଏସମ୍ପର୍କରେ ଖବର ପାଇ ସଦର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।

# ତିର୍ତ୍ତୋଲରେ ବଢ଼ିଲା ମହାନଦୀ ଜଳସ୍ତର

## ୫୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ

**ଜଗତସିଂହପୁର,୨୬।୯(ସଂଚାର ବ୍ୟୁରୋ):** ମହାନଦୀରେ ବନ୍ୟା ଜଳ ବୃଦ୍ଧି ପାଇବା ଯୋଗୁଁ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ କୋଟକଣା ଆଦିବାସୀ ସାହି ବାହ୍ୟ ଜଗତରୁ ବିଛିନ୍ନ ହୋଇଛି। ଗାଁକୁ ସଂଯୋଗ ହୋଇଥିବା ରାସ୍ତା ଉପରେ ଶନିବାର ସକାଳୁ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି ।



ଯାହା ଫଳରେ ୨୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇପଡିଛନ୍ତି । ସେହିପରି ତିର୍ତ୍ତୋଲ ଆଦିବାସୀ ସାହିରେ ମଧ୍ୟ ଶନିବାର ସକାଳେ ବନ୍ୟା ପାଣି ପଶିବା ଆରମ୍ଭ କରିଛି। ଫଳରେ ୩୦ରୁ ଉର୍ଦ୍ଧ୍ୱ ପରିବାର ଘର ଛାଡ଼ି ଆସି ନଦୀ ବନ୍ଧରେ ଆଶ୍ରୟ ନେଇଛନ୍ତି । ଉକ୍ତ ସ୍ଥାନରେ ସ୍ଥାନୀୟ ପ୍ରଶାସନ ପହଞ୍ଚି ସ୍ଥିତି ତଦାରଖ କରିଛି । ବନ୍ୟାଜଳ ବୃଦ୍ଧି ପାଉଥିବା ଯୋଗୁଁ ଏହି ଗାଁ ସମେତ ମଣିଜଙ୍ଗା ଓ ହରିପୁର ଆଦି ଗାଁର ଲୋକମାନେ ଭୟଭୀତ ହୋଇନପଡିଛନ୍ତି ।